ଓଡ଼ିଶା ବିଧାନସଭା

ଅଷ୍ଟମ ଅଧିବେଶନ

ଲିଖିତ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

୨୬ ନଭେମ୍ବର ୨୦୨୬

[ମୁଖ୍ୟମନ୍ତ୍ରୀ - ଇସ୍ପାତ ଓ ଖଣି - ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା - ବାଣିଜ୍ୟ - ପରିବହନ - ଜଳ ସମ୍ପଦ - ଯୋଜନା ଓ ସଂଯୋଜନ - ସୂଚନା ଓ ଲୋକ ସମ୍ପର୍କ].

ମୋଟ ପ୍ରଶ୍ନର ସଂଖ୍ୟା - 332

କଳିଙ୍ଗ ଆଇରନ ୱାର୍କ୍ସ କାରଖାନାର ପୁନଃ ଉଦ୍ଧାର

718 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାର ଚମ୍ପୁଆ ନିର୍ବାଚନ ମଣ୍ଡଳୀ ସ୍ଥିତ ବଡ଼ବିଲ ଠାରେ କଳିଙ୍ଗ ଆଇରନ ୱାର୍କ୍ସ କାରଖାନା ଦୀର୍ଘ 15 ବର୍ଷ ହେବ ଗଢି ଉଠିଥିବାରୁ ପ୍ରତ୍ୟେକ୍ଷ/ ପରୋକ୍ଷ ଭାବରେ ହଜାର ହଜାର ଲୋକ ନିଯୁକ୍ତି ପାଇ ପରିବାର ପ୍ରତି ପୋଷଣ କରିବା ସଙ୍ଗେ ସଙ୍ଗେ ଦୋକାନ ବଜାର ଗଢି ଉଠିଥିଲା , ଦୁଃଖ ଓ ପରିତାପର ବିଷୟ ଆଜକୁ 15 ବର୍ଷ ହେବ 'କଳିଙ୍ଗ ଆଇରନ ୱାର୍କ୍ସ ' କାରଖାନାଟି ବନ୍ଦ ହୋଇ ଯାଇଥିବାରୁ ହଜାର ହଜାର ଲୋକ ଭୋକ ଉପାସରେ ସତୁଛନ୍ତି ଏବଂ ଗଢି ଉଠିବା ଥିବା ଦୋକାନ ବଜାର ଛାର ଖାର ହୋଇ ଯାଇଅଛି, ତେଣୁ ଉକ୍ତ କାରଖାନାଟିକୁ ପୁନଃ ଉଦ୍ଧାର କରିବାକୁ ପଦକ୍ଷେପ ନେବେ କି ?

SC / ST ଲୋକଙ୍କୁ ପ୍ରମାଣପତ୍ର ପାଇବାରେ ବିଳମ୍ବ

938 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ତିର୍ତ୍ତୋଲ ନିର୍ବାଚନ ମଣ୍ଡଳି ତିର୍ତ୍ତୋଲରେ SC / ST ଲୋକଙ୍କୁ ଜାତି ପ୍ରମାଣ ପତ୍ର, ଆୟ ପ୍ରମାଣ ପତ୍ର ଓ ନିବାସ ପ୍ରମାଣ ପତ୍ର ପାଇବାରେ ବହୁତ ବିଳମ୍ବ ହେଉଛି ଏହାକୁ ସହଜ କରିବା ପାଇଁ କଣ ପଦକ୍ଷେପ ଗ୍ରହଣ କରିଛନ୍ତି ?

ସିନିୟର ସିଟିଜେନଙ୍କ ପାଇଁ ବାସଗୃହ ବ୍ୟବସ୍ଥା

1472 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ ସିନିୟର ସିଟିଜେନ ସୋସାଇଟି ତରଫରୁ କଟକ ସହର ତଥା ସିଡିଏ ଅଂଚଳରେ ମାସିକ ବୈଠକ ତଥା ଦୈନନ୍ଦିନ ବସାଉଠା ପାଇଁ ଏକ ଜାଗା ଯୋଗାଇଦେବାକୁ ସେମାନେ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିବା ପ୍ରତି ସରକାର ସଚେତନ ଅଛନ୍ତି କି, ଉତ୍ତର ହଁ ହେଲେ ସେମାନଙ୍କ ସୋସାଇଟି ନିମନ୍ତେ ଏକ ଜାଗା ଅଥବା ସରକାରୀ ବାସଗୃହ ଯୋଗାଇ ଦେବାକୁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

କୋଟିଆ ପ୍ୟାକେଜ୍

1542 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) କୋରାପୁଟ ଜିଲ୍ଲା ପଟାଙ୍ଗୀ ବ୍ଲକର ବିବାଦୀୟ କୋଟିଆ ଗ୍ରାମପୁଞ୍ଜରେ ଆନ୍ଧ୍ର ପ୍ରଦେଶ ପ୍ରଶାସନ ଦ୍ୱାରା ବାରମ୍ବାର କରାଯାଉଥିବା ଅନୁପ୍ରବେଶ, ଭୋଟର ତାଲିକା ପ୍ରସ୍ତୁତି, ନିର୍ବାଚନ ପରିଚାଳନା ଏବଂ ବିଭିନ୍ନ ଯୋଜନାର ପ୍ରଲୋଭନ ବିଷୟରେ ରାଜ୍ୟ ସରକାର ଅବଗତ ଅଛନ୍ତି କି, ଯଦି ଜାଣିଛନ୍ତି ତେବେ ପ୍ରଶାସନ କଣ ପଦକ୍ଷେପ ନେଇଛି, (ଖ) ବିଗତ ତିନି ବର୍ଷ ମଧ୍ୟରେ କୋଟିଆ ପଞ୍ଚାୟତର ୨୧ଟି ଗ୍ରାମ ଏବଂ ଆଖପାଖ ଅଞ୍ଚଳରେ ଆନ୍ଧ୍ର ସରକାରଙ୍କ ବେଆଇନ ହସ୍ତକ୍ଷେପ ରୋକିବା ପାଇଁ ରାଜ୍ୟ ସରକାର କେଉଁ କେଉଁ ଠୋସ୍ ଆଇନଗତ ତଥ୍ୟ ପ୍ରଶାସନିକ ପଦକ୍ଷେପ ଗ୍ରହଣ କରିଛନ୍ତି ତାହା ଉପସ୍ଥାପନା କରିବେ କି, କୋଟିଆ ଅଞ୍ଚଳବାସୀଙ୍କ ସୁରକ୍ଷା, ଆଇନଶୃଙ୍ଖଳା ରକ୍ଷା ତଥା ସୀମା ନିରୀକ୍ଷଣ ପାଇଁ ସେଠାରେ ସ୍ଥାୟୀ ପୋଲିସ ଫାଣ୍ଡି/ଥାନା, ସଶସ୍ତ୍ର ବାହିନୀ ମୁତୟନ ଏବଂ ପ୍ରଶାସନିକ ନିରୀକ୍ଷଣ ବ୍ୟବସ୍ଥା କେତେଦୂର ସୁଦୃଢ଼ କରାଯାଇଛି ତାହା ସ୍ପଷ୍ଟ କରିବେ କି, ରାଜ୍ୟ ସରକାରଙ୍କ ପକ୍ଷରୁ କୋଟିଆ ପାଇଁ ଘୋଷଣା କରାଯାଇଥିବା ସ୍ୱତନ୍ତ୍ର ବିକାଶ ପ୍ୟାକେଜ୍ ଅଧିନରେ ରାସ୍ତାଘାଟ, ସ୍ୱାସ୍ଥ୍ୟକେନ୍ଦ୍ର, ଓଡ଼ିଆ ମାଧ୍ୟମ ବିଦ୍ୟାଳୟ, ବିଦ୍ୟୁତୀକରଣ ଓ ପାନୀୟ ଜଳ ଯୋଗାଣ କାର୍ଯ୍ୟର ବର୍ତ୍ତମାନର ସ୍ଥିତି କ'ଣ ଏବଂ ଏଥିପାଇଁ କେତେ ଧନରାଶି ଖର୍ଚ୍ଚ ହୋଇଛି ?

ଟ୍ରକ୍ ଟର୍ମିନାଲ ନିର୍ମାଣ

1588 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

ପରିବହନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଳେଶ୍ୱର ଥାନା ଅଞ୍ଚଳସ୍ଥିତ ଜାତୀୟ ରାଜ ପଥ-୬୦ (୬୦) ସନ୍ନିକଟ ଟ୍ରକ୍ ଟର୍ମିନାଲ ନିର୍ମାଣ ନିମନ୍ତେ ପୋଲିସ୍ ହାଉସିଂ କର୍ପୋରେସନକୁ ଦାୟୀତ୍ୱ ନ୍ୟସ୍ତ କରାଯାଇଛି କି, ଏହାର ନିର୍ମାଣ କେବେ ସୁଦ୍ଧା ଆରମ୍ଭ ହେବ, ମୋଟ କେତେ ଟଙ୍କାର ପ୍ରକଳ୍ପ ସରକାର ମଞ୍ଜୁର କରିଛନ୍ତି ?

Outsourcing Driver, Conductorଙ୍କୁ ନିଯୁକ୍ତି

1716 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

ପରିବହନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶା ପରିବହନ ନିଗମର Contractual Driver ଓ Conductor ବଳକା (Regular Duty) କୁ ନିଅଣ୍ଟ ଥିବାବେଳେ ଅଯଥାରେ କେବେ ଠାରୁ କେତେ ଜଣ Driver, Conductor ଙ୍କୁ Outsourcing ରେ ନିଯୁକ୍ତି କରିଛନ୍ତି ସବିଶେଷ ତଥ୍ୟ ପ୍ରଦାନ କରିବା ସହ ଅର୍ଥ ବିଭାଗର କେଉଁ ପତ୍ର ସଂଖ୍ୟାରେ କେତେ ଜଣ Outsourcing ର ନିଯୁକ୍ତି ପାଇଁ ପତ୍ରାଳପ ହୋଇ ଅନୁମୋଦନ ହୋଇଛି ?

କ୍ୟାଣ୍ଟିନ୍ ପାଇଁ ଅନୁଦାନ

2117 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡପଡା ସହରାଞ୍ଚଳ ସ୍ଥିତ ମହିଳା କନିଷ୍ଠ ମହାବିଦ୍ୟାଳୟରେ ସ୍ମାର୍ଟ କ୍ଲାସ ରୁମ୍ ଓ ଲାଇବ୍ରେରୀ ପାଇଁ ଖଣ୍ଡପଡା ବ୍ଲକ ସହାୟତାରେ ନିର୍ମାଣାଧିନ ଅତିରିକ୍ତ ଶ୍ରେଣୀ ଗୃହ ଅଧାପନ୍ତରିଆ ହୋଇ ଅବ୍ୟବହୃତ ଅବସ୍ଥାରେ ରହିଛି ; ଏଥିପାଇଁ ଆବଶ୍ୟକ ପଡୁଥିବା ଅତିରିକ୍ତ 10 ଲକ୍ଷ ଟଙ୍କା ମଂଜୁର କରାଗଲେ ଏହା ସମ୍ପୂର୍ଣ୍ଣ ହୋଇପାରନ୍ତା ବୋଲି ବ୍ଲକ ପ୍ରଶାସନ ସୂଚନା ଦେଇଛି ; ଏଥିପ୍ରତି ବିଭାଗୀୟ ପଦକ୍ଷେପ ଗ୍ରହଣ କରିବେ କି ; ତତ୍ ସହିତ ଆନୁସଂଗିକ ସୁବିଧା ଯଥା ସାଇକେଲ ଷ୍ଟାଣ୍ଡ ଓ କ୍ୟାଣ୍ଟିନ୍ ପାଇଁ ଅନୁଦାନ ମଂଜୁର କରିବେ କି ; ନୟାଗଡ ମୁଖ୍ୟାଳୟ ଠାରେ ଏକ ମଲଟିପ୍ଲେକ୍ସ ଓ କନଭେନସନ୍ ସେଣ୍ଟର ପାଇଁ ପଦକ୍ଷେପ ନେବେ କି?

ଖଣ୍ଡପଡାକୁ ରାଜସ୍ୱ ସବଡିଭିଜନ୍ ମାନ୍ୟତା ପ୍ରଦାନ

2118 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡପଡା ନିର୍ବାଚନ ମଣ୍ଡଳୀର ଖଣ୍ଡପଡାକୁ ରାଜସ୍ୱ ସବଡିଭିଜନ୍ ମାନ୍ୟତା ପାଇଁ ପଦକ୍ଷେପ ନିଆଯିବ କି ; ଯଦି ହଁ, କେବେ ସୁଦ୍ଧା ଏନେଇ ବିଜ୍ଞପ୍ତି ପ୍ରକାଶିତ ହେବ?

ପ୍ରସ୍ତାବିତ ବିମାନ ବନ୍ଦର ସ୍ଥାପନ ସମ୍ପର୍କରେ

2119 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

ପରିବହନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପ୍ରସ୍ତାବିତ ପୁରୀ ଆନ୍ତର୍ଜାତିକ ବିମାନ ବନ୍ଦର ପୂର୍ବରୁ ଜନଶୁଣାଣି କରାଯାଇଛି କି ; ଏଥିପାଇଁ ପରିବେଶ ଅନୁମତି ମିଳିଛି କି ; ପ୍ରସ୍ତାବିତ ବିମାନ ବନ୍ଦର କୌଣସି ପରିବେଶ ସମ୍ବେଦନଶୀଳ ଅଞ୍ଚଳ, ସଂରକ୍ଷିତ ପରିବେଶ କ୍ଷେତ୍ର କିମ୍ବା ଉପକୂଳ ପରିବେଶ ନିକଟରେ ଅବସ୍ଥିତ କି ; ଏହି ପ୍ରକଳ୍ପ ଅଞ୍ଚଳରେ ଥିବା ସ୍ଥାନୀୟ ଓ ପ୍ରବାସୀ ପକ୍ଷୀଙ୍କ ପ୍ରଜାତି ସଂଖ୍ୟା, ବନ୍ୟଜନ୍ତୁ ଓ ଉପକୂଳ ପରିବେଶ ଉପରେ ସମ୍ଭାବ୍ୟ ପ୍ରଭାବ ଏବଂ କେତେ ପରିମାଣର ଜଙ୍ଗଲ ଜମି ଅନ୍ୟ କାର୍ଯ୍ୟରେ ବିନିଯୋଗ ହେବାକୁ ରହିଛି ; ସେ ସମ୍ପର୍କରେ ସରକାର କଣ ଆକଳନ କରିଛନ୍ତି ; ଏହି ସହିତ ଏହି ପ୍ରକଳ୍ପ ଯୋଗୁଁ କେତେ ପରିବାର ବିସ୍ଥାପିତ ହେବେ ସେମାନଙ୍କ ଥଇଥାନ ଓ ପୁନଃର୍ବାସ ନିମନ୍ତେ କି ବ୍ୟବସ୍ଥା କରାଯାଇଛି ; ପରିବେଶ ସମ୍ପର୍କିତ ଆପତ୍ତି ଓ ଜନସାଧାରଣଙ୍କ ଉଦବେଗର ସମାଧାନ ପାଇଁ ପରିବେଶଗତ ଅନୁମତି ପୂର୍ବରୁ ସରକାର କେଉଁ ପଦକ୍ଷେପ ନେଇଛନ୍ତି?

ଜଳ ନିଷ୍କାସନ ଏବଂ ବନ୍ୟା ନିୟନ୍ତ୍ରଣ

2120 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍କୀ ଅଞ୍ଚଳରେ ବର୍ଷା ସମୟରେ ବନ୍ୟା ସୃଷ୍ଟିରେ ମୁଖ୍ୟ ଭୂମିକା ଗ୍ରହଣ କରୁଥିବା ରେଣୁକା ଓ ଋଣ ନଦୀର ଜଳ ନିଷ୍କାସନ ବ୍ୟବସ୍ଥା ପାଇଁ ଏକ ସମୁଚିତ ମାଷ୍ଟରପ୍ଲାନ ପ୍ରସ୍ତୁତ କରି ଅଞ୍ଚଳରେ ସ୍ଥାୟୀ ବନ୍ୟା ନିୟନ୍ତ୍ରଣ ପାଇଁ ସରକାରଙ୍କ ଯୋଜନା ଥିଲେ ଏ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି?

ସରକାରୀ କାର୍ଯ୍ୟାଳୟ ସ୍ଥାପନ

2121 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍କୀ ଉପଖଣ୍ଡରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟଗୁଡିକ ଗୋଟିଏ ସ୍ଥାନରେ ପ୍ରତିଷ୍ଠା କରିବାକୁ ଜାଗା ବ୍ୟବସ୍ଥା କରିବାକୁ ସରକାରଙ୍କ ପ୍ରସ୍ତାବ ଅଛି କି ; ଉତ୍ତର ହଁ ହେଲେ ବିଭିନ୍ନ ସରକାରୀ ଅବ୍ୟବହୃତ ଜମିକୁ ବିନିଯୋଗ କରି ସରକାରୀ କାର୍ଯ୍ୟାଳୟ ସ୍ଥାପନ ପାଇଁ ସରକାର ବ୍ୟବସ୍ଥା କରିବେ କି ?

ଭୂତଳ ଜଳ ହ୍ରାସ

2122 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜଧାନୀ ଭୁବନେଶ୍ୱର, କଟକ, ଜଟଣୀ, ଖୋର୍ଦ୍ଧା, ପିପିଲି ସହର ସହିତ ଭୁବନେଶ୍ୱର ଜଟଣୀ, ଖୋର୍ଦ୍ଧା, ପିପିଲି, ବେଗୁନିଆ, ବାଲିଅନ୍ତା, ବାଲିପାଟଣା, ବାରଙ୍ଗ, କଟକ ସଦର, ବ୍ଲକ ଅଞ୍ଚଳର ଭୂତଳ ଜଳସ୍ତର ବିଗତ 5 ବର୍ଷରେ କେତେ ହ୍ରାସ ବୃଦ୍ଧି ଘଟିଛି ପ୍ରକାଶ କରି ଏହି ଅଞ୍ଚଳରେ ହେଉଥିବା କଳକାରାଖାନା, କୋଠାବାଡି, ବ୍ୟବସାୟିକ ପ୍ରତିଷ୍ଠାନ ପାଇଁ ମାସିକ କେତେ ଜଳର ଆବଶ୍ୟକତା ରହିଛି ; ଆଗାମୀ 5 ବର୍ଷରେ କେତେ ଜଳର ଆବଶ୍ୟକତା ଅନୁଭୂତ ହେବ ତାହା କେଉଁ ସୂତ୍ରରୁ ଆହରଣ କରାଯିବ ; ବର୍ତ୍ତମାନର ଆବଶ୍ୟକତା ପାଇଁ କେତେ ଜଳ ଆବଶ୍ୟକ ହେବ ଏହି ଜଳ କେଉଁ ଉତ୍ସରୁ ସଂଗୃହିତ ହେବ ପ୍ରକାଶ କରି ବ୍ୟାପକ ଜଳ ବ୍ୟବହାର ହେତୁ ଭୂତଳ ଜଳସ୍ତର ହ୍ରାସହେତୁ ଏହି ଅଞ୍ଚଳ ଦିନେ ଶୁଷ୍କ ହେବାର ସମ୍ଭାବନା ପରିପ୍ରେକ୍ଷୀରେ ଜଳର ସଂରକ୍ଷଣ, ଭୂତଳ ଜଳର ପୁନଃଭରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

କ୍ଷୟକ୍ଷତି ସହାୟତା ରାଶି ପ୍ରଦାନ

2123 **ଶ୍ରୀ ବିଭୁତି ଭୂଷଣ ବଳବନ୍ତରାୟ (ଜଟଣୀ):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବନ୍ୟା, ବାତ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଫସଲହାନୀ ପାଇଁ ଚାଷୀମାନଙ୍କୁ ହେକ୍ଟର ପିଛା କେତେ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯାଉଛି ପ୍ରକାଶ କରି ଚାଷୀମାନଙ୍କର ଫସଲଚାଷ ନିମିତ୍ତ କୃଷି ବିଭାଗର ଆକଳନ ଅନୁଯାୟୀ ଖର୍ଚ୍ଚ ଆଧାରରେ ଚାଷୀମାନଙ୍କୁ ଫସଲ କ୍ଷୟକ୍ଷତି ଜନୀତ ସହାୟତା ରାଶି ପ୍ରଦାନ ପାଇଁ ସରକାର ବ୍ୟବସ୍ଥା କରିବେ କି?

ଭୁବନେଶ୍ୱରକୁ ଜିଲ୍ଲା ଘୋଷଣା

2124 **ଶ୍ରୀ ବିଭୁତି ଭୂଷଣ ବଳବନ୍ତରାୟ (ଜଟଣୀ):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜଧାନୀ ଭୁବନେଶ୍ୱରକୁ ଜିଲ୍ଲା ଘୋଷଣା ପାଇଁ ନାଗରିକ କମିଟି ଓ ସର୍ବଦଳୀୟ ଦାବୀ କରାଯାଇଥିବା ସମ୍ପର୍କରେ ସରକାର ଅବଗତ ଅଛନ୍ତି କି ; ଉତ୍ତର ହଁ ହେଲେ ରାଜଧାନୀ ଭୁବନେଶ୍ୱରକୁ ଜିଲ୍ଲା ଘୋଷଣା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

ସଂଶୋଧିତ ଖଣି ଆଇନ ଏବଂ ରାଜସ୍ୱ ଆୟ

2125 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦ୍ର ସରକାରଙ୍କ ସଂଶୋଧିତ ଖଣି ଓ ଖଜିଜ ପଦାର୍ଥ ଆଇନ ଦ୍ୱାରା ଓଡ଼ିଶା ରାଜସ୍ୱ ଆୟ ଆଦାୟ କ୍ଷେତ୍ରରେ କେତେ ପରିମାଣରେ ପ୍ରଭାବିତ ହେବ, ତାହାର ଆକଳନ କରାଯାଉଛି କି, ଯଦି ହଁ, ତେବେ କେଉଁ ସଂସ୍ଥା ବା ବିଶେଷଜ୍ଞ ଦ୍ୱାରା କରାଯାଇଛି ?

ପଡା ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ

2126 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ପଡା ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରିବା ନିମନ୍ତେ ସରକାର ଜୁନ ୨୦୨୪ ଠାରୁ ଆଜି ପର୍ଯ୍ୟନ୍ତ କି କି ନୀତି ନିର୍ଦ୍ଧାରଣ କରିଛନ୍ତି, (ଖ) ପଡା ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରିବା କ୍ଷେତ୍ରରେ ୨୦୨୪ ଠାରୁ ବର୍ତ୍ତମାନ ସୁଦ୍ଧା କି କି ସଫଳତା ମିଳିଛି ?

ନଦୀ ସଂଯୋଗୀ କରଣ ଯୋଜନା

2127 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ନଦୀ ସଂଯୋଗୀ କରଣ ଯୋଜନାରେ ଓଡ଼ିଶାର କେଉଁ କେଉଁ ନଦୀକୁ କେଉଁ କେଉଁ ନଦୀ ସହ ସଂଯୋଗ କରାଯିବାର ପରିକଳ୍ପନା କରାଯାଇଛି ଓ ଏଥି ନିମନ୍ତେ ବିସ୍ତୃତ ପ୍ରକଳ୍ପ ବିବରଣୀ (DPR) ପ୍ରସ୍ତୁତ ହୋଇଛି କି, (ଖ) ନଦୀ ସଂଯୋଗୀ କରଣର ରୂପରେଖ କେଉଁ ବୈଷୟିକ ବିଶେଷଜ୍ଞ ସଂସ୍ଥା ଦ୍ୱାରା କରାଯାଇଛି ?

MIP Projectର ମରାମତି

2128 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲିଗୁଡା ନିର୍ବାଚନ ମଣ୍ଡଳୀରେ ସମୁଦାୟ କେତୋଟି MIP Project କାମ କରୁଛି, ସେଗୁଡିକର ମରାମତି ପାଇଁ ସରକାର ପଦକ୍ଷେପ ନେବେ କି, ସେହିଭଳି ଡାଉଙ୍ଗିଆ (Daungia) MIP ବହୁତ ଦିନ ହେଲା ଅଚଳ ଓ ଭଙ୍ଗା ଅବସ୍ଥାରେ ଥିବାରୁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ସରକାର ପୁନଃନିର୍ମାଣ କରିବେ କି; ସେହିଭଳି କେତେ ସଂଖ୍ୟାରେ ଉଠାଜଳସେଚନନ ପ୍ରକଳ୍ପ କାମ କରୁଛି, ନୂତନ ଭାବେ କେତୋଟି point ବସିଛି ଓ ଅଚଳ point ଗୁଡିକର ମରାମତି କରିବେ କି ?

ଅନୁକମ୍ପା ମୂଳକ ସହାୟତା ପ୍ରଦାନ

2129 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଚଳିତ ବର୍ଷ ବନ୍ୟା, ବାତ୍ୟା, କାଳବୈଶାଖୀ, ଘୂର୍ଣ୍ଣିଝଡ଼, ବଜ୍ରପାତ, ସାପକାମୁଡାରେ, ପାଣିରେ ବୁଡିକି କୁମ୍ଭୀର ଆକ୍ରମଣରେ, ହାତୀ ଆକ୍ରମଣ ଯୋଗୁଁ କେତେ ଜଣଙ୍କ ମୃତ୍ୟୁ ହୋଇଛି, ବିଶେଷକରି ବନ୍ୟା ସ୍ରୋତରେ ଭାସିଯାଇ ଓ ଭୂସ୍ଖଳନ ଯୋଗୁଁ କେତେ ଜଣଙ୍କ ମୃତ୍ୟୁ ହୋଇଛି କେତେ ଜଣ ନିଖୋଜ ଅଛନ୍ତି ଓ ସେମାନଙ୍କ ପରିବାରକୁ କେତେ ଟଙ୍କାର ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯାଇଛି, ବାତ୍ୟା, ଭୂକମ୍ପ, ବିଜୁଳି ମାରିବା ପୂର୍ବରୁ ଆଗୁଆ ସତର୍କ ସୂଚନା ପାଇବା ପାଇଁ ସରକାରଙ୍କ ପାଖରେ କି କି ବ୍ୟବସ୍ଥା ଅଛି ?

ବିସ୍ଥାପିତଙ୍କୁ ଥଇଥାନ

2130 **ଶ୍ରୀ ମନୋହର ରନ୍ଧାରି** (ଡାବୁଗାଁ):

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବିଭିନ୍ନ ଶିଳ୍ପ କାରଖାନା, ଖଣି କାମ ପାଇଁ ଗତ ୧୦ ବର୍ଷ ଭିତରେ କେଉଁ କେଉଁ ଜିଲ୍ଲାରେ କେତେ ଲୋକ ନିଜର ଭିଟାମାଟି ହରାଇ ବିସ୍ଥାପିତ ହୋଇଛନ୍ତି ଓ ସେହି ଜମିହରା ବସହରା ଲୋକଙ୍କୁ ଥଇଥାନ କିପରି କରାଯାଇଛି, ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି, ରାଜ୍ୟରେ ବିସ୍ଥାପନ ଥଇଥାନ ନୀତି କଣ ଅଛି, ଥଇଥାନ ପ୍ୟାକେଜ୍ ବିସ୍ଥାପିତ ହୋଇଥିବା ପରିବାରର ସମ୍ମାନ ରକ୍ଷା କଲାଭଳି, ଜୀବନ ଜୀବିକା ପୁନଃ ସୁଦୃଢ ହେଲାଭଳି ଅଛି କି, ଯଦି ନାହିଁ, ସରକାର ନୂତନ ଆଧାରରେ ବିସ୍ଥାପନ ପ୍ୟାକେଜ୍ କରିବେ କି ?

ରାଜ୍ୟର ଖଣି ରୟାଲିଟି ପ୍ରାପ୍ୟ

2131 **ଶ୍ରୀ ମନୋହର ରନ୍ଧାରି** (ଡାବୁଗାଁ):

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାରଙ୍କର ଖଣି, ଖଣି ଜମି ଓ ଉତ୍ତୋଳନ କ୍ଷମତା, ସମୟ ଲିଜ୍ ଅବଧି ଉପରେ କିଛି କ୍ଷମତା ଅଛି କି, MMDR Bill Pass ହେଲାପରେ ରାଜ୍ୟ ସରକାରଙ୍କର ଖଣି ଉପରେ କୌଣସି ଅଧିକାର ଅଛି କି, ସୁପ୍ରିମକୋର୍ଟ ରାୟ ଅନୁସାରେ ଖଣି ମାଲିକମାନେ ପିଛିଲା ଭାବେ ଓଡ଼ିଶା ସରକାରଙ୍କ ୧ ଲକ୍ଷ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଦେବାର ଥିଲା ତାହା ଆଉ ଦେବେ କି, ବାର୍ଷିକ ଖଣି ରୟାଲଟି, ଟିକସ ବାବଦକୁ ରାଜ୍ୟ ଯାହା ପାଇବାର ଥିଲା ସେ ଟିକସ (ଜମି ଉପରେ ଟିକସ) ଆଉ ପାଇବେ କି, କେତେ କ୍ଷତି ହେବ ?

ଡ୍ୟାମ ଗୁଡିକର ରକ୍ଷଣା ବେକ୍ଷଣ

2132 **ଶ୍ରୀ ମନୋହର ରନ୍ଧାରି** (ଡାବୁଗାଁ):

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଜଳ ସମ୍ପଦ ବିଭାଗରେ ବନ୍ୟା ମୁକାବିଲା, ବନ୍ୟା ଜଳ ପରିଚାଳନା ପାଇଁ କେତେ ଯନ୍ତ୍ରୀଙ୍କର ଆବଶ୍ୟକତା ଅଛି, ଡ୍ୟାମ ଗୁଡିକର ରକ୍ଷଣାବେକ୍ଷଣ ମରାମତି ପାଇଁ କେତେ ଯନ୍ତ୍ରୀଙ୍କର ଆବଶ୍ୟକତା ଅଛି, Sanction strength କେତେ ଅଛନ୍ତି, କେତେ ଖାଲି ପଦବୀ ଅଛି, ବୃହତ୍ ଓ ମଧ୍ୟମ ଜଳସେଚନ ଶାଖାରେ, ସିଭିଲରେ, ମେକାନିକାଲରେ, କ୍ଷୁଦ୍ର ଜଳସେଚନ ଶାଖାରେ ଭୂତଳ ଜଳ ବିକାଶ ପାଇଁ କେତେ ସିଭିଲ୍ ଓ ମେକାନିକାଲ୍ ଯନ୍ତ୍ରୀ ପଦ ଖାଲି ପଡିଛି ଓ ସେଗୁଡିକର ପୂରଣ ପାଇଁ ସରକାର ପଦକ୍ଷେପ ନେବେ କି ?

ତ୍ୱରିତ ସେବା ପ୍ରଦାନ

2133 **ଶ୍ରୀ ପ୍ରକାଶ ସୋରେନ** (ବାରିପଦା):

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବିଭିନ୍ନ ତହସିଲ କାର୍ଯ୍ୟାଳୟରେ ଲୋକମାନଙ୍କୁ ତ୍ୱରିତ ସେବା ଯୋଗାଇବା ପାଇଁ ସରକାର ORTPS ସେବା ଲାଗୁ କରିଛନ୍ତି ବୋଲି କହୁଛନ୍ତି, ଅପର ପକ୍ଷରେ ତହସିଲଗୁଡିକରେ କର୍ମଚାରୀଙ୍କ ଓ ଅଫିସରଙ୍କ ମନମୁଖୀ କାର୍ଯ୍ୟ ପାଇଁ ବହୁ ମାମଲା ଗଦା ହୋଇଛି ବୋଲି ଅଭିଯୋଗ ହେଉଥିବା କଥା ସରକାର ଜାଣନ୍ତି କି, କିଭଳି ତହସିଲରେ କେତେ କେଶ ପଡିରହିଛି ଓ ସେଥିରୁ କଣ୍ଟେଷ୍ଟେଡ୍ ମ୍ୟୁଟେସନ ମାମଲା ସଂଖ୍ୟା କେତେ , ଜମି କନଭରସନ ମାମଲା କେତେ, ଅନ୍ୟାନ୍ୟ କେଉଁ କେଉଁ ମାମଲା କେତେ ମାତ୍ରାରେ ପଡିରହିଛି, ବିଳମ୍ବିତ ସମାଧାନ ହେବାର କାରଣ କଣ, କେତେ ମାମଲା ବିଚାରାଧିନ ଅଛି କେତେ ମାମଲା କିଣା ଖାତା ଖୋଲା ହୋଇଛି?

ଜମିକୁ ପାଣି ଯୋଗାଣ

2134 **ଶ୍ରୀ ପ୍ରକାଶ ସୋରେନ (ବାରିପଦା):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ କେତୋଟି ଓ କେଉଁ କେଉଁ ବୃହତ୍ତ ଜଳସେଚନ ପ୍ରକଳ୍ପ କାମ କରୁଛି ଓ କେଉଁ କେଉଁ ବୃହତ୍ତ ଜଳସେଚନ ପ୍ରକଳ୍ପ ନିର୍ମାଣଧିନ ଅଛି, କାର୍ଯ୍ୟରତ ଥିବା ଜଳସେଚନ ପ୍ରକଳ୍ପ ଦ୍ୱାରା କେତେ ଜମିକୁ ପାଣି ଯୋଗାଇ ଦିଆଯାଉଛି (ଖ) ରାଜ୍ୟରେ ଗତ 2 ବର୍ଷ ଭିତରେ କେତୋଟି ଉଠା ଜଳସେଚନ ପଏଣ୍ଟ ନୂତନ ଭାବେ ବସିଛି ଏବାବଦକୁ କେତେ ଖର୍ଚ୍ଚ ହୋଇଛି, କେତୋଟି ପୁରୁଣା ଉଠା ଜଳସେଚନ ପଏଣ୍ଟ ଅଚଳ ଅଛି ସେଗୁଡିକ ସଚଳ କରିବେକି?

ବାଲିଘାଟ ନିଲାମ ସଂପର୍କରେ

2135 **ଶ୍ରୀ ପ୍ରକାଶ ସୋରେନ (ବାରିପଦା):**

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର ଚଳିତ ଆର୍ଥିକ ବର୍ଷରେ କେତୋଟି ବାଲିଘାଟ ନିଲାମ ଡାକିଥିଲେ, କେତେଜଣ ନିଲାମଧାରୀ ବାଲି ଉଠାଇବା ପାଇଁ ଲାଇସେନ୍ସ ପାଇଛନ୍ତି ଓ ବାର୍ଷିକ କେତେ ବାଲି କେଉଁ କେଉଁ ନଦୀରୁ କେତେ ପରିମାଣରେ ବାଲି ଉଠାଯାଉଛି ଓ ସେବାବଦକୁ କେତେ ରାଜସ୍ୱ ମିଳିବାର ଆକଳନ କରାଯାଇଛି, ଆଜି ପର୍ଯ୍ୟନ୍ତ କେତେ ରାଜସ୍ୱ ମିଳିଛି, ସେହିଭଳି କେତେ ବାଲି ଚୋରାଚାଲାଣ ହୋଇଛି, ବାଲି ମାଫିଆ, ପଥର ମାଫିଆ, ମୋରମ ମାଫିଆ, ମାଟି ମାଫିଆକୁ ସାବାଡକ କରି ରାଜସ୍ୱ ବୃଦ୍ଧି କରିବେକି?

ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀ ପାଇଁ ଅନୁଦାନ ବ୍ୟବସ୍ଥା

2136 **ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର କେତେ ଅର୍ଥ ବଜେଟ୍ ରେ ପ୍ରାବଧାନ କରିଥିଲେ ଏବଂ ସେଥିରୁ ଏପର୍ଯ୍ୟନ୍ତ କେତେ ଅର୍ଥ ବିକାଶ ପରିଷଦ ପାଣ୍ଠିକୁ ପ୍ରଦାନ କରିଛନ୍ତି, ତାହାର ଏକ ବର୍ଷୱାରି ହିସାବ ଦେବେ କି, ଏହି ସମୟ ମଧ୍ୟରେ ବିକାଶ ପରିଷଦ ଅନ୍ତର୍ଗତ କେଉଁ କେଉଁ ନିର୍ବାଚନ ମଣ୍ଡଳୀରୁ କେତେ କେତେ ଟଙ୍କାର କେତେ ଗୋଟି ପ୍ରସ୍ତାବ ଆସିଥିଲା, ସେଥିରୁ କେତେ ଟଙ୍କାର କେତେ ପ୍ରସ୍ତାବ ମଂଜୁର ହୋଇ ଟଙ୍କା ଦିଆଯାଇ ଅଛି ଏବଂ ସେଇ ଅର୍ଥ ଖର୍ଚ୍ଚର ବିସ୍ତୃତ ତଥ୍ୟ ଦେବେ କି, ସମ୍ବଲପୁର ଜିଲ୍ଲାର ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀ ପାଇଁ ଗତ ତିନୋଟି ଆର୍ଥିକ ବର୍ଷରେ କେତେ ଟଙ୍କାର କେତୋଟି ପ୍ରସ୍ତାବ ଆସି ଅଛି ଏବଂ ସେଥିରୁ କେତୋଟି ପ୍ରକଳ୍ପ ମଞ୍ଜୁର ହୋଇ ପାଣ୍ଠି ଯୋଗାଇ ଦିଆଯାଇଛି ଏବଂ କେତୋଟି ପ୍ରକଳ୍ପ ସମ୍ପୂର୍ଣ ହୋଇଅଛି?

ପଶ୍ଚିମ ଓଡିଶା ବିକାଶ ପରିଷଦର ସମ୍ପୂର୍ଣ council ଗଠନ

2137 ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପଶ୍ଚିମ ଓଡିଶା ବିକାଶ ପରିଷଦର ସମ୍ପୂର୍ଣ council ଏପର୍ଯ୍ୟନ୍ତ ଗଠନ କରା ହୋଇ ନଥିବାର କାରଣ କ'ଣ, ଏବଂ ଏହା କେବେ ସୁଦ୍ଧା ଗଠନ କରା ଯିବ, ବିକାଶ ପରିଷଦର ପୁର୍ଣ୍ଣକାଳୀନ ଅଧ୍ୟକ୍ଷ ଏପର୍ଯ୍ୟନ୍ତ କେଉଁ କାରଣ ପାଇଁ ନିଯୁକ୍ତ ହୋଇ ନାହାନ୍ତି ଏବଂ କେବେ ସୁଦ୍ଧା ନିଯୁକ୍ତି ହେବେ, ପରିଷଦର ସ୍ଥାୟି ମୁଖ୍ୟ କାର୍ଯ୍ୟଳୟ ପଶ୍ଚିମ ଓଡ଼ିଶାରେ କୋଣସି ସ୍ଥାନରେ ପ୍ରତିଷ୍ଠା କରିବା ପାଇଁ ସରକାର କାହିଁକି ନିଷ୍ପତ୍ତି ନେଉ ନାହାନ୍ତି ଓ କେବେ ସୁଦ୍ଧା ନେବେ ?

ବୃଉଙ୍ଗ ମେଗା ଜଳସେଚନ ପ୍ରକଳ୍ପର ପୁନର୍ବାସ ଓ ଥଇଥାନ (R&R) ପ୍ରକ୍ରିୟାର ବର୍ତ୍ତମାନ ସ୍ଥିତି

2138 ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଦଶପଲ୍ଲା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବୃଉଙ୍ଗ ମେଗା ଜଳସେଚନ ପ୍ରକଳ୍ପର ପୁନର୍ବାସ ଓ ଥଇଥାନ (R&R) ପ୍ରକ୍ରିୟାର ବର୍ତ୍ତମାନ ସ୍ଥିତି କ'ଣ ଏବଂ କେତେ ପରିବାର ପ୍ରଭାବିତ ଓ ବିସ୍ଥାପିତ ହେବ, ସେମାନଙ୍କ ମଧ୍ୟରୁ କେତେ ପରିବାରଙ୍କୁ ଜମି, ବାସଗୃହ ଓ ଅନ୍ୟାନ୍ୟ ଥଇଥାନ ସୁବିଧା ମିଳିଛି ଏବଂ କେତେ ଜଣ ଏହା ପାଇବାକୁ ବାକି ଅଛନ୍ତି; ବିସ୍ଥାପନ ପୂର୍ବରୁ ପୁନର୍ବାସ କଲୋନୀ ଓ ଆବଶ୍ୟକୀୟ ମୌଳିକ ସୁବିଧା ପାଇଁ ଜମି ଚିହ୍ନଟ ଓ ଅଧିଗ୍ରହଣ କରାଯାଇଛି କି, ଯଦି ହଁ, ତାହାର ତଥ୍ୟ କ'ଣ (ଖ) ପ୍ରଭାବିତ ପରିବାରଙ୍କଠାରୁ ପୁନର୍ବାସ ଓ ଥଇଥାନ ସମ୍ପର୍କରେ କେତେ ଅଭିଯୋଗ ଓ ଦାବିପତ୍ର ମିଳିଛି ଏବଂ ସେଗୁଡ଼ିକର ସମାଧାନ ପାଇଁ କ'ଣ ପଦକ୍ଷେପ ନିଆଯାଇଛି? ପ୍ରଶାସନ ପକ୍ଷରୁ ପ୍ରଭାବିତ ପରିବାରଙ୍କ ସହ ଆଲୋଚନା ଓ ଜନଶୁଣାଣି କରାଯାଇ ସେମାନଙ୍କୁ R&R ନୀତିରେ ଥିବା ଅଧିକାର ଓ ସୁବିଧା ସମ୍ପର୍କରେ ଅବଗତ କରାଯାଇଛି କି?

କ୍ଷୟକ୍ଷତି ଆକଳନ

2139 ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସାମୁଦ୍ରିକ ବାତ୍ୟା 'ଅର୍ଣ୍ଣବ' ଯୋଗୁଁ ରାଜ୍ୟରେ କେଉଁ କେଉଁ ପ୍ରକାରର କ୍ଷୟକ୍ଷତି ଘଟିଛି ଏବଂ ଏହାର ପରିମାଣ କେତେ; ଜିଲ୍ଲାୱାରୀ ତଥ୍ୟ କ'ଣ, ବାତ୍ୟା ପରବର୍ତ୍ତୀ ରିଲିଫ୍, ପୁନର୍ବାସ ଓ ପୁନର୍ନିର୍ମାଣ କାର୍ଯ୍ୟ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ କେତେ ଅର୍ଥ ମଞ୍ଜୁର ହୋଇଛି ଏବଂ ଏପର୍ଯ୍ୟନ୍ତ କେତେ ଅର୍ଥ ବ୍ୟୟ ହୋଇଛି; କ୍ଷତିଗ୍ରସ୍ତ ଅଞ୍ଚଳରେ ସରକାରଙ୍କ ପକ୍ଷରୁ କେଉଁ କେଉଁ ରିଲିଫ୍, ପୁନର୍ବାସ ଓ ପୁନର୍ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି; ଜିଲ୍ଲାୱାରୀ କାର୍ଯ୍ୟ ଓ ବ୍ୟୟର ତଥ୍ୟ କ'ଣ; ଏବଂ ବାତ୍ୟା ପୂର୍ବ ପ୍ରସ୍ତୁତି, ସତର୍କ ସୂଚନା, ଉଦ୍ଧାର, ରିଲିଫ୍ ଓ ପୁନର୍ବାସ କାର୍ଯ୍ୟରେ କୌଣସି ସ୍ତରରେ ପରିଚାଳନାଗତ ତ୍ରୁଟି ବା ଅବହେଳା ହୋଇଥିବା ସରକାରଙ୍କ ନଜରକୁ ଆସିଛି କି, ଯଦି ହଁ, ତାହାର ତଥ୍ୟ ଓ ନିଆଯାଇଥିବା ପଦକ୍ଷେପ କ'ଣ?

ବନ୍ୟା ନିୟନ୍ତ୍ରଣ ପାଇଁ ପଦକ୍ଷେପ

2140 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟର କେଉଁ କେଉଁ ଜିଲ୍ଲା ବନ୍ୟାପ୍ରବଣ ଭାବେ ଚିହ୍ନଟ ହୋଇଛି, (ଖ) ପ୍ରତିବର୍ଷ ବନ୍ୟା ଯୋଗୁଁ କେତେ ଚାଷଜମି, ଘରଦ୍ୱାର ଓ ସାଧାରଣ ସମ୍ପତ୍ତି କ୍ଷତିଗ୍ରସ୍ତ ହେଉଛି, ବନ୍ୟା ନିୟନ୍ତ୍ରଣ ପାଇଁ ଗତ ୫ ବର୍ଷରେ କେତେ ଅର୍ଥ ବ୍ୟୟ କରାଯାଇଛି, ବନ୍ୟା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସରକାରଙ୍କ ଦୀର୍ଘ ମିଆଦୀ ଯୋଜନା କ'ଣ?

ବକେୟା ଜଳକର ଆଦାୟ

2141 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟର କେତୋଟି ଶିଳ୍ପାନୁଷ୍ଠାନକୁ ଜଳ ସମ୍ପଦ ବିଭାଗ ପକ୍ଷରୁ ନଦୀ ଓ ଜଳ ଭଣ୍ଡାରରୁ ଜଳ ଯୋଗାଇ ଦିଆଯାଉଛି ; ଏହି ଶିଳ୍ପାନୁଷ୍ଠାନଗୁଡ଼ିକଠାରୁ ବିଭାଗ କେତେ ଜଳକର ଆଦାୟ କରୁଛି ; ଜଳକର ବାବଦରେ କେତେ ଟଙ୍କା ବକେୟା ରହିଛି ; ଶିଳ୍ପ ଓ କୃଷି କ୍ଷେତ୍ର ମଧ୍ୟରେ ଜଳ ବଣ୍ଟନରେ ସନ୍ତୁଳନ ରକ୍ଷା ପାଇଁ କଣ ବ୍ୟବସ୍ଥା ରହିଛି ?

ଉଠାଜଳସେଚନ ପ୍ରକଳ୍ପର ମରାମତି

2142 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ କେତୋଟି ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ଅଛି; (ଖ) କେତୋଟି ପ୍ରକଳ୍ପ ବିଦ୍ୟୁତ୍ ଅଭାବ, ଯାନ୍ତ୍ରିକ ତ୍ରୁଟି ଓ ରକ୍ଷଣାବେକ୍ଷଣ ଅଭାବରୁ ଅଚଳ ହୋଇପଡ଼ିଛି; ଏହି ପ୍ରକଳ୍ପଗୁଡ଼ିକର ମରାମତି ପାଇଁ ସରକାର କେତେ ଅର୍ଥ ବ୍ୟୟ କରିବେ; ଚାଷୀମାନଙ୍କୁ ବର୍ଷର ସମସ୍ତ ଚାଷ ଋତୁରେ ଜଳ ଯୋଗାଣ ପାଇଁ କ'ଣ ବ୍ୟବସ୍ଥା ରହିଛି ?

ଜଳସମ୍ପଦ ଭିତ୍ତିକ ସମନ୍ୱିତ ଯୋଜନା ଗ୍ରହଣ

2143 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଭଦ୍ରକ ଜିଲ୍ଲାର ସୀମାନ୍ତ ଅଞ୍ଚଳରେ ଜଳସେଚନ ସୁବିଧାର ଉନ୍ନତି ନିମନ୍ତେ ପଡ଼ୋଶୀ ଜିଲ୍ଲା ସହିତ ଜଳସମ୍ପଦ ଭିତ୍ତିକ ସମନ୍ୱିତ ଯୋଜନା ଗ୍ରହଣ କରାଯାଇଛି କି; (ଖ) ଚାଷୀଙ୍କ ଦୀର୍ଘଦିନର ଦାବି ଅନୁଯାୟୀ CB Canal ଠାରୁ ଅବଦୁଲାପୁର ଦେଇ ଝାଟିଆ ପରିଡ଼ା ସାହି ପର୍ଯ୍ୟନ୍ତ ଜଳସେଚନ ସଂଯୋଗ ସମ୍ପର୍କିତ ପ୍ରସ୍ତାବର ବର୍ତ୍ତମାନ ସ୍ଥିତି କ'ଣ ରହିଛି ?

ଘରଡ଼ିହ ପଟ୍ଟା ପ୍ରଦାନ

2144 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଭଦ୍ରକ ଜିଲ୍ଲାର ବିଭିନ୍ନ ସହରାଞ୍ଚଳ ଓ ପୌରାଞ୍ଚଳରେ ଦୀର୍ଘବର୍ଷ ଧରି ସରକାରୀ ଜମିରେ ବସବାସ କରୁଥିବା ଭୂମିହୀନ ଓ ଗୃହହୀନ ପରିବାରମାନଙ୍କୁ ପ୍ରଚଳିତ ଆଇନ ଓ ସରକାରୀ ନିୟମ ଅନୁଯାୟୀ ଆବାସିକ ଜମିର ଅଧିକାର ବା ଘରଡିହ ପଟ୍ଟା ପ୍ରଦାନ ନିମନ୍ତେ ସରକାରଙ୍କ ପକ୍ଷରୁ କି ପଦକ୍ଷେପ ନିଆଯାଇଛି; (ଖ) ଭଦ୍ରକ ଜିଲ୍ଲାର ସହରାଞ୍ଚଳରେ ଏପରି କେତେ ପରିବାର ଚିହ୍ନଟ ହୋଇଛନ୍ତି ଏବଂ ସେମାନଙ୍କ ମଧ୍ୟରୁ କେତୋଟି ପରିବାରଙ୍କୁ ଏପର୍ଯ୍ୟନ୍ତ ଆବାସିକ ଜମିର ପଟ୍ଟା ପ୍ରଦାନ କରାଯାଇଛି; ଅବଶିଷ୍ଟ ଯୋଗ୍ୟ ପରିବାରଙ୍କୁ ପଟ୍ଟା ପ୍ରଦାନ ପାଇଁ ସରକାରଙ୍କ କି ପଦକ୍ଷେପ ରହିଛି ?

E - Bus ଚଳାଚଳ

2145 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

ପରିବହନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ କେଉଁ ସହରରେ ବର୍ତ୍ତମାନ କେତେ ସଂଖ୍ୟକ ବିଦ୍ୟୁତ ଚାଳିତ ବସ (E - Bus) ଚଳାଚଳ କରୁଛି ଏବଂ ପିଏମଇ ବସ ସେବା (PM - e Bus Sewa)ଅଧିନରେ ମଞ୍ଜୁରପ୍ରାପ୍ତ ବସ ଗୁଡ଼ିକର କାର୍ଯ୍ୟକ୍ଷମ ସ୍ଥିତି କଣ ରହିଛି, ପରିବେଶ ପ୍ରଦୁଷଣ ହ୍ରାସ ସହ ଛାତ୍ର, ଛାତ୍ରୀ ଶ୍ରମଜୀବି ଓ ସାଧାରଣ ଜନତାଙ୍କୁ ସୁଲଭ ଗଣ ପରିବହନ ଯୋଗାଇବା ପାଇଁ ବାଲେଶ୍ୱର ସମେତ ରାଜ୍ୟର ଅନ୍ୟାନ୍ୟ Tier -II ସହରଗୁଡ଼ିକୁ ଏହି ସେବା ସଂପ୍ରସାରଣ କରିବା ନିମନ୍ତେ କୌଣସି ସମୟ ବଦ୍ଧ ଯୋଜନା ଅଛି କି; ବାଲେଶ୍ୱର ସହର ତଥା "ରେମୁଣା - ବାଲେଶ୍ୱର - ଚାନ୍ଦିପୁର" ସହରାଞ୍ଚଳ କରିଡ଼ର ପାଇଁ ଇ-ବସ ସେବା କେବେ ସୁଦ୍ଧା ଆରମ୍ଭ କରାଯିବ ?

ବେକାର ଶଯ୍ୟା ଖନନ ପାଇଁ ପଦକ୍ଷେପ

2146 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ଜଳସେଚନ ପାଇଁ ଖନନ ହୋଇଥିବା କେନାଲ ଗୁଡ଼ିକରେ ଆବର୍ଜନା ନିକ୍ଷେପ କରାଯାଉଥିବା କାରଣରୁ କେନାଲ ଜଳ ପ୍ରଦୂଷିତ ହେଉଥିବା ଏବଂ କେନାଲ ଗୁଡ଼ିକର ଶଯ୍ୟା ଖନନ ନହେବା ଯୋଗୁଁ ଘାସ ଗୁଚ୍ଛରେ ପରିଣତ ହୋଇ ଜଳ ନିଷ୍କାସନ ବାଧାପ୍ରାପ୍ତ ହେବା ସହ କେନାଲ ତଳମୁଣ୍ଡ ପର୍ଯ୍ୟନ୍ତ ପାଣି ଯିବାରେ ପ୍ରତିବନ୍ଧକ ସୃଷ୍ଟି ହେଉଥିବା ପ୍ରତି ସରକାର ଅବଗତ ଅଛନ୍ତି କି; ଉତ୍ତର ହଁ ହେଲେ, କେନାଲ ଗୁଡ଼ିକରେ ଆର୍ବଜନା ଛାଡୁଥିବା ବ୍ୟକ୍ତିଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ସହିତ କେନାଲ ଶଯ୍ୟାଖନନ କରିବା ପରିଷ୍କାର ପରିଚ୍ଛନ୍ନ କରି ଜଳ ପ୍ରବାହ ବୃଦ୍ଧି ପାଇଁ କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

ଜମିକୁ ସଜ୍ଜୁଭୁକ୍ତ କରିବାକୁ ପଦକ୍ଷେପ

2147 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ ଯୋବ୍ରା ନଦୀକୂଳ ସାହି ସହିତ ସହରର ବିଭିନ୍ନ ସ୍ଥାନରେ ସରକାରୀ ଜାଗାରେ ଶହେ ବର୍ଷରୁ ଉର୍ଦ୍ଧ୍ୱ ସମୟଧରି ବସବାସ କରିଆସୁଥିବା ବାସିନ୍ଦାମାନଙ୍କ ନାମରେ ସେମାନେ ରହୁଥିବା ଜାଗାର ସଜ୍ଜୁଭୁକ୍ତ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି, ଏମାନଙ୍କ ଥଇଥାନ ପାଇଁ ପୂର୍ବରୁ ସରକାର ନେଉଥିବା ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଇଛି ?

ଖଣିଜ ସମ୍ପଦର ବିନିଯୋଗ

2148 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଉତ୍ପାଦିତ ଖଣିଜ ସମ୍ପଦକୁ ବିନିଯୋଗକରି ଶିଳ୍ପାୟନ କରିବାକୁ ସରକାରଙ୍କ ପ୍ରସ୍ତାବ ଥିଲେ ଏହାର କାର୍ଯ୍ୟକାରୀତା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

କ୍ଷୟକ୍ଷତିର ବିବରଣୀ ପ୍ରଦାନ

2149 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନିକଟ ଅତୀତରେ ସଂଗଠିତ ବାତ୍ୟା ଅର୍ଣ୍ଣବ ପ୍ରଭାବରେ ରାଜ୍ୟର କେଉଁ କେଉଁ ଜିଲ୍ଲାରେ କେତେ ଧନ ଜୀବନ ହାନୀ ହୋଇଛି; ବର୍ତ୍ତମାନ ସୁଦ୍ଧା ଏ ଦିଗରେ ରାଜ୍ୟ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ?

ବାତ୍ୟା ପରିଚାଳନା ସମ୍ପର୍କରେ

2150 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଅର୍ଣ୍ଣବ୍ ବାତ୍ୟା ପ୍ରଭାବରେ କେଉଁ ଜିଲ୍ଲାରେ କେତେ ଲୋକ ମୃତ୍ୟୁ ମୁଖରେ ପଡୁଛନ୍ତି; ଗଞ୍ଜାମ ଓ କନ୍ଧମାଳ ସୀମାନ୍ତବର୍ତ୍ତୀ ଜିଲ୍ଲାରେ ଭୂସ୍ଖଳନ ଯୋଗୁଁ କେତେ ଜଣ ନିଖୋଜ ଅଛନ୍ତି; କେଉଁ ପରିସ୍ଥିତିରେ ଏଭଳି ଅଭାବନୀୟ ଘଟଣା ଘଟିଛି ?

ନଦୀ ବନ୍ଧ ନିର୍ମାଣ

2151 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବନ୍ୟା ଜଳ ନିୟନ୍ତ୍ରଣ କରିବା ପାଇଁ ବର୍ତ୍ତମାନ ସୁଦ୍ଧା କେତୋଟି ନଦୀ ବନ୍ଧ ନିର୍ମାଣ କରାଯାଇଛି; ସେ ଗୁଡ଼ିକର ବର୍ତ୍ତମାନ ସ୍ଥିତି କଣ ରହିଛି; ବନ୍ୟା ଜଳ ନିୟନ୍ତ୍ରଣ କରିବା ପାଇଁ ନିକଟ ଭବିଷ୍ୟତରେ ଆଉ କେତୋଟି ନଦୀ ବନ୍ଧ ପ୍ରକଳ୍ପ ନିର୍ମାଣ କରିବାରେ ଯୋଜନା ରହିଛି ?

ଜମିକୁ ସରକାରୀ ଖାତାକୁ ଫେରାଇ ଆଣିବାକୁ ପଦକ୍ଷେପ

2152 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପୂର୍ବରୁ ଯେଉଁ ସରକାରୀ ଜମି ଗୁଡ଼ିକୁ ଜବରଦଖଲ କରାଯାଇ ଏବଂ ତହସିଲ୍‌ର କର୍ମଚାରୀମାନଙ୍କୁ ହାତ କରାଯାଇ ସେହି ଜମିଗୁଡ଼ିକୁ ନିଜ ନାମରେ ରେକର୍ଡଭୁକ୍ତ କରାଯାଇଥିବା ଏବଂ କେତେକ କ୍ଷେତ୍ରରେ ଜଳାଶୟ, ଝରଣା ଓ ଜଳ ନିଷ୍କାସନ ପଥ ଗୁଡ଼ିକୁ ନିଜ ନାମରେ ରେକର୍ଡଭୁକ୍ତ କରାଯାଇ ପରବର୍ତ୍ତୀ ଅବସ୍ଥାରେ ସେଗୁଡ଼ିକୁ ପ୍ରଚଳିତ ବଜାର ମୂଲ୍ୟରେ ବହୁ ଦାମରେ ବିକ୍ରି କରାଯାଉଥିବା ଅଭିଯୋଗ ପରିପ୍ରେକ୍ଷୀରେ ବିଗତ ୪୦ ବର୍ଷ ମଧ୍ୟରେ ସରକାରୀ ଜମିକୁ ଲିଜ୍ ସୂତ୍ରରେ ନେଇଥିବା ବା ନିଜ ନାମରେ ରେକର୍ଡଭୁକ୍ତ କରିଥିବା ଜମିର ପୁନଃ ରେକର୍ଡ ଯାଞ୍ଚ କରି ସେହି ଜମିଗୁଡ଼ିକୁ ସରକାରୀ ଖାତାକୁ ଫେରାଇ ଆଣିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

ଅଭିଯୁକ୍ତଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

2153 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବିଗତ ତିନି ବର୍ଷରେ କେଉଁ ଖଣି ସର୍କଲରେ ଓ କେଉଁ ଜିଲ୍ଲାରେ କେତେଗୋଟି ଚୋରା ଖଣିଜ କାରବାର ଓ ଲଘୁ ଖଣିଜ କାରବାର ଧରାଯାଇ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ?

ଜଳ ସେଚନ କାର୍ଯ୍ୟକ୍ରମ ସମ୍ପର୍କରେ

2154 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ୨୦୨୪ ପୂର୍ବରୁ ଓଡ଼ିଶାରେ ମୋଟ କେତେ ଚାଷଜମି ଜଳସେଚିତ ଥିଲା ଏବଂ ୨୦୨୪ ପରଠାରୁ ଅଦ୍ୟାବଧି କେତେ ନୂତନ ଜମି ଜଳସେଚିତ ହୋଇଛି, ତାହାର ତୁଳନାତ୍ମକ ତଥ୍ୟ ଓ ଶତକଡ଼ା ବୃଦ୍ଧି କେତେ; ଭୂତଳ ଜଳର ବ୍ୟବହାର ହ୍ରାସ କରି ନଦୀ, କେନାଲ, ଜଳଭଣ୍ଡାର ଓ ଲିଫ୍ଟ ଇରିଗେସନ୍ ମାଧ୍ୟମରେ ଅଣଜଳସେଚିତ ଜମିକୁ ଜଳସେଚିତ କରିବା ପାଇଁ ବିଭାଗର କ'ଣ ଯୋଜନା ରହିଛି; ଏଥିସହ ବାଲେଶ୍ୱର ଜିଲ୍ଲାର ବ୍ଲକୱାରୀ ଜଳସେଚିତ ଓ ଅଣଜଳସେଚିତ ଜମିର ପରିମାଣ କେତେ; ବିଶେଷକରି ବାଲେଶ୍ୱର ସଦର ବ୍ଲକରେ ଜଳ ଉପଲବ୍ଧ ଥାଇ ମଧ୍ୟ ଜଳକର ଆଦାୟ ହେଉନଥିବା ଜମିକୁ ଅଣଜଳସେଚିତରୁ ଜଳସେଚିତ ଭାବେ ରେକର୍ଡଭୁକ୍ତ କରିବା ଏବଂ ଚାଷୀଙ୍କୁ ଏହାର ସୁବିଧା ଯୋଗାଇବା ପାଇଁ ବିଭାଗ କି ପଦକ୍ଷେପ ନେବ ?

ବନ୍ୟା କ୍ଷୟକ୍ଷତି ଭରଣା ପାଇଁ କେନ୍ଦ୍ରୀୟ ଅନୁଦାନ

2155 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଗତ ବର୍ଷ ଓଡ଼ିଶାରେ ହୋଇଥିବା ବନ୍ୟା ଓ ଅତ୍ୟଧିକ ବର୍ଷା ଯୋଗୁଁ ଜିଲ୍ଲାୱାରୀ କେତେ କେନ୍ଦ୍ରୀୟ ଓ କେତେ ରାଜ୍ୟ ସରକାରୀ ସହାୟତା ପ୍ରଦାନ କରାଯାଇଛି; ଏହାର ଏକ ତୁଳନାତ୍ମକ ତଥ୍ୟ ଦିଆଯିବ କି; ବାଲେଶ୍ୱର ଜିଲ୍ଲାରେ ଗତ କିଛି ମାସ ମଧ୍ୟରେ ଲଗାତାର ସାତ ଥର ବର୍ଷାଜନିତ କ୍ଷୟକ୍ଷତି ହୋଇଥିବାରୁ ରିଲିଫ୍ କୋଡ୍ ଅନୁଯାୟୀ କେତେ ଅର୍ଥ ସହାୟତା ଦିଆଯାଇଛି; HDR ବାବଦରେ କେଉଁ ବିଭାଗକୁ କେତେ ଅର୍ଥ ମଞ୍ଜୁର ହୋଇଛି; ବିଶେଷକରି ବାଲେଶ୍ୱର ସଦର ବ୍ଲକରେ ବିଭାଗୱାରି କେତେ ଅର୍ଥ ମିଳିଛି ଏବଂ ଆଗକୁ କେତେ ମିଳିବାର ଯୋଜନା ରହିଛି; ଏଥିସହ ବନ୍ୟା କ୍ଷୟକ୍ଷତିର ଭରଣା ପାଇଁ କେନ୍ଦ୍ର ସରକାର ବାଲେଶ୍ୱର ଜିଲ୍ଲାକୁ କେତେ ଅର୍ଥ ପ୍ରଦାନ କରିଛନ୍ତି ବା ଭବିଷ୍ୟତରେ କେତେ ଅର୍ଥ ମିଳିବାର ସମ୍ଭାବନା ରହିଛି ?

ଜଳନିଷ୍କାସନ ସମସ୍ୟାର ସ୍ଥାୟୀ ସମାଧାନ

2156 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲେଶ୍ୱର ଜିଲ୍ଲା ତଥା ସଦର ନିର୍ବାଚନ ମଣ୍ଡଳୀର ଗ୍ରାମାଞ୍ଚଳରେ ବାରମ୍ବାର ଦେଖାଦେଉଥିବା ଜଳବନ୍ଦୀ ଓ ଜଳ ନିଷ୍କାସନ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ SRC ପକ୍ଷରୁ IIT ରୁଡ଼କୀକୁ ଡ୍ରେନେଜ୍ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବା ନିମନ୍ତେ କୌଣସି ନିର୍ଦ୍ଦେଶ ଦିଆଯାଇଛି କି; ଯଦି ଦିଆଯାଇଛି, ତେବେ ସମ୍ପୃକ୍ତ ନିର୍ଦ୍ଦେଶନାମା ଓ ପତ୍ରାଳାପର ନକଲ ପ୍ରଦାନ କରାଯିବ କି; ଯଦି ଏପରି ନିର୍ଦ୍ଦେଶ ଦିଆଯାଇନାହିଁ, ତେବେ SRC ଜଳସମ୍ପଦ ଓ ଡ୍ରେନେଜ୍ ବିଭାଗ ସହ ସମନ୍ୱୟ ରକ୍ଷା କରି ବାଲେଶ୍ୱରର ଗ୍ରାମାଞ୍ଚଳ ପାଇଁ ଏକ ସମନ୍ୱିତ ଡ୍ରେନେଜ୍ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବାକୁ ପଦକ୍ଷେପ ନେବେ କି?

ଇ-ପାଉତି ମାଧ୍ୟମରେ ଜମି ଖଜଣା ପ୍ରଦାନ

2157 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଝାରସୁଗୁଡ଼ା ଜିଲ୍ଲାରେ ଇ-ପାଉତି ମାଧ୍ୟମରେ ଜମି ଖଜଣା ପ୍ରଦାନ ଓ ରସିଦ ପାଇବା ପାଇଁ ଡିଜିଟାଲ୍ ସେବା ବ୍ୟବହାର କରିପାରୁନଥିବା ଲୋକଙ୍କୁ କି ସହାୟତା ଯୋଗାଇ ଦିଆଯାଉଛି, ସହାୟତା ଉପଲବ୍ଧ ଥିବା ରାଜ ନିରୀକ୍ଷକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ କିମ୍ବା ସେବାକେନ୍ଦ୍ର ଏବଂ ସହାୟତା ପାଇବାର ପ୍ରକ୍ରିୟା ସମ୍ପର୍କରେ ତହସିଲଭିତ୍ତିକ ତଥ୍ୟ ପ୍ରଦାନ କରିବେ କି, (ଖ) ଜମିର ଖାତା ବିବରଣୀରେ ଅମେଳ କିମ୍ବା ଖଜଣା ପ୍ରଦାନ ପରେ ରସିଦ ନମିଳିବା ଭଳି ସମସ୍ୟାର ସରଳ ଓ ସମୟୋଚିତ ସମାଧାନ ପାଇଁ କି ବ୍ୟବସ୍ଥା ରହିଛି, ଏଥିପାଇଁ ଅଭିଯୋଗ ଦାଖଲର ସ୍ଥାନ, ଆବଶ୍ୟକ କାଗଜପତ୍ର, ଦାୟିତ୍ୱପ୍ରାପ୍ତ ଅଧିକାରୀ ଏବଂ କାରବାରର ସ୍ଥିତି ଯାଞ୍ଚ କରି ରସିଦ ଯୋଗାଇବା କିମ୍ବା ଆବଶ୍ୟକ ସଂଶୋଧନ କରିବାର ନିର୍ଦ୍ଧାରିତ ସମୟସୀମା ଜଣାଇବେ କି ?

ସଡ଼କ ଦୁର୍ଘଟଣା

2158 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

ପରିବହନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଝାରସୁଗୁଡ଼ା ଜିଲ୍ଲାରେ ସଡ଼କ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ପ୍ରାଥମିକ ସହାୟତା ଯୋଗାଇବା ପାଇଁ କେତେ ଜଣ ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି, ପ୍ରଶିକ୍ଷଣ ପ୍ରଦାନକାରୀ ସଂସ୍ଥା, ପ୍ରଶିକ୍ଷଣର ସମୟ ଏବଂ ପ୍ରଶିକ୍ଷିତ ସ୍ୱେଚ୍ଛାସେବୀଙ୍କ ଉପଲବ୍ଧତାର ବିବରଣୀ ବ୍ଲକ୍, ପୌରାଞ୍ଚଳ ଓ ପ୍ରମୁଖ ସଡ଼କଖଣ୍ଡ ଅନୁଯାୟୀ ପ୍ରଦାନ କରିବେ କି, (ଖ) ପ୍ରମୁଖ ସଡ଼କ କଡ଼ରେ ଥିବା ଦୋକାନୀ, ଯାନଚାଳକ ଓ ସ୍ଥାନୀୟ ଯୁବକଯୁବତୀଙ୍କୁ ପ୍ରାଥମିକ ସହାୟତା ପ୍ରଶିକ୍ଷଣ ଦେବା ଏବଂ ପ୍ରଶିକ୍ଷିତ ସ୍ୱେଚ୍ଛାସେବୀଙ୍କୁ ଆମ୍ବୁଲାନ୍ସ ସେବା ସହ ଯୋଡ଼ି ତ୍ୱରିତ ସହାୟତା ସୁନିଶ୍ଚିତ କରିବା ପାଇଁ କି ଯୋଜନା ରହିଛି, ପ୍ରସ୍ତାବିତ ପ୍ରଶିକ୍ଷଣର ସ୍ଥାନ, ସମୟସୂଚୀ, ପ୍ରଶିକ୍ଷଣ ପାଇବାକୁ ଥିବା ବ୍ୟକ୍ତିଙ୍କ ସଂଖ୍ୟା ଏବଂ ସମନ୍ୱୟ ଦାୟିତ୍ୱରେ ଥିବା ସଂସ୍ଥାର ତଥ୍ୟ ଜଣାଇବେ କି ?

ବାଲି ଚୋରା ଚାଲାଣ ରୋକିବାକୁ ପଦକ୍ଷେପ

2159 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆନନ୍ଦପରୁ ନିର୍ବାଚନ ମଣ୍ଡଳୀର ଦୈନନ୍ଦିନ ଶହ ଶହ ବାଲି ଚୋରା ଚାଲାଣ ହେଉଛି ବିନା ଟ୍ରାଞ୍ଜିଟ ପରମିଟରେ ବାଲି ଚୋରା ଚାଲାଣ ହେବା ସହ ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗ ଦୈନନ୍ଦିନ ୧୦୦ ରୁ ୨୦୦ ଟ୍ରିପ ବାଲି ଚାଲାଣ ହେଉଛି, ଏନେଇ ସରକାର ଅବଗତ ଅଛନ୍ତି କି, ଯଦି ଉତ୍ତର ହଁ ତାହେଲେ ସରକାର ବାଲି ମାଫିଆଙ୍କ ବିରୁଦ୍ଧରେ କଣ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ଜଣାଇବେ କି, ଚୋରା ବାଲି ଚାଲାଣ ହେତୁ ସରକାର ଶହ ଶହ କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି ?

କ୍ଷୟକ୍ଷତି ସହାୟତା ପ୍ରଦାନ

2160 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆନନ୍ଦପୁର ନିର୍ବାଚନ ମଣ୍ଡଳୀରେ ଚଳିତ ବର୍ଷ ବନ୍ୟାରେ କେତେ ଚାଷ ଜମି କ୍ଷୟକ୍ଷତି ହେଇଛି ଏବଂ କ୍ଷୟକ୍ଷତି ହେଉଥିବା ଚାଷୀ ଜମି ଗୁଡିକ ପାଇଁ କଣ ପଦକ୍ଷେପ ନେଉଛନ୍ତି ?

ଜମିର ଘର-ବାଡି ରୂପାନ୍ତର ସମ୍ପର୍କରେ

2161 ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଘରବାରି ପ୍ଲଟ ରେଜିଷ୍ଟ୍ରେସନ୍ ପାଇଁ 2025 ମସିହା ବନା ଯାଇଥିବା (Sop) କେଉଁ କେଉଁ ବିଭାଗ କୁ ସୂଚନା ଦିଆଯାଇଛି ସଂଯୁକ୍ତ (Linked) ସୂଚନା (BDA, CDA) ଦିଆଯାଇ ଅଛି ଯଦି ଦିଆଯାଇ ଅଛି CDA ଘରବାରି ରୂପାନ୍ତର (Conversion) କରିବା ପାଇଁ ମନା କରିବାର କାରଣ କ'ଣ, ଏଥିପାଇଁ ଗୋଟେ ସାଧାରଣ ଲୋକ କିଭଳି ଭାବରେ ଘରକରିବା ପାଇଁ ଚାହିଁଲେ Urban ଅଞ୍ଚଳରେ Port Plot ରେଜିଷ୍ଟ୍ରେସନ କରିଛି ସେ କିଭିଳି ଭାବରେ ଘର କରିବେ ?

ଜମିକୁ ଘର ବାଡିରେ ରୂପାନ୍ତର କରିବାର ନିୟମ

2162 ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସହର ଜାଗାରେ ପାର୍ଟ ପ୍ଲଟ ରେଜିଷ୍ଟ୍ରେସନ୍ କରୁଥିବା ଯେଉଁ ବ୍ୟକ୍ତି (ଘ) ଫର୍ମରେ ହସ୍ତାକ୍ଷର କରୁଛନ୍ତି ସେମାନେ ଚାଷ ଉପଯୋଗି ନିମନ୍ତେ ପଞ୍ଜିକୃତ ହୋଇଥିବା ପ୍ଲଟକୁ ଘରବାରି ପ୍ଲଟ ରୂପାନ୍ତରିତ କିପରି କରିବେ ?

ଡାକ ବଙ୍ଗଳା ନିର୍ମାଣ ଏବଂ ଜମି ଜବରଦଖଲ ମୁକ୍ତ କରିବାକୁ ପଦକ୍ଷେପ

2163 ଶ୍ରୀ ମାଧବ ଧଡା (ସୋରୋ):

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଅଣତାରକା ପ୍ରଶ୍ନ 375 ତା. 19.02.2026 ରିଖ ଓ ଅଣତାରକା ପ୍ରଶ୍ନ 1534 ତା. 20.02.2025 ରଖ ଉତ୍ତର ପରିପ୍ରେକ୍ଷୀରେ ବିଗତ 8 ମାସ ମଧ୍ୟରେ ଜିଲ୍ଲାପାଳ ବାଲେଶ୍ୱରଙ୍କୁ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଭାଗ ପତ୍ର ଲେଖିଛନ୍ତି କି, ଯଦି ହଁ ତେବେ ଜିଲ୍ଲାପାଳ ବାଲେଶ୍ୱରଙ୍କ କାର୍ଯ୍ୟାଳୟ ବର୍ତ୍ତମାନ ସୁଦ୍ଧା ପ୍ରସ୍ତାବିତ ଜାଗା ପରିଦର୍ଶନ କରି ବିଭାଗକୁ ଅବଗତ କରିଅଛନ୍ତି କି, ଯଦି ନାଁ ତେବେ ବିଳମ୍ବର କାରଣ କଣ କେଉଁ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କୁ ପ୍ରସ୍ତାବିତ ଜାଗା ପରିଦର୍ଶନ ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଛି ?

ବ୍ୟାରେଜ ପ୍ରକଳ୍ପର ସ୍ଥିତି

2164 ଶ୍ରୀ ମାଧବ ଧଡା (ସୋରୋ):

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଅଣତାରକା ପ୍ରଶ୍ନ 5195 ତା. 27.03.2025 ରିଖ ଉତ୍ତର ପରୀପ୍ରେକ୍ଷୀରେ ବିଭାଗକୁ ସୋରୋ କେନାଲ division ର କେଉଁ ଅଧିକାରୀ ଙ୍କ ଅବହେଳା ପାଇଁ ଅବଗତ ହୋଇନାହିଁ ଓ ଉକ୍ତ ଅଧିକାରୀ ଙ୍କ ବିରୋଧରେ ବିଭାଗ କଣ ପଦକ୍ଷେପ ଗ୍ରହଣ କରିଅଛି, (ଖ) ସୋରୋ କେନାଲ division ଅନ୍ତର୍ଗତ ନିର୍ମାଣଧୀନ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ବର୍ତ୍ତମାନର ସ୍ଥିତି କଣ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ କାର୍ଯ୍ୟକ୍ଷମ ପରେ ସୋରୋ ନିର୍ବାଚନ ମଣ୍ଡଳୀର କେଉଁ କେଉଁ ଅଂଚଳ ଜଳସେଚନ ହୋଇପାରିବ ଗ୍ରାମପଞ୍ଚାୟତୱାରୀ ତଥ୍ୟ ପ୍ରଦାନ କରିବେ କି ?

ପ୍ରଭାବିତ ଗ୍ରାମ ଗୁଡିକର ସମନ୍ୱିତ ବିକାଶ ପାଇଁ ପଦକ୍ଷେପ

2165 ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୋଡ଼ିଙ୍ଗାମାଳି ବକ୍ସାଇଟ୍ ଖଣିରୁ ପ୍ରତିବର୍ଷ ବିପୁଳ ପରିମାଣର ଖଣିଜ ଉତ୍ତୋଳନ ଓ ବିକ୍ରି ମାଧ୍ୟମରେ ସରକାର ଓ ଓଡ଼ିଶା ଖଣି ନିଗମ (OMC) ରାଜସ୍ୱ ଆଦାୟ କରୁଥିବା ସତ୍ତ୍ୱେ, ଖଣି ପ୍ରଭାବିତ ଆଦିବାସୀ ଗ୍ରାମଗୁଡ଼ିକରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ରାସ୍ତାଘାଟ ଓ ରୋଜଗାର କ୍ଷେତ୍ରରେ ଆଶାନୁରୂପ ବିକାଶ ହୋଇନଥିବା ଅଭିଯୋଗ ନଜରକୁ ଆସିଛି କି, ଗତ ୫ ବର୍ଷରେ କୋଡ଼ିଙ୍ଗାମାଳି ଖଣିରୁ ସରକାରଙ୍କୁ କେତେ ରୟାଲ୍ଟି, ଡିଷ୍ଟ୍ରିକ୍ଟ ମିନେରାଲ୍ ଫାଉଣ୍ଡେସନ୍ (DMF) ଓ ଅନ୍ୟାନ୍ୟ ଖଣିଜ ରାଜସ୍ୱ ମିଳିଛି ଏବଂ ସେଥିରୁ କେତେ ଅର୍ଥ ପ୍ରଭାବିତ ଗ୍ରାମଗୁଡ଼ିକର ବିକାଶ ପାଇଁ ବାସ୍ତବରେ ଖର୍ଚ୍ଚ ହୋଇଛି, ଖଣିଜ ସମ୍ପଦ ଉତ୍ତୋଳନରୁ ରାଜସ୍ୱ ମିଳୁଥିବା ସତ୍ତ୍ୱେ ସ୍ଥାନୀୟ ଆଦିବାସୀ ଲୋକଙ୍କୁ ମୌଳିକ ସୁବିଧା ଓ ସ୍ଥାୟୀ ରୋଜଗାରରୁ ବଞ୍ଚିତ ରଖାଯିବାର କାରଣ କ'ଣ, ସରକାର ଖଣି ପ୍ରଭାବିତ ପଞ୍ଚାୟତୱାରୀ ଆୟ ଓ ବ୍ୟୟର ସମ୍ପୂର୍ଣ୍ଣ ହିସାବ ଉପସ୍ଥାପନ କରିବେ କି ?

NH - 326 ରେ ସଡକ ସୁରକ୍ଷା ଏବଂ ଦୁର୍ଘଟଣା ନିୟନ୍ତ୍ରଣ

2166 ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):

ପରିବହନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କୋରାପୁଟ ଜିଲ୍ଲା ଦେଇ ଯାଇଥିବା ଜାତୀୟ ରାଜପଥ NH-326ର ଜୟପୁର-କୋରାପୁଟ ଘାଟି, କୋରାପୁଟ—ସୁନାବେଡ଼ା ଏବଂ ପଟ୍ଟାଙ୍ଗୀ-ସୁଙ୍କି ଅଞ୍ଚଳରେ ବାରମ୍ବାର ସଡ଼କ ଦୁର୍ଘଟଣା, ଭାରୀ ଯାନ ଯୋଗୁଁ ଟ୍ରାଫିକ୍ ଜାମ୍ ଯୋଗୁଁ ସାଧାରଣ ଯାତ୍ରୀଙ୍କ ଜୀବନ ବିପଦରେ ପଡୁଥିବା ବିଷୟ ନଜରକୁ ଆସୁଛି କି, ବିଶେଷକରି ଜୟପୁର ଘାଟିରେ ଭାରୀ ଯାନର ବ୍ରେକ୍ ଫେଲ୍ ଓ ଦୁର୍ଘଟଣା ରୋକିବା ପାଇଁ ପ୍ରସ୍ତାବିତ ରାସ୍ତାର ପୁନଃ ସଂରକ୍ଷଣ କାର୍ଯ୍ୟର ବର୍ତ୍ତମାନ ସ୍ଥିତି କ'ଣ, ଗତ ୩ ବର୍ଷରେ NH-326 ରେ କେତୋଟି ଦୁର୍ଘଟଣା ଘଟିଛି, କେତେଜଣଙ୍କ ମୃତ୍ୟୁ ଓ ଆହତ ହୋଇଛନ୍ତି ଏବଂ କେତୋଟି ଦୁର୍ଘଟଣାପ୍ରବଣ ସ୍ଥାନ ଚିହ୍ନଟ ହୋଇଛି ?

ବାଲି ଓ ରାଜସ୍ୱ ଚୋରୀ

2167 ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଂସାରୀଗୁଡା ଠାରେ ନିର୍ମାଣାଧୀନ କାରଖାନା L&T ସଂସ୍ଥା ଦ୍ୱାରା କାର୍ଯ୍ୟ ସମ୍ପନ୍ନ ପାଇଁ ଆବଶ୍ୟକ ହେଉଥିବା ବାଲି କେଉଁ ସ୍ରୋତରୁ ଅପୁର୍ତୀ କରାଯାଉଛି, କେତେ ପରିମାଣରେ ବାଲି ପାଇଁ କେତେ ରାଜସ୍ୱ ଆଦାୟ ହୋଇଛି ?

ଜଳ ସେଚନ ପାଇଁ ବ୍ୟବସ୍ଥା

2168 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିସମକଟକ ନିର୍ବାଚନମଣ୍ଡଳୀରେ ଜଳ ସେଚନପାଇଁ କି ବ୍ୟବସ୍ଥା ମାନ ରହିଛି ବ୍ଲକ୍ ୱାରୀ ତଥ୍ୟ ସହ ପ୍ରତି ବ୍ଲକର ଗ୍ରାମ ପଞ୍ଚାୟତ ୱାରୀ କେତେ ପ୍ରତିଶତ ଜମି ଜଳସେଚିତ ହେଉଛି ପ୍ରକାଶ କରିବେ କି ?

ବାତ୍ୟା ଆଶ୍ରୟ ସ୍ଥଳୀ ନିର୍ଣାଣ

2169 **ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଚିକିଟି):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚିକିଟି ନିର୍ବାଚନ ମଣ୍ଡଳୀର ଚିକିଟି ଓ ପାତ୍ରପୁର ବ୍ଲକରେ ପ୍ରତିବର୍ଷ ବାତ୍ୟାର ତାଣ୍ଡବ ଲୀଳା ଘଟୁଥିବା ହେତୁ ଏସବୁ ଅଞ୍ଚଳର ଜନସାଧାରଣ ବିଭିନ୍ନ ଅସୁବିଧାର ସମୁଖୀନ ହେଉଛନ୍ତି, ଏଣୁ ଉକ୍ତ ବ୍ଲକର ନିମ୍ନଲିଖିତ ସ୍ଥାନ ଯଥା - ଆଙ୍କୁଲି, ଏଲୋଗଲି, ବାତରାସାହି, ବୁରାତାଲ, ବି. ନୁଆଗାଁ ଓ ଭୀଇଂପୁର ଠାରେ ବାତ୍ୟା ଆଶ୍ରୟ ସ୍ଥଳୀ ନିର୍ମାଣ ପାଇଁ ପଦକ୍ଷେପ ନେବେ କି ?

ନାରାୟଣ ସାଗର ଜଳ ସେଚନ ପ୍ରକଳ୍ପର ମରାମତି

2170 **ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଚିକିଟି):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚିକିଟି ନିର୍ବାଚନ ମଣ୍ଡଳୀରେ ଥିବା ନାରାୟଣ ସାଗର ଜଳସେଚନ ପ୍ରକଳ୍ପଟି ବହୁ ବର୍ଷ ଧରି ମରାମତି ଅଭାବରୁ ଏହାର ଜଳଧାରଣ କ୍ଷମତା ସଂକୁଚିତ ହୋଉଅଛି, ତେଣୁ ଏହି ଅଞ୍ଚଳର ଚାଷୀମାନଙ୍କର ଜଳସେଚନ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି ହେଉଅଛି, ତେଣୁ ଜଳସେଚନର ବୃଦ୍ଧି ପାଇଁ ଏହାର ଜଳଧାରଣ କ୍ଷମତା ବୃଦ୍ଧି କଲେ ଚାଷୀମାନେ ଉପକୃତ ହେବେ, ଏ ଦିଗରେ ବିହିତ ପଦକ୍ଷେପ ନେବେ କି ?

ଭୂତଳ ଜଳ ସର୍ବେକ୍ଷଣ

2171 **ଶ୍ରୀ ସିଦ୍ଧାନ୍ତ ମହାପାତ୍ର (ଦିଗପହଣ୍ଡି):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଭୂତଳ ଜଳସ୍ତରର ସର୍ବେକ୍ଷଣ ଓ ମୂଲ୍ୟାଙ୍କନଶେଷଥର ପାଇଁ କେବେ କରାଯାଇଥିଲା ଏବଂ ଉକ୍ତ ସର୍ବେକ୍ଷଣ ଅନୁଯାୟୀ କେଉଁ କେଉଁ ଜିଲ୍ଲା ଓ ବ୍ଲକରେ ଭୂତଳ ଜଳସ୍ତର କ୍ରମାଗତ ଭାବେ ହ୍ରାସ ପାଉଛି ତଥା ରାଜ୍ୟର କେତୋଟି ବ୍ଲକ ସୁରକ୍ଷିତ (Safe), ଅର୍ଦ୍ଧ-ସଙ୍କଟାପନ୍ନ (Semi-Critical), ସଙ୍କଟାପନ୍ନ (Critical) ଓ ଅତ୍ୟଧିକ ଜଳ ଉତ୍ତୋଳନ (Over-Exploited) ଶ୍ରେଣୀରେ ରହିଛି; ବିଶେଷକରି ଭୂତଳ ଜଳସ୍ତର ହ୍ରାସ ପାଉଥିବା ଓ ଜଳ ସଙ୍କଟାପନ୍ନ ଅଞ୍ଚଳଗୁଡ଼ିକରେ ଭୂତଳ ଜଳସ୍ତର ବୃଦ୍ଧି, ଭୂତଳ ଜଳ ପୁନର୍ଭରଣ (Groundwater Recharge) ଏବଂ ଜଳ ସଂରକ୍ଷଣ ପାଇଁ କି କି ପଦକ୍ଷେପ ଗ୍ରହଣ କରିଛନ୍ତି ତଥା ଆଗାମୀ ଦିନରେ ଏଥିପାଇଁ କୌଣସି ସ୍ୱତନ୍ତ୍ର କାର୍ଯ୍ୟଯୋଜନା ପ୍ରସ୍ତୁତ କରିଛନ୍ତି କି ?

UGPL ଜଳ ସେଚନ ବ୍ୟବସ୍ଥାର ସ୍ଥିତି

2172 ଶ୍ରୀ ସିଦ୍ଧାନ୍ତ ମହାପାତ୍ର (ଦିଗପହଣ୍ଡି):

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ମୋଟ ଚାଷଯୋଗ୍ୟ ଜମି ମଧ୍ୟରୁ କେତେ ହେକ୍ଟର ଜମିକୁ ଭୂତଳ ପାଇପଲାଇନ୍ (Underground Pipeline-UGPL) ଜଳସେଚନ ବ୍ୟବସ୍ଥା ସହିତ ସଂଯୋଗ କରାଯାଇଛି ଓ ଏହା ମୋଟ ଚାଷଯୋଗ୍ୟ ଜମିର କେତେ ପ୍ରତିଶତ ବିଶେଷକରି ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀରେ ଏହାର ସ୍ଥିତି କଣ, ଏବଂ ଅବଶିଷ୍ଟ ଚାଷଜମିକୁ ଏହି ସୁବିଧା ସହିତ ସଂଯୋଗ କରିବା ପାଇଁ ସରକାରଙ୍କର କୌଣସି ଯୋଜନା ଅଛି କି, ଯଦି ଅଛି, ତେବେ ଏହାର କାର୍ଯ୍ୟକାରିତା ପାଇଁ ନିର୍ଦ୍ଧାରିତ ସୟସୀମା କଣ ?

Rescue operation

2173 ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) the date and hour each warning for the October 2026 cyclone, rain and flood events was received from IMD and passed to each affected district and block, (b) the people ordered evacuated and those actually evacuated, district-wise, the deaths, missing and injured , and the lapses in waring, evacuation or rescue found in any review, and the action taken ?

Utilisation of Relief Fund

2174 ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The Families found eligible for flood assistance since 12 june 2004, event-wise and district-wise, (b) the assistance actually credited to them, the approved claims unpaid for over 90 days on 31 October 2026, with reasons, and the relief funds lying

unspent with districts on that date ?

Lower Sutktel Projectg

2175 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The irrigation potential promised from the Lower Suktel project and area actually irrigated in each Kharif and Rabi season since 2024, block-wise, (b) the canals and distributaries incomplete beyond their deadlines, the original and revised cost and the expenditure to date, and the displaced families still awaiting rehabilitation entitlements, and for how long ?

ସଡକ ଦୁର୍ଘଟଣା ରୋକିବାକୁ ପଦକ୍ଷେପ

2176 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

ପରିବହନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ଗତ 3 ବର୍ଷରେ କେତୋଟି ସଡକ ଦୁର୍ଘଟଣାରେ କେତେ ମୃତ୍ୟୁ ହୋଇଛି ଭାରୀଯାନ ଯୋଗୁଁ କେତେ ଦୁର୍ଘଟଣା ହୋଇ କେତେ ମୃତ୍ୟୁ ହୋଇଛି ଜିଲ୍ଲାୱାରୀ ତଥ୍ୟ ଦେବେ କି, (ଖ) ସଡକ ଦୁର୍ଘଟଣା ରୋକିବା ଲାଗି ରାଜ୍ୟ ବିଗତ 2 ବର୍ଷ ମଧ୍ୟରେ କ'ଣ କ'ଣ ପଦକ୍ଷେପ ନେଇଛନ୍ତି?

ଜମି ଅଧିଗ୍ରହଣର ତଥ୍ୟ ପ୍ରଦାନ

2177 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତେ ଜମି ଅଧିଗ୍ରହଣ ପରେ ଉପଯୋଗ ହୋଇନାହିଁ, କେଉଁ ଉଦ୍ଦେଶ୍ୟରେ ଅଧିଗ୍ରହଣ ହୋଇ ଉପଯୋଗ ହୋଇନାହିଁ ଭିନ୍ନ ଭାବରେ ତଥ୍ୟ ଦେବେ , 30 ଜିଲ୍ଲାର ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି ?

ଜଳ ନିଷ୍କାସନ ପାଇଁ ପଦକ୍ଷେପ

2178 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭୋଗରାଇ ନିର୍ବାଚନ ମଣ୍ଡଳୀ ଜଳ ନିସ୍କାସନ ପାଇଁ ସୁବର୍ଣ୍ଣରେଖା ସଂସ୍କାର ଯୋଜନାରେ ପ୍ରଦାନ କରାଯାଇଥିବା ପ୍ରାୟ ୨୨ କୋଟି ଟଙ୍କାର ପ୍ରକଳ୍ପର କେତେ ଅଗ୍ରଗତି ହୋଇଛି ଏରିଅଲ ସର୍ଭେ ସମ୍ପନ୍ନ ହୋଇଛି ନା ନାହିଁ ସର୍ଭେ ଅନୁଯାୟୀ ଜମି ଅଧିଗ୍ରହଣ ପ୍ରକ୍ରିୟା କେବେ ଆରମ୍ଭ ହେବ କେନାଲ ଖନନ ପାଇଁ କେତେ ତାରିଖ ଧାର୍ଯ୍ୟ କରାଯାଇଛି ?

ସର୍ତ୍ତ ଉଲଂଘନକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

2179 ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) 2024 ମସିହା ଠାରୁ ଅଦ୍ୟାବଧି ରାଜ୍ୟରେ ଜିଲ୍ଲାୱାରୀ କେତେ ପରିମାଣର ସରକାରୀ ଜମି କେଉଁ ବିଭାଗ, କେଉଁ ବ୍ୟକ୍ତି, ଶିଳ୍ପସଂସ୍ଥା, କମ୍ପାନୀ ଓ ଅନ୍ୟାନ୍ୟ ସଂସ୍ଥାକୁ କେଉଁ ଉଦ୍ଦେଶ୍ୟରେ ଲିଜ୍ ପ୍ରଦାନ କରାଯାଇଛି ଏବଂ ଏଥିରୁ ସରକାର କେତେ ରାଜସ୍ୱ ପାଇଛନ୍ତି ; (ଖ) ଲିଜ୍ ପ୍ରଦାନ କରାଯାଇଥିବା ଜମିଗୁଡିକ ମଧ୍ୟରୁ କେତୋଟି ଜମିରେ ନିର୍ଦ୍ଧାରିତ ଉଦ୍ଦେଶ୍ୟରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ବା ସମ୍ପୂର୍ଣ୍ଣ ହୋଇଛି ଏବଂ କେତୋଟି ଜମି ଅବ୍ୟବହୃତ ରହିଛି ; ଏଥିସହିତ ବାଲେଶ୍ୱର ଜିଲ୍ଲା, ବିଶେଷ କରି ବସ୍ତା ଓ ବାଲିଆପାଳ ବ୍ଲକରେ ଲିଜ୍ ପ୍ରଦାନର ସ୍ଥିତି ଏବଂ ସର୍ତ୍ତ ଉଲ୍ଲଂଘନକାରୀଙ୍କ ବିରୋଧରେ ସରକାର କି ପଦକ୍ଷେପ ନେଇଛନ୍ତି?

ଟେଣ୍ଡର ସମ୍ପର୍କରେ

2180 ଶ୍ରୀ ଅମରେନ୍ଦ୍ର ଦାସ (ଜଗତସିଂହପୁର):

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସରକାରୀ ଟେଣ୍ଡରରେ "Less" ପାଇଁ ପ୍ରଚଳିତ ସର୍ବାଧିକ ସୀମା(Ceiling) କେଉଁ ତାରିଖରେ କେଉଁ ସରକାରୀ ଆଦେଶ/ନିୟମ ଏବଂ କେଉଁ କର୍ତ୍ତୃପକ୍ଷଙ୍କ ଅନୁମୋଦନରେ ହଟାଯାଇଛି ; ଏହି ନିଷ୍ପତ୍ତିର ତଥ୍ୟ ସରକାର ଜଣାଇବେ କି ; "Less" ର ସର୍ବାଧିକ ସୀମା ହଟାଇବା ପୂର୍ବରୁ ସରକାରଙ୍କ ପକ୍ଷରୁ କୌଣସି ବୈଷୟିକ, ଆର୍ଥିକ, ଆଇନଗତ କିମ୍ବା Risk/impact assessment କରାଯାଇଥିଲା କି ; ଉତ୍ତର ଯଦି ହଁ ହୁଏ, ତାହାର ମୁଖ୍ୟ ଫଳାଫଳ ଓ ସୁପାରିଶ କଣ ଏବଂ ତାହା କେଉଁ ଅଧିକାରୀ/କମିଟି ଦ୍ୱାରା ଅନୁମୋଦିତ?

ବରପୁତ୍ରଙ୍କର ଜୟନ୍ତୀ ପାଳନ

2181 ଶ୍ରୀ ଅମରେନ୍ଦ୍ର ଦାସ (ଜଗତସିଂହପୁର):

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଗତସିଂହପୁର ଜିଲ୍ଲାରେ କେତେଜଣ ମହାପୁରୁଷ, ବରପୁତ୍ର, ସ୍ୱାଧିନତା ସଂଗ୍ରାମୀ ଓ ଦେଶ ପାଇଁ ଜୀବନ ହାରିଛନ୍ତି, ସେମାନଙ୍କର ନାମ ଓ ଠିକଣା ସହିତ ନିର୍ବାଚନ ମଣ୍ଡଳୀୱାରୀ ପ୍ରଦାନ କରିବେ କି ; ଏବଂ ସେମାନଙ୍କର ଜୟନୀ ଓ ଶ୍ରାଦ୍ଧୋତ୍ସବ ପାଳନ ପାଇଁ ସରକାର ବ୍ୟବସ୍ଥା ଅଛି କି ; ଉତ୍ତର ଯଦି ହଁ ହୁଏ ତେବେ କାହାର ଏବଂ କେଉଁ ଜାଗାରେ ସରକାରଙ୍କ ତରଫରୁ କରାଯାଉଛି ; ଉତ୍ତର ଯଦି ନାଁ ହୁଏ, ତେବେ ଏହାକୁ କରିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବେ କି?

ଡୋପ୍ଲର ରାଡର କେନ୍ଦ୍ର ସ୍ଥାପନ

2182 ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବଜ୍ରାଘାତରେ ଚଳିତ ବର୍ଷ ଏପର୍ଯ୍ୟନ୍ତ କେତେ ସଂଖ୍ୟାରେ ମୃତ୍ୟୁବରଣ କଲେ ଏବଂ କେଉଁ ଜିଲ୍ଲାରେ କେତେ ଏହାର ସଠିକ୍ ତଥ୍ୟ ସରକାର ଉପସ୍ଥାପନ କରିବେ କି, ବାଲେଶ୍ୱର ସମେତ ରାଜ୍ୟରେ ଡୋପ୍ଲର ରାଡାର କେନ୍ଦ୍ର ସ୍ଥାପନ କରାଯାଇ ବଜ୍ରାଘାତର ଆଗୁଆ ସତର୍କ ସୂଚନା ଦେବା ସକାଶେ କାର୍ଯ୍ୟର ଅଗ୍ରଗତି କେଉଁ ସ୍ତରରେ ?

ବେଆଇନ ଖଣିଜ ଦ୍ରବ୍ୟ କାରବାର

2183 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ୨୦୨୪-୨୫, ୨୦୨୫-୨୬ ଓ ଚଳିତ ବର୍ଷ ବେଆଇନ୍ ଭାବରେ କେତେ ଖଣିଜ ପଦାର୍ଥ କାରବାର ହୋଇ ରାଜ୍ୟରେ କେଉଁ ଜିଲ୍ଲା କେଉଁଠାରେ ଧରାପଡିଛି ଓ ଜବଦ ହୋଇଛି ସରକାର ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି , ଏପରି ଚୋରି ରୋକିବା ପାଇଁ ସରକାରଙ୍କର ସ୍ଥାୟୀ ପ୍ରତିକାର କ'ଣ ?

ଜଳମାର୍ଗ - ୦୫ର ବିକାଶ

2184 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

ବାଣିଜ୍ୟ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ୨୬ ମାର୍ଚ୍ଚ ୨୦୨୬ରେ ତାରକା ପ୍ରଶ୍ନ ସଂଖ୍ୟା ୫୭୫ର ଉତ୍ତରରେ ଜାତୀୟ ଜଳମାର୍ଗ - ୫ର ବିକାଶ ପାଇଁ ୨୦୨୫ରେ ଓଡ଼ିଶା ସରକାର, ଭାରତୀୟ ଅନ୍ତର୍ଦେଶୀୟ ଜଳମାର୍ଗ ପ୍ରାନ୍ଟକରଣ ଓ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ମଧ୍ୟରେ MOU ସ୍ୱାକ୍ଷରିତ ହୋଇଥିବା ଏବଂ ଏଥିପାଇଁ ପ୍ରାୟ ୧୨,୨୦୦ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଥିବା ଉଲ୍ଲେଖ ରହିଛି, ଏହି ପ୍ରକଳ୍ପ ପାଇଁ କେନ୍ଦ୍ର ସରକାରଙ୍କ ଠାରୁ ଅଦ୍ୟାବଧି କେତେ ଅର୍ଥ ମଞ୍ଜୁର ଓ ମିଳିଛି, (କ) ଧାମରା ଓ ପାରାଦୀପକୁ ସଂଯୋଗ କରୁଥିବା ଜାତୀୟ ଜଳମାର୍ଗ-୫ର ବିକାଶ କାର୍ଯ୍ୟ ଆରମ୍ଭ ହୋଇଛି କି, ଯଦି ହଁ, ବର୍ତ୍ତମାନର ଅଗ୍ରଗତି ଓ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବାର ସମୟସୀମା କେତେ, (ଖ) ଯଦି କାର୍ଯ୍ୟ ଆରମ୍ଭ ହୋଇନାହିଁ, ତେବେ ବିଳମ୍ବର କାରଣ କ'ଣ ଏବଂ କେବେ ସୁଦ୍ଧା ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ?

ବିନା ଟେଣ୍ଡରରେ ହୋଇଥିବା ପ୍ରକଳ୍ପ କାର୍ଯ୍ୟ

2185 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚାନ୍ଦବାଲି ନିର୍ବାଚନମଣ୍ଡଳୀରେ ୫ ଲକ୍ଷ ଟଙ୍କା ଏବଂ ୫ ଲକ୍ଷ ଟଙ୍କାରୁ କମ୍ ମୂଲ୍ୟର କେତୋଟି କାର୍ଯ୍ୟ ବିନା ଟେଣ୍ଡରରେ ଏବଂ କେତୋଟି କାର୍ଯ୍ୟ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ହାତକୁ ନିଆଯାଇଛି ,ଉକ୍ତ କାର୍ଯ୍ୟଗୁଡ଼ିକ ମଧ୍ୟରୁ ଏପର୍ଯ୍ୟନ୍ତ କେତୋଟି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଏବଂ କେତୋଟି କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଛି. ଏହି ସମସ୍ତ କାର୍ଯ୍ୟ କେଉଁ କେଉଁ ଠିକାଦାର, ସଂସ୍ଥା ବା ଏଜେନ୍ସିକୁ ପ୍ରଦାନ କରାଯାଇଛି, ଉକ୍ତ କାର୍ଯ୍ୟଗୁଡ଼ିକର ତଦାରଖ, ଯାଞ୍ଚ ଏବଂ ଗୁଣବତ୍ତା ମାନ ନିର୍ଦ୍ଧାରଣ ପାଇଁ ସରକାରଙ୍କ ପକ୍ଷରୁ କୌଣସି ଯାଞ୍ଚ କମିଟି ଗଠନ କରାଯାଇଛି କି ?

ବୈତରଣୀ ନଦୀର ବାମ ପାର୍ଶ୍ୱ ରାସ୍ତା ନିର୍ମାଣ

2186 **ଶ୍ରୀ ବ୍ୟୋମକେଶ ରାୟ** (ଚାନ୍ଦବାଲି):

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭଣ୍ଡାରୀପୋଖରୀ ଠାରୁ ବୋଡ଼କ ପର୍ଯ୍ୟନ୍ତ ବୈତରଣୀ ନଦୀର ଲେଫ୍ଟ ରୋଡ୍ ନିର୍ମାଣ ପାଇଁ ସରକାର କେଉଁ କେଉଁ ପଦକ୍ଷେପ ଗ୍ରହଣ କରିଛନ୍ତି, ଏହି ପ୍ରକଳ୍ପ ପାଇଁ ମୋଟ କେତେ ଟଙ୍କାର ଅଟକଳ ପ୍ରସ୍ତୁତ ହୋଇଛି ଏବଂ କେତେ ଟଙ୍କା ମଞ୍ଜୁର ହୋଇଛି, ଏହି କାର୍ଯ୍ୟ କେବେ ଆରମ୍ଭ ହେବ ଏବଂ କେବେ ସୁଦ୍ଧା ସମ୍ପୂର୍ଣ୍ଣ ହେବ, ଚାନ୍ଦବାଲି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଧାମରା ପଞ୍ଚାୟତର ଝଡ଼ାକାଟିଠାରେ ମନ୍ତେଇ ନଦୀର ଲେଫ୍ ବନ୍ଧ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିରହିବାର କାରଣ କ'ଣ, ଉକ୍ତ ବନ୍ଧ ନିର୍ମାଣ କାର୍ଯ୍ୟ ପାଇଁ ସରକାର କେତେ ଟଙ୍କା ମଞ୍ଜୁର କରିଛନ୍ତି ଏବଂ ବର୍ତ୍ତମାନ କେତେ ପ୍ରତିଶତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି, ଅସମ୍ପୂର୍ଣ୍ଣ ରହିଥିବା ଏହି ବନ୍ଧ କାର୍ଯ୍ୟ କେବେ ସୁଦ୍ଧା ସମ୍ପୂର୍ଣ୍ଣ କରାଯିବ?

ମୁଣ୍ଡ ପିଛା ଆୟ ବୃଦ୍ଧି କରିବାକୁ ପଦକ୍ଷେପ

2187 **ଶ୍ରୀ ଧ୍ରୁବ ଚରଣ ସାହୁ** (ରାଜନଗର):

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଚଳିତ ଆର୍ଥିକ ବର୍ଷରେ ଅଭିବୃଦ୍ଧି ହାର ଓ ମୁଣ୍ଡପିଛା ଆୟ କେତେ ହାସଲ କରିବାକୁ ଲକ୍ଷ୍ୟ କରାଯାଇଥିଲା ଏବଂ ତାହା ଚଳିତ ବର୍ଷର ପ୍ରାକୃତିକ ବିପର୍ଯ୍ୟୟ ଦୃଷ୍ଟିରୁ ହାସଲ ହୋଇପାରିବ କି ନା, ରାଜ୍ୟ ସରକାର ଏ କ୍ଷେତ୍ରରେ କୌଣସି ସଂଶୋଧନ କରୁଛନ୍ତି ଓ ଉତ୍ତର ହଁ ହୋଇଥିଲେ ତାହା କେତେ ହବ ?

Cargo ଉତ୍ପାଦନ ଓ ପ୍ରାପ୍ତି

2188 **ଶ୍ରୀ ଲକ୍ଷ୍ମଣ ମୁଣ୍ଡା** (ବଣାଇ):

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଗୋପାଳପୁର ଟାଟା କମ୍ପାନୀ ଦଖଲରେ ଥିବା ମୋଟ ଜମି ଓ କେଉଁସବୁ କମ୍ପାନୀ ସେଠାରେ କେଉଁ ବର୍ଷ ପ୍ରତିଷ୍ଠା ହୋଇଛି, ଉକ୍ତ କମ୍ପାନୀର ବ୍ୟବହୃତ ଜମିର ପରିମାଣ କେତେ ; (ଖ) ଗୋପାଳପୁର ଷ୍ଟିଲ କାରଖାନାରେ ୨୦୨୪ ଠାରୁ ଏ ଯାବତ କେଉଁ ଦ୍ରବ୍ୟ (Cargo) ଉତ୍ପାଦନ ହୋଇଛି ତାର ପରିମାଣ କେତେ; କେଉଁ ରାଜ୍ୟ ବା ଦେଶକୁ ରପ୍ତାନୀ ହୋଇଛି; ରାଜ୍ୟ ସରକାର କେତେ ରୟାଲିଟି ବା ଟିକସ ପାଇଛନ୍ତି ?

ସେନଚୁ୍ୟରିଆନକୁ ଜମି ପ୍ରଦାନ ସମ୍ପର୍କରେ

2189 **ଶ୍ରୀ ଲକ୍ଷ୍ମଣ ମୁଣ୍ଡା** (ବଣାଇ):

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଓଡ଼ିଶାରେ କେତେଗୋଟି ସେନଚ୍ୟୁରିଆନ ଅନୁଷ୍ଠାନ (କଲେଜ, ୟୁନିଭରସିଟି) ଅଛି; ସରକାର ଉକ୍ତ ଅନୁଷ୍ଠାନକୁ କେତେଜମି କେଉଁବର୍ଷ ଯୋଗାଇଛନ୍ତି ; ଅନୁଷ୍ଠାନ ଦଖଲରେ ଥିବା ଘରୋଇଜମି ସରକାରୀ ଜମିର ହିସାବ ଦେବେ କି; କେଉଁ ଅନୁଷ୍ଠାନ କେତେ ଗୋଚର ଜମି, ଦଳିତଙ୍କ ଜମି ଦଖଲରେ ରଖିଛନ୍ତି; (ଖ) ଗଞ୍ଜାମ (ଛତ୍ରପୁର ବ୍ଲକ) ଶ୍ରୀରାମ ଚନ୍ଦ୍ରପୁରଠାରେ ଅନୁଷ୍ଠିତ କେତେ ସରକାରୀ ଜମି ଦଖଲରେ ରଖିଛନ୍ତି ସେଠାରେ ଥିବା ଗୋଚର ଜମି କିଏ କେଉଁ ନିୟମରେ କିସମ ପରିବର୍ତ୍ତନ କରୁଛନ୍ତି ?

ପଙ୍କ ଅପସାରଣ ପାଇଁ ପଦକ୍ଷେପ

2190 ଶ୍ରୀ ନିରଞ୍ଜନ ପୂଜାରୀ (ସୋନପୁର):

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ହିରାକୁଦ ଜଳ ଭଣ୍ଡାରରେ କେତେ ଫୁଟ ପଙ୍କ କାଦୁଅ ପୋତି ହୋଇଛି ଏବଂ ଉକ୍ତ ପଙ୍କ କାଦୁଅ ମାଟି ପୋତି ହେବା ଫଳରେ ହିରାକୁଦ ଜଳ ଭଣ୍ଡାରର କେତେ ଜଳ ଧାରଣ କ୍ଷମତା କମି ଯାଇଛି; ସରକାର ବିହିତ ପଦକ୍ଷେପ ନେବେ କି ?

ବାତ୍ୟା ପରିଚାଳନା ସମ୍ପର୍କରେ

2191 ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାତ୍ୟା 'ଅର୍ଣ୍ଣବ' ଓ ବାତ୍ୟା ପ୍ରଭାବରେ ବର୍ଷା ସଂକ୍ରାନ୍ତରେ ଭାରତୀୟ ପାଣିପାଗ ବିଭାଗ ତରଫରୁ ରାଜ୍ୟ ସରକାର କଣ ସୂଚନା ପାଇଥିଲେ; ପ୍ରାପ୍ତ ସତର୍କ ସୂଚନା ଅନୁସାରେ ରାଜ୍ୟ ସରକାର ତରଫରୁ କଣ କଣ ପ୍ରସ୍ତୁତିକରଣ କରିଥିଲେ ଓ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ତରଫରୁ କେଉଁ କେଉଁ ବିଭାଗ ସହିତ ସମନ୍ୱୟ ରକ୍ଷା କରି କଣ ପଦକ୍ଷେପ ନେବାକୁ ପରାମର୍ଶ ଓ ମନିଟରିଂ କରିଥିଲେ ?

Food Managament adjacent to Rushikulya River

2192 ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- a) what steps have been taken by the Water Resources Deptt. regarding flood management alongside and adjoining area of Rushikulya River in maintaining water level and discharging water in the water storage or Dam in Rushikulya and adjoining line connected Rushikulya River on the eve of Cyclone Arnab; b) will the Govt. make the information of water level of various water storage / dam constructed in Rushikulya embankment from 24 October to 30 October, 2026 ?

ମୋ ବସ ଚଳାଚଳ ପାଇଁ ପଦକ୍ଷେପ

2193 **ଶ୍ରୀ ପ୍ରଦ୍ୟୁମ୍ନ କୁମାର ନାୟକ (ଭଞ୍ଜନଗର):**

ପରିବହନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭଞ୍ଜନଗର ଉପଖଣ୍ଡ ମୋ ବସ ପ୍ରଚଳନ କରିବାର ବ୍ୟବସ୍ଥା କରିବେ କି, ଏଥିସହିତ ଭଞ୍ଜନଗର ଠାରୁ ପୁରୀ ଭାୟା ଜଗନ୍ନାଥପ୍ରସାଦ ଏବଂ ଭଞ୍ଜନଗର ଠାରୁ ପୁରୀ ଭାୟା ଦଶପଲ୍ଲା ମଧ୍ୟ ଦେଇ ଦୁଇଟି ବସ ଚଳାଚଳ କରିବାର ବ୍ୟବସ୍ଥା କରିବେ କି ?

ନିର୍ମାଣ ହୋଇଥିବା CADA କେନାଲ

2194 **ଶ୍ରୀମତୀ ପ୍ରମିଳା ମଲିକ (ବିଞ୍ଝାରପୁର):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଞ୍ଝାରପୁର ନିର୍ବାଚନମଣ୍ଡଳୀର କେଉଁ କେଉଁ ସ୍ଥାନରେ କେତେ CADA ନାଳ ତିଆରି ହୋଇଛି, ଏଥିରୁ କେତେ ଚାଷୀ ଉପକୃତ ହେଉଛନ୍ତି ?

ବାଲିଡିହା ଡ୍ୟାମର ବର୍ତ୍ତମାନ ସ୍ଥିତି

2195 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବାଲିଡିହା ଡ୍ୟାମର ବର୍ତ୍ତମାନ ସ୍ଥିତି, ଜଳଧାରଣ କ୍ଷମତା, ଜଳସେଚନ କ୍ଷମତା ଓ ସୁରକ୍ଷା ଯାଞ୍ଚ ସମ୍ପର୍କରେ ବିଭାଗ ପକ୍ଷରୁ ଶେଷ ଥର କେବେ ଯାଞ୍ଚ କରାଯାଇଛି, (ଖ) ଉକ୍ତ ଡ୍ୟାମର ନବୀକରଣ, ମରାମତି, ଜଳଧାରଣ କ୍ଷମତା ବୃଦ୍ଧି ପାଇଁ କୌଣସି DPR ପ୍ରସ୍ତୁତ ହୋଇଛି କି, ହୋଇଥିଲେ ପ୍ରକଳ୍ପୱାରୀ ବ୍ୟୟ ଅଟକଳ ଓ କାର୍ଯ୍ୟାନ୍ୱୟନ ସମୟସୀମା କେତେ ?

ଜନସାଧାରଣଙ୍କ ଯାତାୟତକୁ ସୁରକ୍ଷିତ କରିବା ପାଇଁ ପଦକ୍ଷେପ

2196 **Miss Sanjali Murmu (Bangriposi):**

Will the Minister for **Transport** be pleased to state that:- ବାଙ୍ଗିରିପୋଷୀ ନିର୍ବାଚନମଣ୍ଡଳୀ ମଧ୍ୟ ଦେଇ ଯାଇଥିବା ଜାତୀୟ ରାଜପଥ NH-18 ଓ NH-46 ରେ କେତୋଟି ଅନଧିକୃତ ରାସ୍ତା ସଂଯୋଗ, ପଥ ପରିବର୍ତ୍ତନ ଓ ମୋଡ଼ ରହିଛି, ଏହାର ସ୍ଥାନଭିତ୍ତିକ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି, ଉକ୍ତ ଅନଧିକୃତ ରାସ୍ତା ସଂଯୋଗ ଓ ମୋଡ଼ଗୁଡ଼ିକ ଯୋଗୁଁ ବିଗତ ୩ ବର୍ଷ ମଧ୍ୟରେ କେତୋଟି ସଡ଼କ ଦୁର୍ଘଟଣା ଘଟିଛି ଏବଂ ସେଥିରେ କେତେଜଣ ଲୋକଙ୍କର ମୃତ୍ୟୁ ଘଟିଛି ଓ କେତେଜଣ ଆହତ ହୋଇଛନ୍ତି, ଜାତୀୟ ରାଜପଥରେ ଏହିପରି ଅନଧିକୃତ ରାସ୍ତା ସଂଯୋଗ ଓ ମୋଡ଼ ଯୋଗୁଁ ଦୁର୍ଘଟଣା ରୋକିବା ପାଇଁ ସରକାରଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କି କି ପଦକ୍ଷେପ ଗ୍ରହଣ କରାଯାଇଛି,ଉକ୍ତ ଅନଧିକୃତ ରାସ୍ତା ସଂଯୋଗ ଓ ମୋଡ଼ଗୁଡ଼ିକୁ ବନ୍ଦ କରିବା ସହ ଜନସାଧାରଣଙ୍କ ଯାତାୟାତକୁ ସୁରକ୍ଷିତ କରିବା ପାଇଁ କୌଣସି ସମୟସୀମା ଧାର୍ଯ୍ୟ କରିଛନ୍ତି କି ?

Settlement of Government land strips

2197 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) District-wise applications received, approved, rejected and pending for settlement of Government land strips, including cases pending beyond five years; (b) whether such strips obstruct building plan approval for adjoining or landlocked plots under the 2020 Building Standards Rules; Whether Government proposes a uniform settlement policy for adjoining landowners on payment of prescribed fees; whether the 2020 Amendment Rules applicable to Bhubaneswar will extend to Cuttack and other urban areas, and whether Clause 2(1)(d) covers individual landlocked plot owners ?

Pending mutation cases in Kataka Tahasil office

2198 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The total number of pending cases in Cuttack Tahasil Office relating to mutation, correction and updation of land records, land transfer and other revenue services, category-wise, with the period of pendency; (b) the number of cases disposed of during 2025-26 and 2026-27 till date, and the number pending beyond the prescribed time limit; the reasons for delays and the present status of verification and approval of pending cases; and the steps taken, including deployment of additional staff and time-bound disposal targets, to clear the backlog and prevent recurrence ?

କୋଟିଆ ବିବାଦ ସମ୍ପର୍କରେ

2199 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କୋଟିଆ ସହ ଆନ୍ଧ୍ର ଓଡିଶା ସୀମାନ୍ତରେ ବାସ କରୁଥିବା କେଉଁ ଗ୍ରାମରେ ଓଡିଶାର ବାସିନ୍ଦା ହୋଇମଧ୍ୟ ଆନ୍ଧ୍ରର ବାସିନ୍ଦା ହେବାପାଇଁ ସେମାନଙ୍କ ମଧ୍ୟରୁ କେତେ ସଂଖ୍ୟକ ଲୋକ ଇଚ୍ଛା ପ୍ରକାଶ କରିଛନ୍ତି ; ଆନ୍ଧ୍ରଦ୍ୱାରା ଓଡିଶାର କେତେ ପରିମାଣର ଜମି ଜବରଦଖଲ କରାଯାଇଛି ଏବଂ କେତେ ଜମିରେ ଚାଷକାର୍ଯ୍ୟ କରୁଛନ୍ତି ; ଉଭୟ ରାଜ୍ୟର ସଂପୃକ୍ତ ବିଭାଗ ଦ୍ୱାରା ସୀମା ବିବାଦର ସମାଧାନ ପାଇଁ ଯୁଗ୍ମମାପ କରାଯାଇଛି କି?

Auction Premium ବାବଦରେ ଆଦାୟ ଅର୍ଥର ବିବରଣୀ ପ୍ରଦାନ

2200 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ଖଣିଜ ସମ୍ପଦରୁ ସରକାର ବିଭିନ୍ନ ଆକାରରେ ଯଥା-ରୟାଲ୍ଟି, DMF, NMET, Surface Rent, Cess, Penalties, Additional Levies ଏବଂ Auction Premium ଆଦି ବାବଦରେ ରାଜସ୍ୱ ଆଦାୟ କରୁଥିବାବେଳେ, 2000-01 ଆର୍ଥିକ ବର୍ଷରୁ 2025-26 ଆର୍ଥିକ ବର୍ଷ ପର୍ଯ୍ୟନ୍ତ ପ୍ରତ୍ୟେକ ଆର୍ଥିକ ବର୍ଷରେ ଉକ୍ତ ପ୍ରତ୍ୟେକ ଉତ୍ସରୁ କେତେ କେତେ ଟଙ୍କା ଆଦାୟ ହୋଇଛି ; (କ) 2015-16 ରୁ ଖଣିଜ ବ୍ଲକ୍ ନିଲାମ ବ୍ୟବସ୍ଥା ଲାଗୁ ହେବା ପରଠାରୁ ବର୍ତ୍ତମାନ ସୁଦ୍ଧା Auction Premium ବାବଦରେ ସରକାର ମୋଟ କେତେ ଟଙ୍କା ଆଦାୟ କରିଛନ୍ତି ?

ହାତୀ ନଦୀରେ ସ୍ପର ପ୍ୟାକିଂ ବ୍ୟବସ୍ଥା

2201 ଶ୍ରୀ ଦିବ୍ୟ ଶଙ୍କର ମିଶ୍ର (ଜୁନାଗଡ଼):

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜୁନାଗଡ଼ ବ୍ଲକର ଚିଙ୍ଗୁଡିସର ଗ୍ରାମଠାରୁ ପାନିଗାଁ ଗ୍ରାମ ପର୍ଯ୍ୟନ୍ତ ହାତୀ ନଦୀର ଦକ୍ଷିଣ ପାର୍ଶ୍ୱରେ ନଦୀ ଜଳରେ ପ୍ରବଳ ସ୍ରୋତ ଓ ଭୂକ୍ଷୟ ଯୋଗୁଁ ନଦୀତଟ ଏବଂ ଚାଷ ଜମିର ସୁରକ୍ଷା ପ୍ରତି ବିପଦ ରହିଥିବା ସରକାରଙ୍କ ଦୃଷ୍ଟିଗୋଚର ହୋଇଛି କି, ଯଦି ହଁ ଉକ୍ତ ଅଞ୍ଚଳରେ ଆବଶ୍ୟକୀୟ ସ୍ଥାନରେ ପଥର ପ୍ୟାକିଂ (Stone pithing) ସ୍କର ନିର୍ମାଣ ଓ ଅନ୍ୟାନ୍ୟ ନଦୀତଟ ସୁରକ୍ଷା କାର୍ଯ୍ୟପାଇଁ କୌଣସି ବୈଷୟିକ Survey , DPR କିମ୍ବା ଅର୍ଥ ମଞ୍ଜୁର କରାଯାଇଛି କି ଏବଂ ଏହି ଅତ୍ୟାବଶ୍ୟକ ସୁରକ୍ଷା କାର୍ଯ୍ୟ କେବେ ସୁଦ୍ଧା ଆରମ୍ଭ ସମ୍ପୂର୍ଣ୍ଣ କରାଯିବ ?

ଖଣି ରାଜସ୍ୱ ଆଦାୟ ସମ୍ପର୍କରେ

2202 ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କ) ନିକଟରେ MMDR Amendment Act, 2026 ଲାଗୁ ହେବା ପରେ ଓଡିଶା ସରକାରଙ୍କର ଖଣି ରାଜସ୍ୱ ଉପରେ କି ପ୍ରକାରର ପ୍ରଭାବ ପଡିବ ବୋଲି ସରକାର ଆକଳନ କରିଛନ୍ତି, ଏହାଦ୍ୱାରା କେତେ ପରିମାଣର ରାଜସ୍ୱ କ୍ଷତି ଘଟିବ ତାହା ଜଣାଇବା ସହ ଉକ୍ତ Act ଲାଗୁ ହେବା ପୂର୍ବରୁ ଖଣିଜ ସମ୍ପଦ ଉପରେ ବିଭିନ୍ନ ଟିକସ ଓ ସେସ୍ ବାବଦରେ ରାଜ୍ୟ କେତେ ପାଉଥିଲା ଓ ବର୍ତ୍ତମାନ କେତେ ପାଇବ ତାହାର ଏକ ତୁଳନାତ୍ମକ ଚିତ୍ର ଉପସ୍ଥାପନ କରିବେ କି ?

Discharge Capacity ବୃଦ୍ଧି ପାଇଁ ପଦକ୍ଷେପ

2203 ଶ୍ରୀ ନଳିନୀ କାନ୍ତ ପ୍ରଧାନ (ଆଠମଲ୍ଲିକ):

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Pollavaram Project ର Discharge Capacity 36 lakh cusec ରୁ 50 lakh cusec କରିବା ଯୋଗୁଁ ଓଡିଶାର କଣସବୁ କ୍ଷୟକ୍ଷତି ହେବ?

Recovery of encroachment

2204 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The cases of land grabbing, fraudulent registration and encroachment on Government, Gochar, water- body and Sea-Beach land in Puri district registered since 2014, split them into the period up to June 2024 and the period since, (b) The acres recovered and the officials or private persons prosecuted in each period, The role of any special land-grabbing cell or task force set up by the present Government and its results, Whether audits or enquiries have found unauthorised conversion of land (OLR Section 8A) or illegal settlement of Government land in the Puri-Konark-Satyabadi belt during earlier years, the action proposed to protect land belonging to Lord Jagannath and Lord Sakhigopal and other Mutt and Debutter land, from alienation?

ନକଲି ଜାତିଗତ ପ୍ରମାଣ ପତ୍ର ସଂପର୍କରେ

2205 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଳାହାଣ୍ଡି ଜିଲ୍ଲାରୁ କେତେଜଣ ନକଲି ଆଦିବାସୀ ଜାଲ ଜାତିଗତ ପ୍ରମାଣ ପତ୍ରକୁ ଖାରଜ କରିବା ପାଇଁ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସକାଶେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର, ବ୍ରହ୍ମପୁରଠାରେ ଅଭିଯୋଗ କରାଯାଇଛି,ଉକ୍ତ ଅଭିଯୋଗଗୁଡିକ ଉପରେ ଦିର୍ଘଦିନ ଧରି ବିଚାର ନହୋଇ ପଡିରହିବାର କାରଣ କଣ?

Renovation of Gunsagar Kata

2206 **ଶ୍ରୀ ରଘୁନାଥ ଜଗଦଲା (ବୀରମହାରାଜପୁର):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- As the tail end of Hirakud comand irrigation area normaly getting less water during Rabi season of rice cultivation of Sonepur dist, so as per demand of people near Silati panchayat, Mahadevpali, Seledi panchayat, Charda panchat, there is a water body namely Gunsagar kata, will the Govt, renovate this reservoir for better water holding capacity ?

Sanction of DMF for Birsa Block

2207 **ଶ୍ରୀ ରୋହିତ ଯୋଶେଫ ତିର୍କି (ବୀରମିତ୍ରପୁର):**

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) Whether Government is aware that Bisra Block of Sundargarh District is declared as a Maoist (LWE) affected and

most backward area, having dense forest, interstate border with Jharkhand and tribal population of more than 70% ; (b) Whether it is a fact that despite heavy mining activity around Birmitrapur, Sundargarh area, Bisra Block has been excluded from DMF (District Mineral Foundation) Fund benefits, and no major DMF projects have been sanctioned for Bisra Block in last 5 years; What is the total DMF collection of Sundargarh district in last 3 years and how much amount has been spent Block- wise; How much has been spent in Bisra Block specifically?

ରାଜସ୍ୱ ଜମି ପ୍ରଦାନ ପାଇଁ ବ୍ୟବସ୍ଥା

2208 ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରେଙ୍ଗାଳି ବହୁମୁଖୀ ନଦୀବନ୍ଧ ଯୋଜନାରେ ବାସଚ୍ୟୁତ ହୋଇଥିବା କିଛି ବ୍ୟକ୍ତିଙ୍କୁ k-from ପଟ୍ଟାରେ ଜଙ୍ଗଲଜମି ଦିଆଯାଇଥିଲା 25-10-1980 ମସିହାପରେ ଏସବୁ ଜମି ଦିଆଯାଇଥିବାରୁ ତହସିଲଦାର ଜମିକୁ ବାସଚ୍ୟୁତଙ୍କ ନାମରେ ରେକର୍ଡ କରୁନାହାନ୍ତି; ଜଳସମ୍ପଦ ବିଭାଗ ତରଫରୁ ପ୍ରଦତ୍ତ ଜଙ୍ଗଲ ଜମିକୁ ଖାରଜକରି ନୂତନ ରାଜସ୍ୱ ଜମି ଦେବାପାଇଁ ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ଦେବଗଡ଼ ଜଳସମ୍ପଦ ବିଭାଗ ତଥା ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି କି; (ଖ) ଯଦି ହଁ, ଏହି ପ୍ରସ୍ତାବ ଉପରେ ସରକାର କଣ ନିଷ୍ପତ୍ତି ନେଇଛନ୍ତି?

ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ

2209 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କ) 2024-25 ଆର୍ଥିକ ବର୍ଷ ଠାରୁ ଅଦ୍ୟାବଧୂ ଆଠଗଡ଼ ଉପଖଣ୍ଡ ଜଳସେଚନ ଡିଭିଜନ ଅଧୀନରେ କେଉଁ କେଉଁ କେନାଲ ସଂସ୍କାର, ମରାମତି, ନଦୀବନ୍ଧ ସୁରକ୍ଷା ତଥା ଅନ୍ୟାନ୍ୟ ପ୍ରକଳ୍ପ ନିମନ୍ତେ କେତେ ଟଙ୍କା ବ୍ୟୟ ବରାଦ ହୋଇଛି ଏବଂ ସେଥିରୁ କେତେ ଟଙ୍କା ଖର୍ଚ୍ଚ ହୋଇଛି, (ଖ) ଉକ୍ତ ପ୍ରକଳ୍ପଗୁଡ଼ିକ ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ହୋଇନଥିବା, କାର୍ଯ୍ୟ ନିମ୍ନମାନର ହୋଇଥିବା ଏବଂ ବିଭାଗୀୟ ତଦାରଖ ଅଭାବରୁ ସାଧାରଣ ଲୋକଙ୍କ ଧନଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥବା ନେଇ ସରକାରଙ୍କ ନିକଟରେ କୌଣସି ଅଭିଯୋଗ ଆସିଛି କି, ଏହି କାର୍ଯ୍ୟଗୁଡିକର ମାନ ଯାଞ୍ଚ କରିବାରେ ଅବହେଳା ପ୍ରଦର୍ଶନ କରିଥିବା ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀ ତଥା ଅଧିକାରୀ ଏବଂ ଠିକାସଂସ୍ଥାଙ୍କ ବିରୋଧରେ କୌଣସି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି କି, ଯଦି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ତେବେ ସେମାନଙ୍କ ତାଲିକା କ'ଣ; ଏବଂ ଯଦି କରାଯାଇ ନାହିଁ, ତେବେ ଉଚ୍ଚସ୍ତରୀୟ ତଦନ୍ତ ଦଳ ଗଠନ କରି ଦୋଷୀଙ୍କ ବିରୋଧରେ କେବେ ସୁଦ୍ଧା ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ?

ବାଲି ଚୋରା ଚାଲାଣ

2210 ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବେଆଇନ ଭାବେ ବାଲି ଉତ୍ତୋଳନ ପୁରୀ ଜିଲ୍ଲାରେ ଅନେକ ଜାଗାରୁ ଚୋରା ବାଲି ଚାଲାଣ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନିଆଯିବା ସହ ଜେରିମାନା ଆଦାୟ କରାଯାଉଥିବା ଦେଖାଦେଇଛି, କିନ୍ତୁ ବେଳାଭୂମି ନିକଟରେ ଗୁଡିକର ଥିବା ବାଲି କୁଡିକରେ ବିଭିନ୍ନ ମୂଲ୍ୟବାନ ଖଣିଜପଦାର୍ଥ ମହଜୁଦ ରହିଅଛି ଏବଂ ଉକ୍ତ ବାଲି ଚାଲାଣ କରୁଥିବା ଚାଳକଙ୍କଠାରୁ ଜୋରିମାନା ସହ ଉକ୍ତ ଖଣିଜ ପଦାର୍ଥର ମୂଲ୍ୟ ଆଦାୟ କରାଯାଉଛି କି ଯଦି ହଁ, ଗତ 1 ବର୍ଷ ଭିତରେ ଏମିତି କେତୋଟି ଆଦାୟ କରାଯାଇଛି ?

ଗୁଣପୁର ନିର୍ବାଚନ ମଣ୍ଡଳୀକୁ ଅନୁଦାନ

2211 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗତ ଆର୍ଥିକ ବର୍ଷ 01/04/2024 ରୁ ଗୁଣୁପୁର ନିର୍ବାଚନ ମଣ୍ଡଳୀକୁ କେଉଁ ବାବଦରେ କେତେ ଟଙ୍କା ସରକାରଙ୍କ ଅନୁଦାନ ପାଇଛନ୍ତି ?

Silt Check Dam ନିର୍ମାଣ ପାଇଁ ପ୍ରସ୍ତାବ

2212 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଳାହାଣ୍ଡି ଜିଲ୍ଲା ଇନ୍ଦ୍ରାବତୀ ଡ୍ୟାମରେ ପଙ୍କ ଅଟକ ବନ୍ଧ (Silt Check Dam) ନଥିବା ଓ ଏହି କାରଣରୁ ବର୍ତ୍ତମାନ ନିକଟସ୍ଥ ପାହାଡ଼ ଓ ନଦୀ ନାଳରୁ ଆସି ପ୍ରତିବର୍ଷ ପଟୁମାଟି ଦ୍ୱାରା ଡ୍ୟାମର ଗର୍ଭ ପୋତି ହୋଇ ବନ୍ଧର ସୁରକ୍ଷା ପାଇଁ ବିପଦ ସୃଷ୍ଟି କରୁଥିବା ବାବଦର ବିଭାଗ ଅବଗତ ଅଛନ୍ତି କି, ଏହି କାରଣରୁ ଇନ୍ଦ୍ରାବତୀ ଡ୍ୟାମରେ ଜଳ ଧାରଣ କ୍ଷମତା ଦିନକୁ ଦିନ ହ୍ରାସ ପାଉଥିବା ଖବର ରାଜ୍ୟ ସରକାରଙ୍କ ନିକଟରେ ଅଛି କି, ଯଦି ଉତ୍ତର ହଁ ହୁଏ, ରାଜ୍ୟ ସରକାର ଡ୍ୟାମ ସୁରକ୍ଷା ପାଇଁ କେବେ କେବେ ଅଧ୍ୟୟନ କରାଇଛନ୍ତି ତାହାର ତଥ୍ୟ ରଖିବେ କି, ଡ୍ୟାମରେ ପଙ୍କ ଅଟକ ବନ୍ଧ (Silt Check Dam) ନିର୍ମାଣ ପ୍ରସ୍ତାବ ଅଛି କି ଓ ଡ୍ୟାମ ଗର୍ଭରୁ ଅତ୍ୟାଧୁନିକ ଜ୍ଞାନ କୌଶଳ ବଳରେ କେତେ ପଟୁ ମାଟି ବିଗତ ବର୍ଷରେ ହଟାଯାଇଛି ତାହାର ତଥ୍ୟ ରଖିବେ କି, ଡ୍ୟାମର ଜଳ ସାଧାରଣ କ୍ଷମତା ବଢାଇବା ପାଇଁ ଗତ ପାଞ୍ଚ ବର୍ଷରେ କି ପଦକ୍ଷେପ ନିଆଯାଇଛି ?

ପଟ୍ଟା ପ୍ରଦାନ

2213 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଖୋର୍ଦ୍ଧା ଜିଲ୍ଲାର କାଟେଣୀ, କଣ୍ଟାବାଡ଼, ମେଣ୍ଟାଶାଳ ଓ ଭଗବତୀପୁର ମୌଜାରେ ଜମି କ୍ରୟ କରି ଦଖଲରେ ଥିବା ସତ୍ତ୍ୱେ ପଟ୍ଟା ପାଇବାରୁ କେତେ ଜଣ ହିତାଧିକାରୀ ବଞ୍ଚିତ ଅଛନ୍ତି, (ଖ) ରାଜସ୍ୱ ବିଭାଗର ପତ୍ର ସଂଖ୍ୟା ୨୩୮୬୮, ତା. ୦୨.୦୭.୨୦୨୫ ଅନୁଯାୟୀ ଦଖଲ ସତ୍ତ୍ୱ ଶୂନ ଥିବା ଜମିର ପଟ୍ଟା ସଂଶୋଧନ କରାଯାଇଥିବା ସତ୍ତ୍ୱେ ଜମି କ୍ରୟ କରିଥିବା ହିତାଧିକାରୀମାନଙ୍କୁ ଅଦ୍ୟାବଧି ପଟ୍ଟା ମିଳିନଥିବାର କାରଣ କ'ଣ ଏବଂ ସେମାନଙ୍କୁ ଜମିର ମାଲିକାନା ସ୍ୱତ୍ତ୍ୱ ସହ ପଟ୍ଟା ପ୍ରଦାନ ନିମନ୍ତେ ସରକାର କେବେ ଓ କି ପଦକ୍ଷେପ ଗ୍ରହଣ କରିବେ?

ଅନୁକମ୍ପା ରାଶି ପ୍ରଦାନ ସମ୍ପର୍କରେ

2214 ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) 2011-12 ଆର୍ଥିକ ବର୍ଷଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ରାୟଗଡା ଜିଲ୍ଲାରେ ବିଷାକ୍ତ କନ୍ଦା, ଜଙ୍ଗଲୀ ଛତୁ ଓ ଶାଗ ଖାଇବା, ବଜ୍ରପାତ, ନିଆଁରେ ପୋଡି, ପାଣିରେ ବୁଡି, ସାପ କାମୁଡା, ଭୂସ୍ଖଳନ, ପାଇଖାନା ଟାଙ୍କି ଓ ଅନ୍ୟାନ୍ୟ ଦୁର୍ଘଟଣାରେ ବର୍ଷୱାରୀ କେତେ ମୃତ୍ୟୁ ଘଟିଛି ; (ଖ) ଉକ୍ତ ମୃତ୍ୟୁ ଘଟଣାଗୁଡିକରେ ସରକାରଙ୍କ ପକ୍ଷରୁ କେଉଁ କେଉଁ କ୍ଷେତ୍ରରେ କେତେ ଟଙ୍କାର ଆର୍ଥିକ ସହାୟତା ଘୋଷଣା କରାଯାଇଛି ଏବଂ ବର୍ଷୱାରୀ କେତେ ପରିବାରକୁ କେତେ ଅର୍ଥ ପ୍ରଦାନ କରାଯାଇଛି ; ଗତ 10 ବର୍ଷରେ ଜିଲ୍ଲାରେ ବଜ୍ରପାତ ଯୋଗୁଁ କେତେ ଜଣଙ୍କ ମୃତ୍ୟୁ ଓ କେତେଜଣ ଆହତ ହୋଇଛନ୍ତି ଏବଂ ମୃତକଙ୍କ ପରିବାର ଓ ଆହତଙ୍କୁ କେତେ କ୍ଷତିପୂରଣ ପ୍ରଦାନ କରାଯାଇଛି ; ମିଳିମିଳା, ହଇଜା, ଝାଡାବାନ୍ତି ଓ ଅଗ୍ନିକାଣ୍ଡଜନିତ ମୃତ୍ୟୁ କ୍ଷେତ୍ରରେ ସହାୟତା ପ୍ରଦାନର ସରକାରୀ ନିୟମ କଣ ଏବଂ ଏହାର ତଦନ୍ତ, ମଂଜୁରି ଓ ଅର୍ଥ ପ୍ରଦାନ ଦାୟିତ୍ୱ ଜିଲ୍ଲାର କେଉଁ ବିଭାଗ ଓ ଅଧିକାରୀଙ୍କ ଉପରେ ନ୍ୟସ୍ତ, ଏହା ସହିତ ପ୍ରଦାନ କରାଯାଇଥିବା ଆର୍ଥିକ ସହାୟତା ମଂଜୁରୀ ତାରିଖ ଓ ପ୍ରକୃତ ଅର୍ଥ ପ୍ରଦାନର ତାରିଖ ଜଣାଇବେ କି?

ରେସନ କାର୍ଡ ନଥିବା ବ୍ୟକ୍ତିଙ୍କୁ ରିଲିଫ୍ ପ୍ରଦାନ

2215 ଶ୍ରୀ ନିରଞ୍ଜନ ପୂଜାରୀ (ସୋନପୁର):

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗଂଜାମ, ଗଜପତି ତଥା ଫୁଲବାଣୀ ଜିଲ୍ଲାରେ 'ଅର୍ଣ୍ଣବ' ବାତ୍ୟା ଦ୍ୱାରା ହୋଇଥିବା ବନ୍ୟାରେ ପ୍ରଭାବିତ ଲୋକଙ୍କ ପାଇଁ ଟ2500/- ଏବଂ 50 Kg ଚାଉଳ ପ୍ରତି ଲୋକଙ୍କୁ ଦେବା ପାଇଁ ସରକାର ଘୋଷଣା କରିଛନ୍ତି ; ଯାହାର Ration Card ଅଛି ତାହା ଦେଖାଇଲେ ମିଳିବାର କାର୍ଯ୍ୟକ୍ରମ ସରକାରଙ୍କ ଅଛି କି ; ବନ୍ୟାରେ ସମ୍ପୂର୍ଣ୍ଣ ଧୋଇ ଯାଇଥିବା ଗରୀବ ଲୋକର Ration Card ଯଦି ଧୋଇ ହୋଇଯାଇଛି ତାହାର ପ୍ରତିକାର କ'ଣ?

MMDR Amendment

2216 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) What is the Government's legal and financial strategy to protect Odisha's rights and revenue from its mineral resources; (b) Will Odisha challenge the MMDR amendment, or seek a guaranteed revenue-sharing/compensation mechanism from the Centre; What will Odisha's mining revenue be over the next 5-10 years under the amended law, compared with what it would have received under the 2024 Supreme Court judgment; What is the exact financial loss to Odisha, and who will make good that loss?

ଜମିର କିସମ ପରିବର୍ତ୍ତନ

2217 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଭୁବନେଶ୍ୱର ସହରର ନିକୋ ପାର୍କଠାରୁ ବମିଖାଲ ରେଳୱେ କ୍ରସିଂ ପର୍ଯ୍ୟନ୍ତ ପ୍ରାୟ ସହ ସହ ଏକର ଜମି ରାଜସ୍ୱ ରେକର୍ଡରେ ଜଳାଶୟ କିସମ ଭାବେ ରହିଥିବା ସମ୍ପର୍କରେ ସରକାର ଅବଗତ ଅଛନ୍ତି କି; (ଖ) ଉକ୍ତ ଅଞ୍ଚଳ ବର୍ତ୍ତମାନ ଆବାସିକ ଓ ବାଣିଜ୍ୟିକ ଅଞ୍ଚଳରେ ପରିଣତ ହୋଇଥିବା ସତ୍ତ୍ୱେ ଜମିର କିସମ ପରିବର୍ତ୍ତନ ଓ ଆବଶ୍ୟକୀୟ ସରକାରୀ ଅନୁମୋଦନ ଅଭାବରୁ ଜମି ମାଲିକ ଓ ସାଧାରଣ ଲୋକ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ସରକାରଙ୍କ ଦୃଷ୍ଟିଗୋଚର ହୋଇଛି କି, ଯଦି ହଁ, ଏହାର ସ୍ଥାୟୀ ସମାଧାନ ପାଇଁ ଆଇନ ଅନୁଯାୟୀ ଉକ୍ତ ଅଞ୍ଚଳର ଜମି କିସମ ପରିବର୍ତ୍ତନ ନିମନ୍ତେ ସରକାର କି ପଦକ୍ଷେପ ଗ୍ରହଣ କରିବେ ?

ଜିଲ୍ଲା ବାହାରେ DMF ପାଣ୍ଠି ବିନିଯୋଗ

2218 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ୨୦୧୬-୧୭ ଆର୍ଥିକ ବର୍ଷଠାରୁ ଏଯାବତ୍ କେନ୍ଦୁଝର ଜିଲ୍ଲା DMF ପାଣ୍ଠିରୁ ଜିଲ୍ଲା ବାହାରେ କେତୋଟି ପ୍ରକଳ୍ପ ଓ ଯୋଜନା ଅନୁ ମୋଦନ କରାଯାଇଛି ଏବଂ କେଉଁ କେଉଁ ସ୍ଥାନରେ କାର୍ଯ୍ୟକାରୀ ହୋଇଛି, (ଖ) ଉକ୍ତ ପ୍ରକଳ୍ପଗୁଡ଼ିକର ନାମ, ସ୍ଥାନ, ଅନୁମୋଦିତ ବ୍ୟୟ ଅଟକଳ, ମଞ୍ଜୁରୀପ୍ରାପ୍ତ ଅର୍ଥ, ଏଯାବତ୍ ବ୍ୟୟ ହୋଇଥିବା ଅର୍ଥ ଏବଂ କାର୍ଯ୍ୟକାରୀ ସଂସ୍ଥାର ନାମ କ'ଣ, ଉକ୍ତ ପ୍ରକଳ୍ପଗୁଡ଼ିକ ମଧ୍ୟରୁ କେତୋଟି ସମ୍ପୂର୍ଣ୍ଣ ହୋଇଛି, କେତୋଟି ନିର୍ମାଣାଧୀନ ଓ କେତୋଟି ଅସମ୍ପୂର୍ଣ୍ଣ ରହିଛି, କେନ୍ଦୁଝର ଜିଲ୍ଲା ବାହାରେ ଉକ୍ତ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ କେଉଁ ନିୟମ, ଗାଇଡ୍‌ଲାଇନ୍ କିମ୍ବା ସରକାରୀ ଅନୁମୋଦନ ଆଧାରରେ DMF ପାଣ୍ଠି ବିନିଯୋଗ କରାଯାଇଛି?

ଋଣ ପରିଶୋଧ ସଂପର୍କରେ

2219 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟର ବିଭିନ୍ନ ଜିଲ୍ଲାର DMF ପାଣ୍ଠିରୁ ରାଜ୍ୟ ସରକାର ଋଣ ଆକାରରେ ଅର୍ଥ ଗ୍ରହଣ କରିଛନ୍ତି କି; ଯଦି ହଁ, କେଉଁ ଜିଲ୍ଲାରୁ କେଉଁ ଆର୍ଥିକ ବର୍ଷରେ କେତେ ଅର୍ଥ ଗ୍ରହଣ କରିଛନ୍ତି, (ଖ) ଉକ୍ତ ଋଣ ଗ୍ରହଣ ସମୟରେ ସମ୍ପୃକ୍ତ ଜିଲ୍ଲା DMFସହିତ କେଉଁ ସର୍ତ୍ତାବଳୀରେ ଚୁକ୍ତିନାମା ହୋଇଥିଲା ଏବଂ ଋଣ ପରିଶୋଧର ସମୟସୀମା କେତେ ଧାର୍ଯ୍ୟ କରାଯାଇଥିଲା, ଏଯାବତ୍ ଉକ୍ତ ଋଣ ବାବଦରେ ରାଜ୍ୟ ସରକାର କେତେ ଟଙ୍କା ମୂଳଧନ ଓ ସୁଧ ପରିଶୋଧ କରିଛନ୍ତି ଏବଂ କେତେ ଟଙ୍କା ମୂଳଧନ ଓ ସୁଧ ବାବଦକୁ ବକେୟା ରହିଛି, ବକେୟା ଋଣର ମୂଳଧନ ଓ ସୁଧ କେବେ ସୁଦ୍ଧା ସମ୍ପୃକ୍ତ ଜିଲ୍ଲା DMF ପାଣ୍ଠିକୁ ଫେରସ୍ତ କରାଯିବ ଏବଂ ଏଥିପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ?

Budget Allocation under KBK Bikash Yojana

2220 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- The KBK Bikas Yojana and KBK Special Plan are intended to accelerate development across the KBK region, including Kalahandi. However, the CAG's 2024-25 Appropriation Accounts reveal substantial reductions in budgetary provisions under two KBK Bikas Yojana heads. Against original provisions of 22.23 crore and 50.31 crore, actual expenditure stood at just 35.91 lakh (1.6%) and 2.64 crore (5.2%), respectively, with 98.4% and 94.8% of the original provisions surrendered or reduced. This raise concerns over budget planning and implementation of development programmes in the KBK region, particularly Kalahandi. Will the Government State;(a) The year-wise budget allocation, funds released and actual expenditure under the KBK Bikas Yojana and KBK Special Plan separately during 2024-25, 2025-26 and 2026-27 (up to 31 October 2026); (b) The corresponding year-wise details of funds allocated, released and utilised specifically in Kalahandi under both programmes; The number of projects sanctioned, completed and pending in Kalahandi under these programmes since June 2024, with sector-wise details ?

Administrative Measure to Save Jurisdiction of Kotia ,Odisha

2221 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Tensions spiked along the inter-state border when Andhra Pradesh police attempted to conduct local for elections inside the disputed Kotia group of villages. Given the statement by the Govt that this was an Sout attempt to engineer a

constitutional crisis, will the Govt State What permanent revenue and administrative measures is Odisha taking to cement its jurisdictional claim; The details of measures initiated so far in this regard ?

ଲୋୟର ନାଗାବଳୀ ଜଳସେଚନ ପ୍ରକଳ୍ପ ସମ୍ପର୍କରେ

2222 ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକର ଭେଜାଠାରେ ପ୍ରସ୍ତାବିତ ଲୋୟର ନାଗାବଳୀ ଜଳସେଚନ ନଦୀବନ୍ଧ ପ୍ରକଳ୍ପର DPRକୁ ୨୦୧୨ ମସିହାରେ କେନ୍ଦ୍ରୀୟ ଜଳ ଆୟୋଗ (CWC) ପ୍ରାଥମିକ ସ୍ୱୀକୃତି (In-Principle Approval) ପ୍ରଦାନ କରିଥିଲେ ମଧ୍ୟ ଏଯାବତ୍ Technical Advisory Committee (TAC) ଅନୁମୋଦନ ମିଳିନାହିଁ। ଏହି ପରିପ୍ରେକ୍ଷୀରେ, (କ)TAC ଅନୁମୋଦନରେ ବିଳମ୍ବର କାରଣ କ'ଣ ଏବଂ ଏହା କେବେ ସୁଦ୍ଧା ମିଳିବ; (ଖ) ଗତ ଦୁଇ ବର୍ଷରେ ମୁଖ୍ୟଯନ୍ତ୍ରୀ କେତେଥର ଏହି ପ୍ରକଳ୍ପର ସମୀକ୍ଷା କରିଛନ୍ତି, (ଗ)ଶେଷଥର କେବେ କେଉଁ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀ କ୍ଷେତ୍ର ପରିଦର୍ଶନ କରି ରିପୋର୍ଟ ପ୍ରଦାନ କରିଥିଲେ ସେହି ରିପୋର୍ଟ ତଥ୍ୟ ପ୍ରଦାନ କରିବେ କି; ଗତ ଦୁଇ ବର୍ଷରେ ପ୍ରକଳ୍ପର ଅନୁମୋଦନ ଓ କାର୍ଯ୍ୟାନ୍ୱୟନ ପାଇଁ ସରକାର କେଉଁ ପଦକ୍ଷେପ ନେଇଛନ୍ତି ଏବଂ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ସମୟସୀମା କେତେ?

MDRSEP ଅଧିନରେ ଚାଲୁଥିବା ଅନୁମୋଦିତ ପ୍ରକଳ୍ପ

2223 ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ Mukhyamantri Disaster Resilient Saline Embankment Project (MDRSEP) ଅଧୀନରେ ଜିଲ୍ଲାୱାରୀ କେତୋଟି ପ୍ରକଳ୍ପ ଅନୁମୋଦିତ ହୋଇଛି ଏବଂ ଏଥିରେ କେତେ ଅର୍ଥ ବିନିଯୋଗ, କେତେ କିଲୋମିଟର ନଦୀବନ୍ଧ ସୁଦୃଢ଼ୀକରଣ ଓ କେତେ ହେକ୍ଟର କୃଷିଜମି ସୁରକ୍ଷିତ ହେବାର ଲକ୍ଷ୍ୟ ରହିଛି ତାହା ଜଣାଇବେ କି; (ଖ) ଏଥି ସହିତ ବାଲେଶ୍ୱର ଜିଲ୍ଲା ପାଇଁ ଏହି ଯୋଜନାରେ ଅନୁମୋଦିତ ପ୍ରକଳ୍ପ ଗୁଡିକ ମଧ୍ୟରୁ କେତୋଟି ବସ୍ତା ଓ ବାଲିଆପାଳ ବ୍ଲକ୍‌ରେ ରହିଛି ଏବଂ ସେଗୁଡ଼ିକର ବର୍ତ୍ତମାନର କାର୍ଯ୍ୟାନ୍ୱୟନ ସ୍ଥିତି କ'ଣ ରହିଛି ?

ବନ୍ୟା ନିୟନ୍ତ୍ରଣ

2224 ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଏ ବର୍ଷ ରାଜ୍ୟରେ କେତେ ଥର କେଉଁ ସମୟରେ କେଉଁ କାରଣରୁ କିପରି ଧରଣର ବନ୍ୟା ହେଲା ଏବଂ ତଦ୍ଦ୍ୱାରା କେତେ ଅଞ୍ଚଳ କେତେ ଦିନଧରି ବନ୍ୟା ପ୍ରାରିତ ହୋଇଥିଲା ଏବଂ ସେଥିରେ କି କ୍ଷୟକ୍ଷତି ଘଟିଛି; ଏ ବନ୍ୟାରେ କୌଣସି ମଣିଷକୃତ ତ୍ରୁଟି ଘଟିଛି କି; ଉତ୍ତର ହଁ ହୋଇଥିଲେ ତା ବିଷଦ ବାବେ ଜଣାଇବେ କି; ଏବଂ ସେ କ୍ଷେତ୍ରରେ କି କାର୍ଯ୍ୟାନୁଷ୍ଠାନ ହୋଇଛି; ଏବର୍ଷର ତିକ୍ତ ବନ୍ୟା ଅନୁଭୂତି ଦୃଷ୍ଟିରୁ ରାଜ୍ୟରେ ଆଗାମୀ ଦୀନରେ ବନ୍ୟା ନିୟନ୍ତ୍ରଣ ପରିଚାଳନା ଲାଗି ସରକାର କି ପଦକ୍ଷେପ ନେବାକୁ ଚାହୁଁଛନ୍ତି ?

ଇନଷ୍ଟ୍ରିମ ଷ୍ଟୋରେଜ ପ୍ରକଳ୍ପ

2225 ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଜଳ ସଂରକ୍ଷଣ ଓ ଜଳସେଚନ ବୃଦ୍ଧି ଉଦ୍ଦେଶ୍ୟରେ ନିର୍ମିତ ୧୦ଟି ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍ଚର ପ୍ରକଳ୍ପ ଦ୍ୱାରା ବାସ୍ତବରେ କେତେ ଏକର ଚାଷଜମି ଉପକୃତ ହୋଇଛି ଏବଂ ଭୂତଳ ଜଳସ୍ତରରେ କେତେ ଉନ୍ନତି ଘଟିଛି; ଏହାର ତୃତୀୟ ପକ୍ଷ ମୂଲ୍ୟାୟନ କରାଯାଇଛି କି; (କ) ଅବଶିଷ୍ଟ ୭୯ଟି ପ୍ରକଳ୍ପ ବିଳମ୍ବିତ ହେବାର କାରଣ କ'ଣ, ଏଥିପାଇଁ ମୂଳ ବ୍ୟୟ ଅଟକଳ ତୁଳନାରେ ବର୍ତ୍ତମାନର ସଂଶୋଧିତ ବ୍ୟୟ କେତେ ଏବଂ ପ୍ରକଳ୍ପୱାରୀ ସମାପ୍ତି ସମୟସୀମା କେତେ; (ଖ) ଜମି ଅଧିଗ୍ରହଣ, ପରିବେଶ ମଞ୍ଜୁରୀ ଓ ଠିକାଦାରଜନିତ ସମସ୍ୟା ଯୋଗୁଁ ବିଳମ୍ବିତ ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବା ଏବଂ ଅଧିକାରୀଙ୍କ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ପାଇଁ ସରକାର କ'ଣ ପଦକ୍ଷେପ ନେଇଛନ୍ତି ?

ବନ୍ୟା ଜନିତ କ୍ଷୟକ୍ଷତିର ବିବରଣୀ ଓ ମରାମତି କାର୍ଯ୍ୟ

2226 କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କ) ଗତ ୫ ବର୍ଷ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାରେ ବନ୍ୟା ଯୋଗୁଁ ଜଳସମ୍ପଦ ବିଭାଗ ଅଧିନରେ ଥିବା ନଦୀବନ୍ଧ, ଘାଇ, ନଦୀକୂଳ ସୁରକ୍ଷା ପ୍ରାଚୀର, କେନାଲ ଓ ଜଳସେଚନ ପ୍ରକଳ୍ପଗୁଡ଼ିକର କେତେ କ୍ଷୟକ୍ଷତି ହୋଇଛି ଏବଂ ଏଥିସମ୍ପର୍କିତ Flood Damage Report ଅନୁଯାୟୀ ପ୍ରକଳ୍ପୱାରୀ କ୍ଷୟକ୍ଷତି, ଆକଳିତ ବ୍ୟୟ ଓ ମରାମତି ପାଇଁ କେତେ ଅର୍ଥ ଆବଶ୍ୟକ, (ଖ) ବାଙ୍ଗିରିପୋଷି, କୁଳିଅଣା ଓ ଶ୍ୟାମାଖୁଣ୍ଟା ବ୍ଲକ୍‌ରେ ଚିହ୍ନଟ ହୋଇଥିବା ବନ୍ୟା କ୍ଷତିଗ୍ରସ୍ତ ପ୍ରତ୍ୟେକ ପ୍ରକଳ୍ପର ନାମ ଓ ସ୍ଥାନ, କ୍ଷୟକ୍ଷତିର ପରିମାଣ, ପ୍ରସ୍ତୁତ Estimate, ମଞ୍ଜୁର ଅର୍ଥ, ଖର୍ଚ୍ଚ ଅର୍ଥ, ବର୍ତ୍ତମାନର ସ୍ଥିତି ଏବଂ ଅବଶିଷ୍ଟ ମରାମତି କାର୍ଯ୍ୟ ସମ୍ପୂର୍ଣ ପାଇଁ କେବେ ସୁଦ୍ଧା ଅର୍ଥ ଯୋଗାଇ ଦେବେ?

ତ୍ରୁଟିପୂର୍ଣ୍ଣ ବନ୍ୟା ନିୟନ୍ତ୍ରଣ

2227 ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାତ୍ୟା 'ଅର୍ଣ୍ଣବ' ଓ ବାତ୍ୟା ପ୍ରଭାବରେ ବର୍ଷା ଯୋଗୁଁ ରାଜ୍ୟରେ କଣ କଣ କ୍ଷତି ହୋଇଛି କେଉଁ ଜିଲ୍ଲାରେ କଣ କ୍ଷୟକ୍ଷତି ହୋଇଛି ?

ସୁବର୍ଣ୍ଣରେଖା ସଂସ୍କାର ଯୋଜନା

2228 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସୁବର୍ଣ୍ଣରେଖା ନଦୀ ୩ଟି ରାଜ୍ୟ ମଧ୍ୟରେ ପ୍ରବାହିତ ହୋଇ ବଙ୍ଗୋପସାଗରରେ ମିଶୁଥିବା ହେତୁ ବନ୍ୟାଜଳ ପରିଚାଳନା (Flood Water Management) ବାବଦରେ କେଉଁ ପରି ସମସ୍ୟା ସରକାର ପ୍ରତିବର୍ଷ ସମୁଖୀନ ହେଉଛନ୍ତି ତାଦା କଣ, ଏହାର ସ୍ଥାୟୀ ସମାଧାନ ଏବଂ ପ୍ରତିକାର ସକାଶେ ସରକାରଙ୍କର ଚିନ୍ତନ କଣ ଯାହାଦ୍ୱାରା ନଦୀବନ୍ଧ ଅଞ୍ଚଳ ଧନ ଜୀବନ ସୁରକ୍ଷିତ ରହିପାରିବ, ଯଦି ସୁବର୍ଣ୍ଣରେଖା ସଂସ୍କାର ଯୋଜନା ଏହାର ଏକମାତ୍ର ବିକଳ୍ପ ତେବେ ଏହା କାର୍ଯ୍ୟକାରୀତାକୁ କେନ୍ଦ୍ର ସରକାରଙ୍କୁ କିପରି ଦାବୀ ଉପସ୍ଥାପନ କରିବେ ?

Place of white paper in the House

2229 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The mines where CAG found iron ore grades undervalued and the royalty and auction premium lost, (b) Whether the government has ordered the investigation CAG recommended across all auctioned mines, the sampling, testing and grade-verification mechanism now in force and whether it uses third-party labs, the recovery done so far and the lessees against whom proceedings have begun, whether a white paper will be placed in the House ?

ANPR କ୍ୟାମେରା ସ୍ଥାପନ

2230 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

ପରିବହନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମୋଟର ଯାନ (ସଂଶୋଧନ) ଆଇନ, ୨୦୧୯ କାର୍ଯ୍ୟକାରୀ ହେବା ଠାରୁ ଓଡ଼ିଶାରେ ଟ୍ରାଫିକ୍ ନିୟମ ଉଲ୍ଲଘଂନ ବାବଦରେ ଗତ ଦୁଇଟି ଆର୍ଥିକ ବର୍ଷ ଓ ଚଳିତ ଆର୍ଥିକ ବର୍ଷର ନଭେମ୍ବର ୧୦ ସୁଦ୍ଧା ମୋଟ କେତେ ଜରିମାନା ଆଦାୟ ହୋଇଛି, (କ) ଆଦାୟ ଜରିମାନା ଅର୍ଥରୁ ସଡ଼କ ସୁରକ୍ଷା, ବ୍ଲାକ୍ ସଟ୍ ସଂସ୍କାର ଓ ଟ୍ରାଫିକ୍ ଭିତ୍ତିଭୂମିର ଉନ୍ନତି ପାଇଁ କେତେ ଅର୍ଥ ବ୍ୟୟ ହୋଇଛି ଏବଂ ଅବଶିଷ୍ଟ ଅର୍ଥ କେଉଁ ଖାତାରେ ରହିଛି, (ଖ) ଜାତୀୟ ଓ ରାଜ୍ୟ ରାଜପଥରେ ANPR କ୍ୟାମେରା, ସ୍ପିଡ୍ ସେନ୍ସର ଆଦି ଅତ୍ୟାଧୁନିକ ଟ୍ରାଫିକ୍ ନିରୀକ୍ଷଣ ଉପକରଣ କ୍ରୟ ଓ ସ୍ଥାପନ ପାଇଁ ଜରିମାନା ଅର୍ଥରୁ କେତେ ବ୍ୟୟ ହୋଇଛି ?

Interim Storage Structure ନିର୍ମାଣ

2231 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦ୍ରାପଡାର ଇନ୍ଦୁପୁର ଠାରେ ଅଣ-ମୌସୁମୀ ସମୟରେ ସମସ୍ତ ଆୟକଟ ଅଞ୍ଚଳକୁ ଜଳସେଚନ ଓ ତରଟ ସମୟର ପାନୀୟ ଜଳ ଯୋଗାଣ ସୁଗମ କରିବା ନିମନ୍ତେ ଇନ୍ଦୁପୁର ଠାରେ ଏକ Interim Storage Structure (ISS) ନିର୍ମାଣ ନିମିତ୍ତ ସରକାର ବିଚାର କରିବେ କି?

କେନାଲର ନବୀକରଣ ପାଇଁ ଯୋଜନା

2232 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି: - (କ)କେନ୍ଦ୍ରାପଡାର ଗୋବରୀ ସଂପ୍ରସାରିତ କେନାଲ(ଏକତାଖଣ୍ଡି ଠାରୁ ଖଣ୍ଡାକିଆ ପର୍ଯ୍ୟନ୍ତ) ଓ ପଟ୍ଟାମୁଣ୍ଡାଇ କେନାଲ (ଇନ୍ଦୁପୁର ଠାରୁ ପଟ୍ଟାମୁଣ୍ଡାଇ ପର୍ଯ୍ୟନ୍ତ) ବନୀକରଣ କରିବାର କୌଣସି ଯୋଜନା ଅଛି କି ; (ଖ) ଯଦି ହଁ, ତେବେ ଏହି ଦୁଇ କେନାଲର ବ୍ୟୟ ଅଟକଳ ଓ ବିସ୍ତୃତ ପ୍ରକଳ୍ପ ବିବରଣୀ ପ୍ରସ୍ତୁତ ହୋଇଛି କି?

କୋଇଲା ରୟାଲଟି ସଂଶୋଧନ

2233 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) କୋଇଲା ରୟାଲଟି ସଂଶୋଧନ କେବେ ଶେଷଥର ପାଇଁ କରାଯାଇଥିଲା ଓ ତାହା ଫଳରେ ରାଜ୍ୟର କୋଇଲା ରୟାଲଟି କେତେ ଶତାଂଶ ବୃଦ୍ଧି ପାଇଥିଲା ; (ଖ) ସରକାରିଆ କମିଶନ ପ୍ରତି 2 ବର୍ଷରେ କୋଇଲା ରୟାଲଟି ସଂଶୋଧନ ନିମିତ୍ତ ସୁପାରିଶ କରିଥିବା ସରକାର ଅବଗତ କି ; ଯଦି ହଁ, ତେବେ ଏହି ସୁପାରିଶ ଆଧାରରେ ଓଡିଶା ସରକାର 2024 ଜୁନ ଠାରୁ ଅଦ୍ୟାବଧି କୋଇଲା ରୟାଲଟି ସଂଶୋଧନ ନିମିତ୍ତ କି କି ପଦକ୍ଷେପ ନେଇଛନ୍ତି ଓ କି କି ସୁଫଳ ପାଇଛନ୍ତି?

ମଦନପୁର କଟର ପୁନରୁଦ୍ଧାର

2234 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବନ୍ୟା ସମୟରେ ବ୍ରାହ୍ମଣୀ ନଦୀର ଉଦବୃତ୍ତ ବନ୍ୟାଜଳ ସମୁଦ୍ରରେ ନିଷ୍କାସନ ନିମିତ୍ତ ପଟ୍ଟାମୁଣ୍ଡାଇରୁ ମଦନପୁର ଠାରେ ନିର୍ମାଣ କରାଯାଇଥିବା ଏବଂ ଅଧୁନା ପରିତ୍ୟକ୍ତ ଅବସ୍ଥାରେ ଥିବା ମଦନପୁର କଟର ପୁନରୁଦ୍ଧାର ନିମନ୍ତେ ସରକାରଙ୍କ ଯୋଜନା ଅଛି କି?

ପଡାଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ

2235 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) କେନ୍ଦ୍ରାପଡା ଜିଲ୍ଲାର କେଉଁ କେଉଁ ତହସିଲର କେଉଁ କେଉଁ ପଡାଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରିବାର ପ୍ରକ୍ରିୟା ଆରମ୍ଭ କରାଯାଇଛି ଓ ତାହା ବର୍ତ୍ତମାନ କେଉଁ ସ୍ଥିତିରେ ଅଛି ; (ଖ) 2024 ଜୁନ୍ ଠାରୁ ଅଦ୍ୟାବଧି କେଉଁ କେଉଁ ତହସିଲର କେଉଁ କେଉଁ ପଡାଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରାଯାଇଛି?

ଅର୍ଥ ଆବଣ୍ଟନ, ମଂଜୁର ଓ ବ୍ୟୟର ବିବରଣୀ

2236 **ଶ୍ରୀ ସାରଦା ପ୍ରସାଦ ନାୟକ** (ରାଉରକେଲା):

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟର ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ 2024-25 ଓ 2025-26 ଆର୍ଥିକ ବର୍ଷରେ ବିଧାୟକ ସ୍ଥାନୀୟ ଅଞ୍ଚଳ ଉନ୍ନୟନ ପାଣ୍ଠି ବାବଦରେ କେତେ ଅର୍ଥ ଆବଣ୍ଟନ, ମଂଜୁର ଓ ବ୍ୟୟ ହୋଇଛି, ତାହାର ବିଧାୟକୱାରୀ ତଥ୍ୟ ଉପସ୍ଥାପନ କରିବେ କି ; (ଖ) ଉକ୍ତ ଦୁଇ ବର୍ଷରେ ପ୍ରତ୍ୟେକ ବିଧାୟକଙ୍କ ସୁପାରିଶକ୍ରମେ ମଂଜୁର ହୋଇଥିବା ସମସ୍ତ ପ୍ରକଳ୍ପର ନାମ, ସ୍ଥାନର ସମ୍ପୂର୍ଣ୍ଣ ଠିକଣା, ମଂଜୁରୀ ଅର୍ଥ, କାର୍ଯ୍ୟକାରୀ ସଂସ୍ଥା, ବ୍ୟୟ ଅର୍ଥ ଓ ବର୍ତ୍ତମାନର କାର୍ଯ୍ୟ ସ୍ଥିତି ସହିତ ବିଧାୟକୱାରୀ ସମ୍ପୂର୍ଣ୍ଣ ତାଲିକା ଉପସ୍ଥାପନ କରିବେ କି?

ବନ୍ଦର ନିର୍ମାଣ ପ୍ରକଳ୍ପର ସ୍ଥିତି

2237 **ଶ୍ରୀ ସାରଦା ପ୍ରସାଦ ନାୟକ** (ରାଉରକେଲା):

ବାଣିଜ୍ୟ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ପୁରୀ ଜିଲ୍ଲାର ଅସ୍ତରଙ୍ଗଠାରେ ପ୍ରାୟ 7,417 କୋଟି ବ୍ୟୟ ଅଟକଳରେ ପ୍ରସ୍ତାବିତ ବନ୍ଦର ନିର୍ମାଣ ପ୍ରକଳ୍ପର ବର୍ତ୍ତମାନ ସ୍ଥିତି କଣ ଏବଂ ଏଥିପାଇଁ ଆବଶ୍ୟକ ଜମି ଅଧିଗ୍ରହଣ, ପରିବେଶ ଓ CRZ ମଂଜୁରୀ ପ୍ରକ୍ରିୟା କେତେଦୂର ଅଗ୍ରଗତି କରିଛି ; (ଖ) ଉକ୍ତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ କେବେ ଆରମ୍ଭ ହେବ ଓ କେବେ ସମ୍ପୂର୍ଣ୍ଣ ହେବାର ଲକ୍ଷ୍ୟ ରହିଛି ; ଏହାଦ୍ୱାରା ସ୍ଥାନୀୟ ଯୁବକଯୁବତୀଙ୍କ ନିଯୁକ୍ତି, ମତ୍ସ୍ୟଜୀବିଙ୍କ ଜୀବିକା, ଗମନାଗମନ, ଶିକ୍ଷାୟନ ଓ ଅଞ୍ଚଳର ଆର୍ଥିକ ବିକାଶ ନିମନ୍ତେ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି?

ବାୟୁ, ଜଳ ଓ ଶବ୍ଦ ପ୍ରଦୂଷଣ

2238 **ଶ୍ରୀ ସାରଦା ପ୍ରସାଦ ନାୟକ** (ରାଉରକେଲା):

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ସୁନ୍ଦରଗଡ ଜିଲ୍ଲାର ଖଣି ଓ ଶିଳ୍ପାଞ୍ଚଳରେ ବାୟୁ, ଜଳ ଓ ଶବ୍ଦ ପ୍ରଦୂଷଣ ଯୋଗୁଁ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ, କୃଷି ଓ ପରିବେଶ ପ୍ରଭାବିତ ହେଉଥିବା ସରକାର ଅବଗତ ଅଛନ୍ତି କି ; (ଖ) ଖଣି ପ୍ରଭାବିତ ଗ୍ରାମଗୁଡିକରେ ଉନ୍ନତ ସ୍ୱାସ୍ଥ୍ୟକେନ୍ଦ୍ର, ବିଦ୍ୟାଳୟ, ପାନୀୟଜଳ, ପକ୍କା ରାସ୍ତା, ଗୃହ ନିର୍ମାଣ, ପୁଷ୍ଟିକର ଖାଦ୍ୟ ଓ ପରିବେଶ ସୁରକ୍ଷା ନିମନ୍ତେ DMF ପାଣ୍ଠିରୁ ସମୟବଦ୍ଧ ଭିତ୍ତିରେ ପ୍ରକଳ୍ପ କାର୍ଯ୍ୟକାରୀ କରିବା ସହିତ ପ୍ରଭାବିତ ପରିବାରଙ୍କ ପୁନର୍ବାସ ଓ ଥଇଥାନ ନିମନ୍ତେ ସରକାର କି ପଦକ୍ଷେପ ନେବେ?

ଖଣି ସଂସ୍ଥାଗୁଡିକରେ ନିଯୁକ୍ତି

2239 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ସୁନ୍ଦରଗଡ ଜିଲ୍ଲାରେ କାର୍ଯ୍ୟରତ ସରକାରୀ ଓ ଘରୋଇ ଖଣି ସଂସ୍ଥାଗୁଡିକରେ ମୋଟ କେତେ ଲୋକ ନିଯୁକ୍ତି ପାଇଛନ୍ତି ଏବଂ ସେଥିମଧ୍ୟରୁ କେତେ ଜଣ ସ୍ଥାନୀୟ ଅଧିବାସୀ ; (ଖ) ଖଣି ପ୍ରଭାବିତ ଅଞ୍ଚଳର ବେକାର ଯୁବକଯୁବତୀଙ୍କୁ ଦକ୍ଷତା ବିକାଶ ତାଲିମ, ଶିଳ୍ପଭିତ୍ତିକ ନିଯୁକ୍ତି, ଠିକା ଓ ଆଉଟସୋର୍ସିଂ କାର୍ଯ୍ୟରେ ପ୍ରାଥମିକତା ଏବଂ ସ୍ୱରୋଜଗାର ସୃଷ୍ଟି ନିମନ୍ତେ ସରକାର କି ବ୍ୟବସ୍ଥା କରୁଛନ୍ତି?

ଖଣି ରୟାଲଟି ଡିଷ୍ଟ୍ରିକ୍ଟ ମିନେରାଲ ଫାଉଣ୍ଡେସନର ଆଦାୟ ରାଜସ୍ୱ

2240 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ସୁନ୍ଦରଗଡ ଜିଲ୍ଲାରୁ 2024-25 ଓ 2025-26 ଆର୍ଥିକ ବର୍ଷରେ ଖଣି ରୟାଲଟି ଡିଷ୍ଟ୍ରିକ୍ଟ ମିନେରାଲ ଫାଉଣ୍ଡେସନ(DMF) ଓ ଅନ୍ୟାନ୍ୟ ଉତ୍ସରୁ କେତେ ରାଜସ୍ୱ ଆଦାୟ ହୋଇଛି ; (ଖ) ଉକ୍ତ ଅର୍ଥରୁ ଖଣି ପ୍ରଭାବିତ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ରାସ୍ତାଘାଟ, ବାସଗୃହ, ପୁଷ୍ଟିକର ଖାଦ୍ୟ ଓ ଜୀବିକା ନିର୍ବାହ ନିମନ୍ତେ କେତେ ଅର୍ଥ ବ୍ୟୟ ହୋଇଛି ଏବଂ ଅବଶିଷ୍ଟ ଅର୍ଥର ସୁବିନିଯୋଗ ପାଇଁ ସରକାର କି ପଦକ୍ଷେପ ନେଉଛନ୍ତି ?

ଖଣିଜ ପଦାର୍ଥର ନିଲାମ

2241 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣି ନିଲାମ ପ୍ରବର୍ତ୍ତନ ପରଠାରୁ ରାଜ୍ୟରେ କେଉଁ କେଉଁ ଜିଲ୍ଲାରେ କେଉଁ କେଉଁ ଖଣିଜ ପଦାର୍ଥର କେତେ ଆୟତନ ଯୁକ୍ତି କେତେ ଖଣିଜ ପଦାର୍ଥ ଗଚ୍ଛିତ ଥିବା କେଉଁ ଖଣି ଗୁଡିକରେ ନିଲାମ କେତେ ହୋଇଛି ; ପ୍ରତ୍ୟେକ ଖଣି କେଉଁ ସଂସ୍ଥା କେତେ ଟଙ୍କାର କେତେ ବର୍ଷ ପାଇଁ ନେଇଛନ୍ତି ଏବଂ ସେଥିରୁ କେତେ ଅର୍ଥ ଜମା କରିଛନ୍ତି ଏବଂ ରାଜ୍ୟ ସରକାର ସେଥିରୁ କେତେ ଅର୍ଥ ପାଇଛନ୍ତି ; ଆଗାମୀ ଦିନରେ ଖଣି ନିଲାମ କ୍ଷେତ୍ରରେ କି ପଦକ୍ଷେପ ନିଆଯାଇଛି?

ବାତ୍ୟା ଯୋଗୁଁ କ୍ଷୟକ୍ଷତି

2242 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ 10 ବର୍ଷ ଭିତରେ ଏ ପର୍ଯ୍ୟନ୍ତ କେତୋଟି ବାତ୍ୟା ହୋଇଛି ; ଏ ସବୁରେ କେତେ କ୍ଷୟକ୍ଷତି ଘଟିଛି ଏବଂ ପ୍ରତ୍ୟେକ କ୍ଷେତ୍ରରେ କେନ୍ଦ୍ର ସରକାର କେତେ ବାର୍ତ୍ତା ସାହାର୍ଯ୍ୟ ଅର୍ଥ ଦେଇଛନ୍ତି?

ବିଦ୍ୟୁତଚାଳିତ ଯାନବାହନର ପ୍ରସାର

2243 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

ପରିବହନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବିଦ୍ୟୁତଚାଳିତ ଯାନବାହନର ପ୍ରସାର ବଢୁଛି କି ଓ ଉତ୍ତର ହଁ ହୋଇଥିଲେ ତାର ସବିଶେଷ ତଥ୍ୟ ଦେବେ କି?

ସମ୍ପ୍ରସାରଣ ପ୍ରସ୍ତାବ

2244 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଏବେ ଚାଲୁଥିବା ଇସ୍ପାତ କାରଖାନା ଗୁଡିକରୁ କେତେ ଇସ୍ପାତ ଉତ୍ପାଦନ ହୋଇଛି ଓ ନିର୍ମାଣଧିନ ଇସ୍ପାତ କାରଖାନାଗୁଡିକ ତଥା ଏବେ ଚାଲୁଥିବା କାରଖାନା ଗୁଡିକର ସଂପ୍ରସାରଣ ପ୍ରସ୍ତାବ ଦ୍ୱାରା ରାଜ୍ୟର ଇସ୍ପାତ ଉତ୍ପାଦନ ପରିମାଣ କେଉଁ ବର୍ଷ ସୁଦ୍ଧା କେତେ ହେବାକୁ ଯାଉଛି ; ଏ କ୍ଷେତ୍ରରେ ଚାଲୁଥିବା ଓ ନିର୍ମାଣଧିନ ସବୁ ପ୍ରକଳ୍ପର ସମୟସୀମା ସମେତ ସବିଶେଷ ତଥ୍ୟ ଦେବେ କି?

କଟକ ଓ ଚୌଦ୍ୱାର ଅଞ୍ଚଳରେ ଚିହ୍ନଟ ହୋଇଥିବା Black Spot

2245 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

ପରିବହନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ ଓ ଚୌଦ୍ୱାର ଅଞ୍ଚଳରେ ରାସ୍ତାମାନଙ୍କରେ କେଉଁ ସ୍ଥାନଗୁଡିକ ଦୁର୍ଘଟଣାପ୍ରବଣ Black Spot ଚିହ୍ନଟ ହୋଇଛି ଓ ଏହି ସ୍ଥାନଗୁଡିକର ସ୍ଥିତି ଆକଳନ କରି ସେଠାରୁ ଦୁର୍ଘଟଣା ହ୍ରାସ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

ପାରିଶ୍ରମିକ ବୃଦ୍ଧି

2246 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

ବାଣିଜ୍ୟ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ ସରକାରୀ ପ୍ରେସରେ କେଉଁ ନିୟୋଜନକାରୀ ସଂସ୍ଥାଦ୍ୱାରା କେତେଜଣଙ୍କୁ Out sourcing ମାଧ୍ୟମରେ ନିୟୋଜନ କରାଯାଇଛି, ସେମାନଙ୍କ ପାରିଶ୍ରମିକ ବୃଦ୍ଧି ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

ମୁଖ୍ୟମନ୍ତ୍ରୀ ବସ ସେବା ଯୋଜନା

2247 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

ପରିବହନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀର ନଖରା ଗ୍ରାମପଞ୍ଚାୟତ ମୁଖ୍ୟମନ୍ତ୍ରୀ ବସ ସେବା ଯୋଜନାରେ ବସ ଚଳାଚଳ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି?

ଡିଜିଟାଲ ଡିସପ୍ଲେ ମାଧ୍ୟମରେ ପ୍ରଦର୍ଶନ

2248 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସରକାରଙ୍କ କଲ୍ୟାଣକାରୀ ଯୋଜନାର ସୁଫଳ ଡିଜିଟାଲ ଡିସପ୍ଲେ ମାଧ୍ୟମରେ ଜଗତପୁର, ଚୌଦ୍ୱାରଠାରେ ପ୍ରଦର୍ଶନ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି?

ବସ୍ତିବାସିନ୍ଦାମାନଙ୍କୁ ପଟ୍ଟା ପ୍ରଦାନ

2249 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ ଜଗତପୁରସ୍ଥିତ ନିମସାହି ବସ୍ତି ଓ କଟକ ସହରର ବାଲିସାହି ବସ୍ତିରେ ଥଇଥାନ ହୋଇଥିବା ବସ୍ତିବାସିନ୍ଦା ମାନଙ୍କୁ ଜାଗା ଖଣ୍ଡିଏ ଯୋଗାଇଦେଇ ପଟ୍ଟା ପ୍ରଦାନ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି?

ପୁରସ୍କାର ପ୍ରବର୍ତ୍ତନ

2250 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍କୀ ମାଟିର ବରପୁତ୍ର ପ୍ରବୀଣ ସମ୍ବାଦିକ ପଣ୍ଡିତ ନୀଳମଣୀ ବିଦ୍ୟାରତ୍ନଙ୍କ ନାମରେ ଏକ ପୁରସ୍କାର ପ୍ରବର୍ତ୍ତନ କରି ପ୍ରତିବର୍ଷ ଜଣେ ପ୍ରତିଷ୍ଠିତ ସାମ୍ବାଦିକଙ୍କୁ ପ୍ରଦାନ ପାଇଁ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି?

ମୃତାହତଙ୍କ ସଂଖ୍ୟା

2251 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

ପରିବହନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବିଗତ ତିନି ବର୍ଷରେ କେତୋଟି ରାସ୍ତା ଦୁର୍ଘଟଣା ସଂଘଟିତ ହୋଇ କେତେଜଣ ମୃତାହତ ହୋଇଛନ୍ତି ତାହାର ଜିଲ୍ଲାୱାରୀ ବିବରଣୀ ଦର୍ଶାଇ ଏଥିପ୍ରତି ସଚେତନତା ସୃଷ୍ଟିକରି କଠୋର ଶୃଙ୍ଖଳାଗତ ପଦକ୍ଷେପ ଗ୍ରହଣ କରି ରାଜ୍ୟକୁ ଶୂନ୍ୟ ଦୁର୍ଘଟଣା ପ୍ରବଣ କରିବାକୁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

ନୌପରିବହନ ବ୍ୟବସ୍ଥା

2252 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

ବାଣିଜ୍ୟ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ କେଉଁ ନଦୀ ଘାଟରେ ଚତୁଃମାସ ନଦୀଘାଟରେ ନୌପରିବହନ ବ୍ୟବସ୍ଥା କାର୍ଯ୍ୟ ସମ୍ପାଦନ ହେଉଥିବା ବେଳେ ଏଠାରେ ନୌଯାତ୍ରୀଙ୍କ ସୁରକ୍ଷିତ ନୌଯାତ୍ରା ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି?

ଚାଷୀମାନଙ୍କୁ କ୍ଷତିପୂରଣ ପ୍ରଦାନ

2253 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତ ବନ୍ୟାରେ କଟକ ଜିଲ୍ଲାରେ କେତେ କ୍ଷୟକ୍ଷତି ହୋଇଛି ତାହାର ଆକଳନ କରି ଚାଷୀମାନଙ୍କୁ କ୍ଷତିପୂରଣ ରାଶି ପ୍ରଦାନ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

ରପ୍ତାନୀ ହୋଇଥିବା ଖଣିଜ ସମ୍ପଦର ପରିମାଣ

2254 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରୁ ବିଗତ ତିନି ବର୍ଷରେ କେତେ ପରିମାଣର ଖଣିଜ ସମ୍ପଦ ବିଦେଶକୁ ରପ୍ତାନୀ କରାଯାଇ ଏବାବଦରେ କେତେ ରାଜସ୍ୱ ଆଦାୟ ହୋଇଛି ?

ଆର.ଆଇ. ଅଫିସ୍ ର ପୁନରୁଦ୍ଧାର

2255 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର ଗୋପୀନାଥପୁର ଗ୍ରାମପଂଚାୟତ ଅନ୍ତର୍ଗତ ଟିଆଖ୍ୟା ସ୍ଥିତ ଆର.ଆଇ. ଅଫିସ୍ ର ପୁନରୁଦ୍ଧାର ପାଇଁ ବିଭାଗ ପକ୍ଷରୁ କେତେ ଅର୍ଥ ମଞ୍ଜୁର ହୋଇଛି ଏବଂ ଏହାର ବର୍ତ୍ତମାନ ସ୍ଥିତି କ'ଣ, ଏହି କାର୍ଯ୍ୟ ପାଇଁ କେବେ ସୁଦ୍ଧା ଟେଣ୍ଡର ଆହ୍ୱାନ କରାଯିବ ଏବଂ କେବେଠାରୁ କାର୍ଯ୍ୟ ଆରମ୍ଭ ହେବ, ଏହି ପୁନରୁଦ୍ଧାର କାର୍ଯ୍ୟ କେଉଁ ବିଭାଗ ବା କାର୍ଯ୍ୟନିର୍ବାହୀ ସଂସ୍ଥା ଦ୍ୱାରା କରାଯିବ ?

ନୂତନ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର

2256 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶାରେ ବର୍ତ୍ତମାନର ସରକାର ଗଠନ ପରଠାରୁ ରାଜ୍ୟରେ କେତୋଟି ନୂତନ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରାଯାଇଛି ଏବଂ କେତୋଟି ପ୍ରସ୍ତାବ ବିଚାରାଧୀନ ଅଛି, ବିଶେଷକରି ବାଲେଶ୍ୱର ଜିଲ୍ଲାର ବ୍ଲକୱାରୀ ନୂତନ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ କେତୋଟି ପ୍ରସ୍ତାବ ରହିଛି, ଏଥିମଧ୍ୟରୁ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ କେତୋଟି ପ୍ରସ୍ତାବ ରହିଛି, ସେଗୁଡ଼ିକର ସ୍ଥାନ ଓ ଆନୁମାନିକ ବ୍ୟୟ କେତେ, ଚଳିତ ଆର୍ଥିକ ବର୍ଷରେ କେତୋଟି ପ୍ରସ୍ତାବକୁ ଅନୁମୋଦନ କରାଯିବ ଏବଂ ନିର୍ମାଣ କାର୍ଯ୍ୟ କେବେ ଆରମ୍ଭ ହେବ ?

ପ୍ରଶାସନିକ ଅନୁମୋଦନରେ ବିଳମ୍ବ

2257 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବାଲେଶ୍ୱର ଜିଲ୍ଲାର ଚାନ୍ଦିପୁର ରାଇଟ୍ ପାର୍ଶ୍ୱରେ ପ୍ରସ୍ତାବିତ ପଥର ପିଚିଂ ଓ ଉନ୍ନତିକରଣ କାର୍ଯ୍ୟର ଟେଣ୍ଡର ପ୍ରକ୍ରିୟା ସମାପ୍ତ ହୋଇଥିବା ସତ୍ତ୍ୱେ ପ୍ରଶାସନିକ ଅନୁମୋଦନରେ ବିଳମ୍ବ ହେବାର କାରଣ କ'ଣ, ଏହା କେବେ ସୁଦ୍ଧା ଅନୁମୋଦନ ଲାଭ କରିବ, କାର୍ଯ୍ୟ କେବେ ଆରମ୍ଭ ହେବ ଏବଂ କେବେ ସମାପ୍ତ ହେବ, ଏଥିପାଇଁ ନିର୍ଦ୍ଦିଷ୍ଟ ସମୟସୀମା ପ୍ରଦାନ କରିବେ କି, (ଖ) ବାଲେଶ୍ୱର ଜିଲ୍ଲାର ଅକ୍ତିଆରପୁର - ନୂନିଆଯୋଡ଼ି ପାର୍କ ନିକଟରେ ଜଳସମ୍ପଦ ବିଭାଗ ପକ୍ଷରୁ ପ୍ରସ୍ତାବିତ ଦୁଇଟି ଉନ୍ନତିକରଣ କାର୍ଯ୍ୟର ଧାର୍ଯ୍ୟ ଆରମ୍ଭ ଓ ସମାପ୍ତି ତାରିଖ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ କାର୍ଯ୍ୟ ଆରମ୍ଭ ହୋଇନଥିବାର କାରଣ କ'ଣ ?

ପ୍ରସ୍ତାବ ଗୁଡ଼ିକର ସ୍ଥିତି

2258 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀରେ ଚଳିତ ବର୍ଷ ବାରମ୍ବାର ବନ୍ୟା ଓ ଅତ୍ୟଧିକ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ପ୍ରାୟ ୨୦ରୁ ୨୫ଟି କ୍ଷୁଦ୍ର ଡ୍ରେନେଜ୍ ପ୍ରକଳ୍ପର ପ୍ରସ୍ତାବ ଡ୍ରେନେଜ୍ ବିଭାଗକୁ ଦିଆଯାଇଛି, ଉକ୍ତ ପ୍ରସ୍ତାବଗୁଡ଼ିକର ବର୍ତ୍ତମାନ ସ୍ଥିତି କ'ଣ, ଏହାର ଅନୁମୋଦନରେ ବିଳମ୍ବ ହେବାର କାରଣ କ'ଣ , କେବେ ସୁଦ୍ଧା ଅନୁମୋଦନ ଓ କାର୍ଯ୍ୟାରମ୍ଭ ହେବ, (ଖ) ବାଲେଶ୍ୱର ସହର ଉପକଣ୍ଠସ୍ଥ ନୂଆସାହି-ବାଲିଆ ଅଞ୍ଚଳରେ ଅର୍ବାନ୍ ବିଭାଗର ଡିପୋଜିଟ୍ ସ୍କିମ୍ ଅଧୀନରେ ପ୍ରସ୍ତାବିତ ଡ୍ରେନ୍ ନିର୍ମାଣ କାର୍ଯ୍ୟର ଟେଣ୍ଡର ପ୍ରକ୍ରିୟା ବର୍ତ୍ତମାନ କେଉଁ ପର୍ଯ୍ୟାୟରେ ଅଛି, ଟେଣ୍ଡର କେବେ ସୁଦ୍ଧା ଚୂଡ଼ାନ୍ତ ହେବ ?

Sea Wall ନିର୍ମାଣ ପ୍ରକଳ୍ପର ସ୍ଥିତି

2259 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର କଷାଫଳ ଜଗନ୍ନାଥ ମନ୍ଦିରରୁ ଜେଟି ପର୍ଯ୍ୟନ୍ତ ଏବଂ ପରିଖିରୁ ଦୁବଲାଗଡ଼ି ବିଚ୍ ଅଂଚଳରେ ପ୍ରସ୍ତାବିତ ସିୱାଲ୍ (Sea Wall) ନିର୍ମାଣ ପ୍ରକଳ୍ପଗୁଡ଼ିକର ବର୍ତ୍ତମାନ ସ୍ଥିତି କ'ଣ, ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେବାରେ ବିଳମ୍ବର କାରଣ କ'ଣ , କେବେ ସୁଦ୍ଧା ଟେଣ୍ଡର ଆହ୍ୱାନ, କାର୍ଯ୍ୟାଦେଶ ପ୍ରଦାନ ଓ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ, ଏଥିପାଇଁ ନିର୍ଦ୍ଦିଷ୍ଟ ସମୟସୀମା ପ୍ରଦାନ କରିବେ କି, (ଖ) ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ଜଳସମ୍ପଦ ବିଭାଗର ସମସ୍ତ Ongoing ନନ୍ -ଷ୍ଟାର୍ଟର ଏବଂ ପାଇପ୍ ଲାଇନ୍ ରେ ଥିବା ପ୍ରକଳ୍ପଗୁଡ଼ିକର agency ଅର୍ଥ ଏବଂ progress ତଥ୍ୟ ସହ TAC ଅନୁମୋଦନ ପାଇଥିବା ପ୍ରକଳ୍ପ ଗୁଡିକର ତଥ୍ୟ ଓ ଏହିଗୁଡ଼ିକର ଟେଣ୍ଡର ହେବାରେ ବିଳମ୍ବ ହେବାର କାରଣ କ'ଣ ?

ପରିବହନ କର୍ମଚାରୀଙ୍କୁ ସହାୟତା

2260 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

ପରିବହନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବିଗତ ୫ ବର୍ଷରେ କେତେଗୋଟି ସଡ଼କ ଦୁର୍ଘଟଣା ଘଟି କେତେଜଣ ଡ୍ରାଇଭର, ହେଲ୍ପର ଓ ପରିବହନ କର୍ମଚାରୀ ମୃତ୍ୟୁବରଣ କରିଥିବା ବେଳେ କେତେଜଣ ଗୁରୁତର ଆହତ ହେଇଛନ୍ତି ପ୍ରକାଶ କରି ମୃତ୍ୟୁବରଣ କରୁଥିବା ଡ୍ରାଇଭର, ହେଲ୍‌ପର ଓ ପରିବହନ କର୍ମଚାରୀମାନଙ୍କ ପରିବାରର ନିରାପତ୍ତା ପାଇଁ ସେମାନଙ୍କୁ କେତେ ସହାୟତା ପ୍ରଦାନ କରାଯାଇଛି ଓ ଭବିଷ୍ୟତରେ ପ୍ରତ୍ୟେକ ଲାଇସେନ୍ସ ପ୍ରାପ୍ତ ପରିବହନ କାର୍ଯ୍ୟରେ ନିୟୋଜିତ ଡ୍ରାଇଭର, ହେଲ୍ପର ଓ ଅନ୍ୟ ପରିବହନ କର୍ମଚାରୀମାନଙ୍କୁ ବୀମାଭୁକ୍ତ ଓ ସ୍ୱାସ୍ଥ୍ୟବୀମାଭୁକ୍ତ କରିବା ସହିତ ମୃତ୍ୟୁ କ୍ଷେତ୍ରରେ ଅନୁ୍ୟନ ୨୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ପାଇଁ ସରକାର ବ୍ୟବସ୍ଥା କରିବେ କି ?

ସମ୍ବାଦପତ୍ରକୁ ପ୍ରଦାନ କରାଯାଇଥିବା ବିଜ୍ଞାପନର ବିବରଣୀ

2261 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ ତିନି ବର୍ଷରେ ରାଜ୍ୟର କେଉଁ ମଧ୍ୟମ ଓ କ୍ଷୁଦ୍ର ସମ୍ବାଦପତ୍ରକୁ କେତେ ମୂଲ୍ୟର ସରକାରୀ ବିଜ୍ଞାପନ ପ୍ରଦାନ କରାଯାଇଛି ?

ରଦି କାଗଜର ପୁନଃ ପ୍ରକ୍ରିୟାକରଣ

2262 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

ବାଣିଜ୍ୟ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ସରକାରୀ ପ୍ରେସ୍‌ମାନଙ୍କରୁ ବାହାରୁଥିବା ରଦି କାଗଜଗୁଡ଼ିକୁ ପୁନଃ ପ୍ରକ୍ରିୟାକରଣ କରାଯାଇ ସେଗୁଡ଼ିକରୁ ଭଲ କାଗଜ ପ୍ରସ୍ତୁତି ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

କେନାଲଗୁଡ଼ିକରେ ପାଣି ପ୍ରବାହ

2263 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସାଲେପୁର ନିର୍ବାଚନ ମଣ୍ଡଳୀରେ କେନାଲଗୁଡ଼ିକରେ ତଳମୁଣ୍ଡ ପର୍ଯ୍ୟନ୍ତ ପାଣି ପ୍ରବାହ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ବା କରିବାକୁ ଯାଉଛନ୍ତି ?

ଜବରଦଖଲ ଥିବା ଗୋଚର ଜମିର ପରିମାଣ

2264 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ ଜିଲ୍ଲାର କେଉଁ ତହସିଲ ଅଧିନରେ କେଉଁ ରାଜସ୍ୱ ସର୍କଲର କେଉଁ ରାଜସ୍ୱ ଗ୍ରାମରେ ଥିବା ଗୋଚର ଜମିରୁ କେତେ ଜମିକୁ ଜବରଦଖଲ କରାଯାଇଛି ବା କାହାକୁ ବେଆଇନ୍ ଭାବରେ ଲିଜ୍ ଆକାରରେ ପ୍ରଦାନ କରାଯାଇଛି, ତାହାର ତାଲିକା ଦର୍ଶାଇ ଏହି ଗୋଚର ଜମି ଗୁଡ଼ିକୁ ଜବରଦଖଲମୁକ୍ତ କରିବା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

କାର୍ଯ୍ୟକ୍ଷମ ଯୋଜନାରେ ତାଲିକା

2265 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସମୁଦାୟ କେତୋଟି କେନ୍ଦ୍ରୀୟ ଓ ରାଜ୍ୟ ଯୋଜନା କାର୍ଯ୍ୟକ୍ଷମ ରହିଛି, ତାହାର ଏକ ତାଲିକା ପ୍ରଦାନ କରିବେ କି ?

ପଣ୍ୟ ସାମଗ୍ରୀର ଆମଦାନୀ

2266 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

ବାଣିଜ୍ୟ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟକୁ ଦୈନିକ କେତେ ପରିମାଣର ପଣ୍ୟ ସାମଗ୍ରୀ ଆମଦାନୀ ହେଉଛି, ଏବଂ ଓଡ଼ିଶାରୁ ରାଜ୍ୟ ତଥା ରାଜ୍ୟ ବାହାରକୁ କେଉଁ କେଉଁ ସାମଗ୍ରୀ କେତେ ପରିମାଣର ରପ୍ତାନି କରାଯାଉଛି ?

ଗାଡ଼ିର ପ୍ରମାଣ ପତ୍ର

2267 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

ପରିବହନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାରଙ୍କ କେଉଁ କେଉଁ ବିଭାଗରେ କେତୋଟି ସରକାରୀ ଗାଡ଼ି ଚଳାଚଳ କରୁଛି, ସେଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା କେତୋଟି ଚାରିଚକିଆ ଗାଡ଼ିର ପୋଲ୍ୟୁସନ ଓ ଇଁସୁରେନ୍ସ ପ୍ରମାଣ ପତ୍ର ନାହିଁ, ତାହାର ଏକ ତାଲିକା ପ୍ରଦାନ କରିବେ, କେଉଁ କାରଣରୁ ପ୍ରମାଣ ପତ୍ର କରାଯାଇ ନାହିଁ, ଏଥିପାଇଁ ଦାୟୀ କିଏ ?

ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ସଂଖ୍ୟା

2268 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

ପରିବହନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତୋଟି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (RTO) ରହିଛି ଏବଂ ନୂତନ RTO କାର୍ଯ୍ୟାଳୟ ଖୋଲିବାର ପ୍ରସ୍ତାବ ଅଛି କି?

ପଞ୍ଜୀକୃତ ଇଲେକ୍ଟ୍ରିକ୍ ଯାନର ସଂଖ୍ୟା

2269 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

ପରିବହନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଓଡ଼ିଶାରେ ବର୍ତ୍ତମାନ କେତୋଟି ଇଲେକ୍ଟ୍ରିକ୍ ଯାନ ପଞ୍ଜୀକୃତ ହୋଇଛି ଏବଂ ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି, (ଖ) ଇଲେକ୍ଟ୍ରିକ୍ ଯାନ କ୍ରୟକୁ ଉତ୍ସାହିତ କରିବା ପାଇଁ ସରକାର କେଉଁ ସବ୍‌ସିଡି ବା ପ୍ରୋତ୍ସାହନ ବ୍ୟବସ୍ଥା କରିଛନ୍ତି, ରାଜ୍ୟର ପ୍ରମୁଖ ସହର ଓ ଜାତୀୟ ରାଜପଥଗୁଡ଼ିକରେ ଇଲେକ୍ଟ୍ରିକ୍ ଯାନ ଚାର୍ଜିଂ ଷ୍ଟେସନ୍ ସ୍ଥାପନ ପାଇଁ କେଉଁ ଯୋଜନା ରହିଛି, ପୁରୁଣା ଓ ଅଧିକ ପ୍ରଦୂଷଣ ସୃଷ୍ଟି କରୁଥିବା ଯାନବାହନଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ ସରକାର କି ପଦକ୍ଷେପ ନେଉଛନ୍ତି, ସରକାରୀ ବସ୍‌ଗୁଡ଼ିକୁ ପର୍ଯ୍ୟାୟକ୍ରମେ ଇଲେକ୍ଟ୍ରିକ୍ ବସ୍‌ରେ ପରିଣତ କରିବାର କୌଣସି ଯୋଜନା ଅଛି କି?

ଆଧୁନିକ ପାଣିପାଗ ନିରୀକ୍ଷଣ କେନ୍ଦ୍ରର ସଂଖ୍ୟା

2270 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବାତ୍ୟା, ବନ୍ୟା ଓ ଅତିବୃଷ୍ଟିର ଆଗୁଆ ସୂଚନା ପାଇଁ ରାଜ୍ୟରେ କେତୋଟି ଆଧୁନିକ ପାଣିପାଗ ନିରୀକ୍ଷଣ କେନ୍ଦ୍ର କାର୍ଯ୍ୟ କରୁଛି, (ଖ) ଉପଗ୍ରହ ଚିତ୍ର, ଡ୍ରୋନ୍ ଓ ଡିଜିଟାଲ ମ୍ୟାଚିଂ ମାଧ୍ୟମରେ ବିପର୍ଯ୍ୟୟର କ୍ଷୟକ୍ଷତି ଆକଳନ କରାଯାଉଛି କି, ଗ୍ରାମାଞ୍ଚଳର ଲୋକଙ୍କୁ ମୋବାଇଲ୍ ମାଧ୍ୟମରେ ଆଗୁଆ ସତର୍କ ସୂଚନା ପ୍ରଦାନ ପାଇଁ କି ବ୍ୟବସ୍ଥା ରହିଛି, ଏବଂ ଆଧୁନିକ ପ୍ରଯୁକ୍ତିର ବ୍ୟବହାର ବୃଦ୍ଧି ପାଇଁ ସରକାର କେତେ ଅର୍ଥ ବ୍ୟୟ କରିବେ?

SDRF ଓ NDRF ମାଧ୍ୟମରେ ମିଳିଥିବା ଅର୍ଥ

2271 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଗତ ପାଞ୍ଚ ଆର୍ଥିକ ବର୍ଷରେ ରାଜ୍ୟକୁ SDRF ଓ NDRF ମାଧ୍ୟମରେ କେତେ ଅର୍ଥ ମିଳିଛି, (ଖ) ସେଥିରୁ କେତେ ଅର୍ଥ ବିପର୍ଯ୍ୟୟ ପ୍ରଶମନ, ଉଦ୍ଧାର, ପୁନର୍ବାସ ଓ କ୍ଷତିପୂରଣ ବାବଦରେ ବ୍ୟୟ ହୋଇଛି, ଏବଂ ବର୍ତ୍ତମାନ ଏହି ପାଣ୍ଠିରେ କେତେ ଅର୍ଥ ଅବ୍ୟୟିତ ଅବସ୍ଥାରେ ରହିଛି?

ବାତ୍ୟା କ୍ଷତିଗ୍ରସ୍ତ ଲୋକଙ୍କୁ ସହାୟତା

2272 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଗତ ପାଞ୍ଚ ବର୍ଷରେ ଓଡ଼ିଶା କେତୋଟି ବାତ୍ୟାର ସମ୍ମୁଖୀନ ହୋଇଛି, (ଖ) ବାତ୍ୟା ଯୋଗୁଁ ଜିଲ୍ଲାୱାରୀ କେତେ ଲୋକଙ୍କ ଘର, ଫସଲ, ରାସ୍ତା ଓ ସରକାରୀ ସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଛି, ବାତ୍ୟା କ୍ଷତିଗ୍ରସ୍ତ ଲୋକଙ୍କୁ ଏପର୍ଯ୍ୟନ୍ତ କେତେ ଟଙ୍କାର ସହାୟତା ପ୍ରଦାନ କରାଯାଇଛି ଏବଂ ଭବିଷ୍ୟତରେ ବାତ୍ୟା ଜନିତ କ୍ଷୟକ୍ଷତି ହ୍ରାସ କରିବା ପାଇଁ ସରକାରଙ୍କ ଦୀର୍ଘମିଆଦୀ ଯୋଜନା କ'ଣ ?

ଅନୁଗ୍ରହ ରାଶି ପରିମାଣ

2273 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗତ ଅର୍ଣ୍ଣବ ବାତ୍ୟା ଓ ଭୂସ୍ଖଳନ ଯୋଗୁଁ ମୃତ୍ୟୁବରଣ କରିଥିବା କେତେ ଜଣଙ୍କ ପାଇଁ ସରକାରୀ ଅନୁଗ୍ରହ ରାଶି କେତେ ପ୍ରଦାନ କରାଯାଇଛି, ସମ୍ପୂର୍ଣ୍ଣ ପରିବାର ନିଶ୍ଚିହ୍ନ ହୋଇଯାଇଥିବା ଏବଂ ସେମାନଙ୍କର କେହି ନିକଟ ସମ୍ପର୍କୀୟ ନଥିବା କେତେ ଜଣ ଏବଂ ସେମାନଙ୍କୁ କେତେ ଅନୁଗ୍ରହ ରାଶି ପ୍ରଦାନ କରାଯାଇଛି, ଏହି ଅନୁଗ୍ରହ ସରକାରୀ ରାଶି କ'ଣ, ବିଭିନ୍ନ କ୍ଷେତ୍ରରେ କ୍ଷତିଗ୍ରସ୍ତ ଲୋକମାନଙ୍କୁ କେଉଁ ହାରରେ କେତେ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ?

ସଡ଼କ ସୁରକ୍ଷାର କ୍ଷମତା ବୃଦ୍ଧି

2274 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

ପରିବହନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସଡ଼କ ଦୁର୍ଘଟଣା କମାଇବା ପାଇଁ ତଥା ସଡ଼କ ସୁରକ୍ଷାର କ୍ଷମତା ବୃଦ୍ଧିପାଇଁ ସରକାର IIT ମାଡ୍ରାସ ସହ ଯଏଉଁ MOU ସ୍ୱାକ୍ଷର କରିଛନ୍ତି ତଦନୁଯାୟୀ ଦୁର୍ଘଟଣା ହ୍ରାସ ଦିଗରେ କି ପ୍ରକାର ସହୟକ ହୋଇଛି, ୨୦୨୨-୨୩ ଓ ୨୦୨୩-୨୪ ରେ ଦୁର୍ଘଟଣା ସଂଖ୍ୟା ତଥା ମୃତାହତଙ୍କ ସଂଖ୍ୟା କେତେ ଥିବାବେଳେ ୨୦୨୪ ଓ ୨୦୨୫ ବର୍ଷରେ ଦୁର୍ଘଟଣା ସଂଖ୍ୟା, ମୃତ୍ୟୁ, ଆହତ ଓ କ୍ଷତିପୂରଣ ବାବଦକୁ କେତେ ଟଙ୍କା ପ୍ରଦାନ କରାଯାଇଛି, ତାର ଜିଲ୍ଲା ଓ ବର୍ଶୱାରୀ ହିସାବ ଦେବେ କି ?

ଦୁର୍ଘଟଣା ଜନିତ ମୃତାହତଙ୍କ ପାଇଁ ବ୍ୟୟ ବରାଦ

2275 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

ପରିବହନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସରକାର ୨୦୨୪-୨୫ ଓ ୨୦୨୫-୨୬ ବର୍ଷରେ କେତେ ଟଙ୍କାର ବ୍ୟୟ ବରାଦ କରିଥିବାବେଳେ କେଉଁ ବାବଦକୁ କେତେ ଟଙ୍କା ବ୍ୟୟ କରିଥିଲେ, ବର୍ଷୱାରୀ ହିସାବ ଦେବେ କି, ବ୍ୟୟ ବରାଦ କରାଯାଇଥିବା ଅର୍ଥ ମଧ୍ୟରୁ ଦୁର୍ଘଟଣା ଜମିତ ମୃତାହତ ଓ ସମ୍ପତ୍ତି ନଷ୍ଟ ବାବଦକୁ ଅର୍ଥ ରାଶିର ବ୍ୟୟ ବରାଦ ହୋଇଥିଲା କି, ରାଜ୍ୟର କେଉଁ ସ୍ଥାନ ମାନଙ୍କରେ କେତୋଟି ଟୋଲ୍ ଗେଟ୍ ସ୍ଥାପନ କରାଯାଇଛି କେଉଁ କାରଣ ପାଇଁ, ବ୍ୟକ୍ତିଗତ ଯାନ କ୍ଷେତ୍ରରେ ଟୋଲ୍ ଟାସ୍କ କାହିଁକି ଆଦାୟ ହୋଇଥାଏ ?

ପୁନର୍ଗଠନ ପାଇଁ ମାନଦଣ୍ଡ

2276 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବିଧାନସଭା ଓ ସଂସଦୀୟ କ୍ଷେତ୍ର ଗୁଡିକର ପୁନର୍ଗଠନ ପାଇଁ କେଉଁ ମାନଦଣ୍ଡ ସ୍ଥିରୀକୃତ କରାଯାଇଛି, ସେହି ମାନଦଣ୍ଡ ଗ୍ରାମାଞ୍ଚଳ ତଥା ସହରାଞ୍ଚଳ ପାଇଁ ପ୍ରଯୁଜ୍ୟ କି, ସୀମା ନିର୍ଦ୍ଧାରଣ / delimitation ଦ୍ୱାରା କେତୋଟି ନୂତନ ବିଧାନସଭା ଓ ସଂସଦୀୟ କ୍ଷେତ୍ର ସୃଷ୍ଟି ହେଉଥିବା ବେଳେ ନୂତନ ଜିଲ୍ଲା ଗଠନ ହେବାର ସମ୍ଭାବନା ଅଛି କି, ଭୁବନେଶ୍ୱରର ବିଧାନସଭା କ୍ଷେତ୍ର ଗୁଡିକ ସହ କେଉଁ ପଞ୍ଚାୟତ/ ବ୍ଲକ ମାନଙ୍କୁ ଏହାର ପରିସର ଭୁକ୍ତ କରାଇ ନୂତନ କେତୋଟି ବିଧାନସଭା କ୍ଷେତ୍ର ସୃଷ୍ଟି ହେବ ?

Outsourcing କର୍ମଚାରୀଙ୍କ ଦରମା

2277 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- U.D.Q. No.-1539 ତା. 23.02.2026 ଉତ୍ତର ଆଧାରରେ ଓଡିଶା ନିର୍ମାଣ ନିଗମ ଓଡିଶା ସରକାରଙ୍କ ଅଧିନସ୍ଥ ଏକ ସଂସ୍ଥା କି, ଯଦି ହଁ, ସେଠାରେ Outsourcing ଜରିଆରେ କାର୍ଯ୍ୟରତ ଡିଗ୍ରୀ ଇଂଜିନିୟରମାନଙ୍କୁ GA & PG Dept. Resolution ସଂଖ୍ୟା 7982 ତା. 07.03.2024 ଅନୁଯାୟୀ ନିର୍ଦ୍ଦେଶିତ ସ୍ଲାବ ଅନୁସାରେ ଦରମା ଧାର୍ଯ୍ୟ ନକରିବାର କାରଣ କଣ, OCCL ରେ କାର୍ଯ୍ୟରତ Outsourcing କର୍ମଚାରୀମାନଙ୍କ ଦରମା ଲେବର ଆକ୍ଟ ଅନୁଯାୟୀ ପ୍ରଦାନ କରାଯିବ କିମ୍ବା GA & PG Dept. Resolutionର ଆଧାରରେ ତାହାର ସ୍ପଷ୍ଟ ନିର୍ଦ୍ଦେଶ ପ୍ରଦାନ କରିବେକି, ଯେଉଁ ଉପରିସ୍ଥ କର୍ମଚାରୀମାନେ ଚଞ୍ଚକତା କରିଛନ୍ତି ନିର୍ଦ୍ଦେଶ ଅବମାନନା ପାଇଁ ସେମାନଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ କି?

ଜାତି, ଆୟ, ବାସିନ୍ଦା ପ୍ରମାଣ ପତ୍ର ସଂପର୍କରେ

2278 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ତିର୍ତ୍ତୋଲ ନିର୍ବାଚନମଣ୍ଡଳି ତିର୍ତ୍ତୋଲରେ ତହସିଲ ଓ ବ୍ଲକ ଅଫିସରେ ଜାତି, ଆୟ, ବାସିନ୍ଦା ପ୍ରମାଣ ପତ୍ର ପାଇଁ ଲୋକେ ମାସ ମାସ ଧରି ଦୌଡୁଛନ୍ତି ଏହାକୁ 7 ଦିନ ଭିତରେ ଦେବା ପାଇଁ ସରକାର କଣ କଣ ପଦକ୍ଷେପ ଗ୍ରହଣ କରିଛନ୍ତି?

ଲିପ୍ଟ ଇରିଗେସନ ପଏଣ୍ଟ ସଂଖ୍ୟା

2279 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ତିର୍ତ୍ତୋଲରେ କେତୋଟି ଲିପ୍ଟ ଇରିଗେସନ ପଏଣ୍ଟ ଅଛି, କେତୋଟି ଅଚଳ ହୋଇପଡିଛି, ଚାଷୀପାଣି ମିଳିବାରେ ବିଳମ୍ବ ହେବାର କାରଣ କଣ, ଏହାପ୍ରତି ସରକାର କେଉଁ କେଉଁ ପଦକ୍ଷେପ ନେଉଛନ୍ତି ଏହାର ସବିଶେଷ ତଥ୍ୟ ପ୍ରଦାନ କରିବେକି?

ଘରବାରି ପ୍ଲଟ ଭାବେ ରୁପାନ୍ତରିତ

2280 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ)ଃ**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସହର ଜାଗାରେ ପାର୍ଟ ପ୍ଲଟ ରେଜିଷ୍ଟ୍ରେସନ କରୁଥିବା ଯେଉଁ ବ୍ୟକ୍ତି "ଘ" ଫର୍ମରେ ହସ୍ତାକ୍ଷର କରୁଛନ୍ତି ସେମାନେ ଚାଷ ଉପଯୋଗୀ ନିମନ୍ତେ ପଂଜିକୃତ ହୋଇଥିବା ପ୍ଲଟକୁ ଘରବାରି ପ୍ଲଟ ଭାବେ ରୁପାନ୍ତରିତ କିପରି କରିବେ?

ଘରବାରି ପ୍ଲଟ ରେଜିଷ୍ଟ୍ରେସନ

2281 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ)ଃ**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଘରବାରି ପ୍ଲଟ ରେଜିଷ୍ଟ୍ରେସନ ପାଇଁ 2025 ମସିହା ବନାଯାଇଥିବା (SOP) କେଉଁ କେଉଁ ବିଭାଗକୁ ସ୍ୱତନ୍ତ୍ର ଦିଆଯାଇଛି ସଂଯୁକ୍ତ(Linked) (BDA)(CDA) ସୂଚନା ଦିଆଯାଇଅଛି, ଯଦି ଦିଆଯାଇଅଛି ସିଡିଏ ଘରବାରି ରୂପାନ୍ତର କରିବା ପାଇଁ ମନା କରିବାର କାରଣ କଣ, ଏଥିପାଇଁ ଗୋଟି ସାଧାରଣ ଲୋକ କିଭଳି ଭାବରେ ଘର କରିବା ପାଇଁ ଚାହିଁଲା ଅରବାନ ଅଂଚଳରେ ପାର୍ଟ ପ୍ଲଟ ରେଜିଷ୍ଟ୍ରେସନ କରିଛି ସେ କିଭଳି ଭାବରେ ଘର କରିବ?

ଅନୁମୋଦିତ ବାଲି ଘାଟର ସଂଖ୍ୟା

2282 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ)ଃ**

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ନିର୍ବାଚନମଣ୍ଡଳି ତିର୍ତ୍ତୋଲରେ କେତେଗୋଟି ଅନୁମୋଦିତ ବାଲି ଘାଟ ଅଛି, ବେଆଇନ ବାଲି ଚୋରି ଦିନକୁ ଦିନକୁ ବଢିବାରେ ଲାଗିଛି ଏହାପ୍ରତି ସରକାର କେଉଁ କେଉଁ ପଦକ୍ଷେପ ଗ୍ରହଣ କରିଛନ୍ତି?

ତାଲମୁଣ୍ଡା ଜଳଭଣ୍ଡାର କୁ କାର୍ଯ୍ୟକ୍ଷମ

2283 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ)ଃ**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସୁନ୍ଦରଗଡ଼ ଜିଲ୍ଲା, ଲେଫ୍ରିପଡା ବ୍ଲକ ର କୁଲାବିରା ଗ୍ରାମ ପାଞ୍ଚାୟତ ଅନ୍ତର୍ଗତ କୁଲାବିରା ଗ୍ରାମ ଠାରେ କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ଥିବା ତାଲମୁଣ୍ଡା ଜଳଭଣ୍ଡାର ଦୀର୍ଘ ଦଶ ବର୍ଷ ହେଲା ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ଓ ଏହା ଉପରେ ପ୍ରାୟ ୭୦୦ ହେକ୍ଟର ଚାଷ ଜମି ଜଳସେଚନ ପାଇଁ ନିର୍ଭର କରୁଥିବା ସରକାର ଜାଣନ୍ତି କି, ଯଦି ହଁ, ତେବେ ଏହାକୁ ଅତିଶୀଘ୍ର ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ସରକାର ଅର୍ଥ ଅନୁଦାନ କରିବା ନିମିତ୍ତ ପଦକ୍ଷେପ ନେବେ କି?

ଖଣିଜ ସମ୍ପଦ ଚିହ୍ନଟ ପାଇଁ Survey କାର୍ଯ୍ୟ

2284 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ)ଃ**

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଓଡ଼ିଶାରେ GSI (Geological Survey of India) ଦ୍ୱାରା କେତୋଟି ଜିଲ୍ଲାରେ ଖଣିଜ ସମ୍ପଦ ଚିହ୍ନଟ ପାଇଁ Survey କାର୍ଯ୍ୟ କରାଯାଇଛି, ସେଥି ମଧ୍ୟରୁ କେଉଁ କେଉଁ ଜିଲ୍ଲାରେ କି କି ଖଣିଜ ସମ୍ପଦ କେତେ ପରିମାଣର ଗଚ୍ଛିତ ରହିଛି, (ଖ) ରାଜ୍ୟରେ ଚିହ୍ନଟ ହୋଇଥିବା ଖଣିଜ ଭଣ୍ଡାରର ଗୁଣବତା (Mineral Grade) ପରିମାଣ ଓ ଆର୍ଥିକ ମୂଲ୍ୟ ନିର୍ଧାରଣ ପାଇଁ କୌଣସି ସ୍ୱତନ୍ତ୍ର ଅଧ୍ୟୟନ କରାଯାଇଛି କି, ଯଦି ହଁ, ତେବେ ଏହାର ସମ୍ପୂର୍ଣ ତଥ୍ୟ ଦେବା ସହ Survey ଦ୍ୱାରା ଚିହ୍ନଟ ହୋଇଥବା କେତୋଟି ଖଣିଜ ବ୍ଲକକୁ ସରକାର ନିଲାମ କରିଛନ୍ତି ଏବଂ କେତୋଟି ବ୍ଲକ ଏ ପର୍ଯ୍ୟନ୍ତ ନିଲାମ ଅପେକ୍ଷାରେ ରହିଛି?

ନୂତନ ସର୍ଭେ କରି ପଟ୍ଟାଧାରୀଙ୍କୁ କ୍ଷତିପୂରଣ ପ୍ରଦାନ

2285 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ)ଃ**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସୁନ୍ଦରଗଡ଼ ଜିଲ୍ଲାର Bijahan Coal Block ଦୁଇଟି ଗ୍ରାମ ଯଥା Girisuan ଓ Jharpalam ରୁ ପୁରଣା ଖାତା ଧାରିଙ୍ଗନାରେ କ୍ଷତି ପୂରଣ ଦେବାପାଇଁ ନିଷ୍ପତ୍ତି ନିଆଯାଇଛି କି ଯଦି ହଁଏହି ସମୟ ମଧ୍ୟରେ ଅନେକ ଜମି କିଣା ବିକା ହେଇଅଛି, ଏଣୁ ଏଠାରେ ନୂତନ ସର୍ଭେ କରି ନୂଆ ପଟ୍ଟାଧାରୀଙ୍କୁ କ୍ଷତିପୂରଣ ଦେବାପାଇଁ ସରକାର ବ୍ୟବସ୍ଥା କରିବେ କି?

ଖଣି ଖନନ କରିବା ପାଇଁ ଲିଜ

2286 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ)ଃ**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସୁନ୍ଦରଗଡ଼ ଜିଲ୍ଲାର JSW, କୁତ୍ରା କୁ ହସ୍ତାନ୍ତର କରିଥିବା ଖତକୁରବାହାଲ ନର୍ଥ ବ୍ଲକର ସମୁଦାୟ ଜମି ଆଗରୁ କେଉଁ କମ୍ପାନୀ କୁ ଖଣି ଖନନ କରିବା ପାଇଁ ଲିଜ ଦିଆହେଇଥିଲା ଏବଂ କେଉଁ ନିୟମ ବଳରେ ତାକୁ ପୁଣି JSW କୁ ଖଣି ଖନନ ପାଇଁ ଆଦେଶ ଦିଆଗଲା ?

ଜମିକୁ Resumption କରାଯିବା ସଂପର୍କରେ

2287 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ)ଃ**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଅଣତାରକା ବିଧାନସଭା ପ୍ରଶ୍ନ UDAQ. 1592 ତାଃ ୦୪.୧୨.୨୦୨୫ ର ଉତ୍ତର ପରିପେକ୍ଷୀରେ ପାଖାପାଖି 64 ବର୍ଷ ହେବ L&T କମ୍ପାନୀ ଯେଉଁ ଜମିକୁ ଅବ୍ୟବହୃତ କରି ଖାଲି ପକାଇ ରଖୁଛି, ସେହି ସମସ୍ତ ଜମିକୁ Odisha Government Land Settlement Act, 1962 ର ଧାରା 3-B ଅନୁଯାୟୀ କେବେ ଓ କେତେ ଦିନ ଭିତରେ Resumption କରାଯିବ?

ଅଧିକ ସଂଖ୍ୟକ ଆଶ୍ରୟସ୍ଥଳୀ ନିର୍ମାଣ

2288 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ଦୁଇଟିଯାକ ବ୍ଲକରେ ସାମାନ୍ୟ ବର୍ଷାରେ ବନ୍ୟା ସୃଷ୍ଟି ହୋଇଥାଏ,ଆନନ୍ଦପୁର ରେ ପ୍ରାୟତ ୪୦ କିଲୋମିଟର ବ୍ୟାପୀ ବୈତରଣୀ ବନ୍ଧ ରହିଛି ଏବଂ ସେହି ନଦୀ ଉପକୂଳ ଅଞ୍ଚଳରେ ଅବସ୍ଥିତ ଗ୍ରାମ ଗୁଡିକ ବନ୍ୟା ପ୍ରଭାବିତ ହେଉଥିବା ସରକାରଙ୍କ ନଜରକୁ ଆସିଛି କି, ଯଦି ହଁ, ତେଣୁ ଆନନ୍ଦପୁର ଏକ ବନ୍ୟା ପ୍ରଭାବିତ ଅଞ୍ଚଳ ହୋଇଥିବାରୁ ଏଠାରେ ଅଧିକ ସଂଖ୍ୟକ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରିବା ସହ ସରକାର ସ୍ୱତନ୍ତ୍ର ପାଣ୍ଠିର ବ୍ୟବସ୍ଥା କରିବେ କି ?

ଜମିକୁ ଜବରଦଖଲମୁକ୍ତ କରିବାକୁ ପଦକ୍ଷେପ

2289 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ରେ କେଉଁ ତହସିଲ୍ ଅଧୁନସ୍ଥ ବିଭିନ୍ନ ମୌଜାରେ କେତେ ପରିମାଣର ଗୋଚର ଜମି, ଶ୍ମଶାନ ଜମି ଓ ସରକାରୀ ଅନାବାଦୀ ଜମି, ଜବରଦଖଲ ହୋଇଛି, ଏହାକୁ ଜବରଦଖଲମୁକ୍ତ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ଏବଂ ପ୍ରତ୍ୟେକ ଗ୍ରାମରେ ସରକାରୀ ଜମିରେ ସର୍ବସାଧାରଣଙ୍କ ବ୍ୟବହାର ପାଇଁ ଖେଳପଡ଼ିଆ ଗ୍ରାମ୍ୟ, ସାଂସ୍କୃତିକ ମଣ୍ଡପ, ଅଙ୍ଗନୱାଡ଼ି କେନ୍ଦ୍ର, ମହିଳା ସମିତି, ସ୍ୱାସ୍ଥ୍ୟକେନ୍ଦ୍ର, ଶ୍ମଶାନ ପାଇଁ ଜମି ସଂରକ୍ଷଣ କରିବା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉ ଅଛି?

ସଡକ ଦୁର୍ଘଟଣାର ତାଲିକା

2290 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

ପରିବହନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗତ ୨୦୨୨ ମସିହା ଠାରୁ ଅଗଷ୍ଟ ୨୦୨୬ ମସିହା ପର୍ଯ୍ୟନ୍ତ କେନ୍ଦୁଝର ଜିଲ୍ଲାରେ କେତୋଟି ସଡ଼କ ଦୁର୍ଘଟଣା ଘଟିଛି ଏବଂ ସେଥିରେ କେତେ ଜଣଙ୍କର ମୃତ୍ୟୁ ଘଟିଛି ଓ କେତେ ଜଣ ଆହତ ହୋଇଛନ୍ତି ତାହାର ବର୍ଷ ୱାରୀ ଏକ ତାଲିକା ପ୍ରଦାନ କରିବେ କି, ଏଥିସହିତ କେନ୍ଦୁଝର ଦେଇ ଯାଉଥିବା ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ କେଉଁ କେଉଁ ସ୍ଥାନକୁ ବ୍ଲାକ ସଟ୍ ଚିହ୍ନିତ କରାଯାଇଛି ଏବଂ ସେହି ସ୍ଥାନରେ ଦୁର୍ଘଟଣା ରୋକିବା ପାଇଁ ସରକାରଙ୍କ ପଦକ୍ଷେପ ସମ୍ବନ୍ଧରେ ଜଣାଇବେ କି ?

Tender କାର୍ଯ୍ୟ ରେ ବିଳମ୍ବ

2291 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆନନ୍ଦପୁର ବ୍ଲକର ତରଡ଼ିଆ MIP/ଚେକଡେମ୍ (Minor Irrigation Project) ପ୍ରକଳ୍ପଟି ର ଉନ୍ନତିକରଣ ପାଇଁ World Bank ର ଆର୍ଥିକ ସହାୟତା ରେ Tender କାର୍ଯ୍ୟ ଆଜି ପର୍ଯ୍ୟନ୍ତ ଆରମ୍ଭ ନ ହେବାର କାରଣ କଣ ?

ପଲିଥିନ ଚୋରି ସଂପର୍କରେ

2292 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ହାଟଡିହି ତହସିଲ ଅଫିସରୁ ପଲିଥିନ ଚୋରି ହେବା ଘଟଣା ସରକାରଙ୍କ ନଜର କୁ ଆସିଛି କି ଯଦି ଉତ୍ତର ହଁ, ତାହା ହେଲେ କିଭଳି ଭାବରେ ବନ୍ୟା ବିପନ୍ନଙ୍କ ପାଇଁ ଆସିଥିବା ପଲିଥୁନ ଚୋରି ହେଲା, କେଉଁ ମାନେ ଏଥୁରେ ସମ୍ପୃକ୍ତ,ସରକାର ଏ ଦିଗରେ କଣ ପଦକ୍ଷେପ ନେଉଛନ୍ତି ?

ରପ୍ତାନି ପରିମାଣ

2293 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

ବାଣିଜ୍ୟ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଗତ 5 ବର୍ଷ ମଧ୍ୟରେ ଓଡ଼ିଶାର ରପ୍ତାନି ପରିମାଣ ଓ ରପ୍ତାନି ମୂଲ୍ୟରେ କେତେ ବୃଦ୍ଧି ହୋଇଛି, ବର୍ତ୍ତମାନ ରାଜ୍ୟରେ ରପ୍ତାନି ବୃଦ୍ଧି ପାଇଁ ସରକାରଙ୍କର କୌଣସି ନୂତନ ସ୍ୱତନ୍ତ୍ର Export Policy କାର୍ଯ୍ୟକାରୀ କରିବା ପାଇଁ ଯୋଜନା ଅଛି କି, ତାହା ଜଣାଇବା ସହ ରାଜ୍ୟରେ ଶିଳ୍ପ ଓ ବାଣିଜ୍ୟିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ନୂତନ Inland Container Depot (ICD) ଓ Logistics Hub ସ୍ଥାପନ ପାଇଁ କୌଣସି ପଦକ୍ଷେପ ନିଆଯାଇଛି, (ଖ) ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ ପ୍ରସ୍ତାବିତ ଏୟାରପୋର୍ଟ ନିକଟରେ ଏକ ନୂତନ Logistics Hub ସ୍ଥାପନ ପାଇଁ ସରକାର ପଦକ୍ଷେପ ନେବେ କି?

ନଦୀବନ୍ଧ ମରାମତି

2294 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପୁରୀ ଜିଲ୍ଲାରେ ଥିବା ସମସ୍ତ ନଦୀବନ୍ଧ, କଲଭର୍ଟ, ଡ୍ରେନ୍ ଏବଂ ଜଳ ନିଷ୍କାସନ ବ୍ୟବସ୍ଥାର ସ୍ଥିତି ଯାଞ୍ଚ କରିବା ପାଇଁ ସରକାରଙ୍କ ପକ୍ଷରୁ ନିୟମିତ ବ୍ୟବଧାନରେ ଯାଞ୍ଚ ଓ ତଦାରଖ କରାଯାଉଛି କି, ଯଦି ହଁ, ତେବେ ଗତ ତିନି ବର୍ଷ ମଧ୍ୟରେ ଏଥିପାଇଁ କେତେଥର ଯାଞ୍ଚ କରାଯାଇଛି ଏବଂ ଯାଞ୍ଚ ସମୟରେ କେତୋଟି ଦୁର୍ବଳ, କ୍ଷତିଗ୍ରସ୍ତ ଓ ବିପଦସଂକୁଳ ସ୍ଥାନ ଚିହ୍ନଟ କରାଯାଇଛି ଏବଂ ସେଗୁଡ଼ିକର ସୁଦୃଢ଼ୀକରଣ, ମରାମତି ଓ ସ୍ଥାୟୀ ସୁରକ୍ଷା ବ୍ୟବସ୍ଥା ପାଇଁ ଗତ ତିନି ବର୍ଷରେ କେତେ ବ୍ୟୟ ବରାଦ ଓ ଖର୍ଚ୍ଚ ହୋଇଛି?

ପାଣି ପଞ୍ଚାୟତର ସଂଖ୍ୟା

2295 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପୁରୀ ଜିଲ୍ଲା ଏବଂ ବିଶେଷତଃ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ ସମୁଦାୟ କେତୋଟି ପାଣି ପଞ୍ଚାୟତ ରହିଛି, ସେଥୁମଧ୍ୟରୁ କେତୋଟି ବର୍ତ୍ତମାନ ସକ୍ରିୟ ଭାବେ କାର୍ଯ୍ୟ କରୁଛି ଏବଂ କେତୋଟିର ନିର୍ବାଚନ/ପୁନଃନିର୍ବାଚନ ବା ଅନ୍ୟାନ୍ୟ ପ୍ରକ୍ରିୟା ସମ୍ପନ୍ନ ନ ହୋଇ କେବେଠାରୁ ନିଷ୍କ୍ରିୟ ଅବସ୍ଥାରେ ରହିଛି ଏବଂ ତାହାର କାରଣ କଣ, ତାହାର ସମ୍ପୂର୍ଣ ବିବରଣୀ ତଥ୍ୟ ଉପସ୍ଥାପନ କରିବେ କି, ନିଷ୍କ୍ରିୟ ଥିବା ପାଣି ପଞ୍ଚାୟତ ଗୁଡିକୁ କେବେ ସୁଦ୍ଧା ସକ୍ରିୟ କରିବେ ?

Lift Irrigation ପଏଣ୍ଟ ସଂଖ୍ୟା

2296 ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ ମୋଟ କେତୋଟି Lift Irrigation ପଏଣ୍ଟ ରହିଛି, ଏହି LI ପଏଣ୍ଟ ଗୁଡିକ ମାଧ୍ୟମରେ ମୋଟ କେତେ ହେକ୍ଟର ଚାଷ ଜମିକୁ ଜଳସେଚିତ କରାଯାଇପାରିଛି, LI ପଏଣ୍ଟଗୁଡିକ ପାଇଁ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଓ LI ପଏଣ୍ଟଗୁଡିକର କ୍ଷମତା ବୃଦ୍ଧି କରି ଅଧିକ ଚାଷ ଜମିକୁ ଜଳସେଚନ ଅଧୀନକୁ ଆଣିବାର ସରକାରଙ୍କର କୌଣସି ଯୋଜନା ଅଛି କି?

ଅଟଳ ବସ ଷ୍ଟାଣ୍ଡ ସଂପର୍କରେ

2297 ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):

ପରିବହନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବସ ସେବାର ଭିଭିଭୂମିକୁ ସୁଦୃଢ଼ କରିବା ମାଧ୍ୟମରେ ଓଡ଼ିଶାର ପ୍ରତି ବ୍ଲକରେ ବସ ଷ୍ଟାଣ୍ଡ କେଉଁ କେଉଁ ସ୍ଥାନରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଓ କେଉଁଠି ବାକି ଅଛି, ତାର ତଥ୍ୟ ଦେବା ସହ କାର୍ଯ୍ୟରେ ବିଳମ୍ବ ହେବାର କାରଣ କଣ, (ଖ) ପୁରୀ ଜିଲ୍ଲା ଅନ୍ତର୍ଗତ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ ଥିବା ୩ଟି ବ୍ଲକ ବ୍ରହ୍ମଗିରି, କୃଷ୍ଣପ୍ରସାଦ ଓ ପୁରୀ ସଦର ବ୍ଲକରେ ଏହାର ସ୍ଥିତି କଣ, ଏଥିପାଇଁ ଜାଗା ଚିହ୍ନଟ ହୋଇଛି କି ନାହିଁ, ଜମି ଅଧିଗ୍ରହଣ ହୋଇଛି କି ନାହିଁ, ବସ ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ କେଉଁ ପର୍ଯ୍ୟାୟରେ ପହଞ୍ଚିଛି ?

Number of mining leases

2298 ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) the number of mining leases inspected during the last three years for discrepancies between the actual and declared mineral grade; (b) the number of cases where grade manipulation, misdeclaration or short reporting of mineral dispatch was detected, along with mineral-wise estimated revenue loss; the amount of additional royalty, penalty or other dues assessed and recovered; and the steps taken to strengthen independent sampling, grade verification and digital monitoring of mineral production and dispatch?

Number of Vehicles placed under Active Non- Complaiant

2299 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

ପରିବହନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) Number of vehicles in Odisha placed under Active Non-Compliant, Temporary Archive and Permanent Archive categories, district-wise, due to expired or unavailable PUCC, insurance and other mandatory documents; (b) Whether Permanent Archive status amounts to RC cancellation or database classification, and its legal implications for vehicle owners; Procedure, fees and timeline for restoring vehicle status after document renewal, including cases involving technical errors or incorrect classification; and measure taken to provide prior notice, public clarification and accessible RTO assistance to affected owners ?

Expenditure incurred through Print, Electronic & Web Media

2300 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The total expenditure incurred on Government advertisements through print, electronic and web media during 2024-25, 2025-26 and 2026-27 till date, media-category-wise; (b) The amount paid to each category of media and the criteria followed for allocation of advertisements; The number of media organisations presently empanelled under each category and the number newly empanelled during the said period and whether Government maintains a publicly accessible record of advertisement releases and payments, and if not, whether such disclosure is proposed ?

Status of Helpdesks Senior Citizens

2301 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The present status of implementation of dedicated helpdesks for senior citizens and persons with disabilities in Tahasil and other Revenue Offices across Odisha; (b) The district-wise number of Revenue Offices where such helpdesks have been established and made operational; The facilities provided, including priority service, assistance in filing applications, documentation and grievance redressal and the timeline for extending these facilities to all remaining

Revenue Offices, along with the arrangements for monitoring their functioning ?

Stretch of River Mahanadi

2302 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The Water Quality Index (WQI) readings and dissolved oxygen levels recorded along the Cuttack stretch of River Mahanadi over the last 12 months; (b) The total number of Municipal Drains discharging untreated wastewater directly into Mahanadi and Kathajodi rivers in Cuttack; and the operational capacity versus actual sewage volume treated daily by existing Sewage Treatment Plants (STPs) in Kataka ?

ରୁଜୁ ହୋଇଥିବା ମାମଲା ସଂଖ୍ୟା

2303 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଚଳିତ ସରକାରଙ୍କ କାର୍ଯ୍ୟକାଳ ମଧ୍ୟରେ ଅନୁମତିଠାରୁ ଅଧିକ ଖଣିଜ ଦ୍ରବ୍ୟ ଉତ୍ତୋଳନ କରିବା ଅଭିଯୋଗରେ ମୋଟ କେତୋଟି ମାମଲା ରୁଜୁ ହୋଇଛି; (ଖ) ଉକ୍ତ ମାମଲାରେ କେଉଁ କେଉଁ ଖଣି ଲିଜ୍‌ଧାରୀ ଓ ସଂସ୍ଥା ବିରୋଧରେ ମାମଲା ରୁଜୁ କରାଯାଇଛି ; ଏହି ବାବଦରେ ମୋଟ କେତେ ଟଙ୍କା ଜୋରିମାନା ଧାର୍ଯ୍ୟ କରାଯାଇଛି, ସେଥିମଧ୍ୟରୁ କେତେ ଟଙ୍କା ଆଦାୟ ହୋଇଛି ଏବଂ କେତେ ଟଙ୍କା ବର୍ତ୍ତମାନ ସୁଦ୍ଧା ବକେୟା ରହିଛି; ଅନୁମତିଠାରୁ ଅଧିକ ଖଣିଜ ଦ୍ରବ୍ୟ ଉତ୍ତୋଳନ କ୍ଷେତ୍ରରେ ଟନ୍ ପିଛା ଜୋରିମାନା ଧାର୍ଯ୍ୟ କରିବାର ନିୟମାବଳୀ ଓ ଆଇନଗତ ବ୍ୟବସ୍ଥା କ'ଣ ରହିଛି ; ଏହି ଉପରୋକ୍ତ ସମସ୍ତ ମାମଲାରେ ସଂସ୍ଥାୱାରୀ ଜୋରିମାନା ଧାର୍ଯ୍ୟ, ଆଦାୟ, ବକେୟା ଅର୍ଥ ଓ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନର ସମ୍ପୂର୍ଣ୍ଣ ତଥ୍ୟ ତାରିଖୱାରୀ ଭାବେ ଉପସ୍ଥାପନ କରିବେ କି?

ବନ୍ୟା ପ୍ରଭାବିତ ଗ୍ରାମର ସଂଖ୍ୟା

2304 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଭଦ୍ରକ ଜିଲ୍ଲାରେ ବୈତରଣୀ ନଦୀ ଓ ଅନ୍ୟାନ୍ୟ ନଦୀ ଦ୍ୱାରା ପ୍ରତିବର୍ଷ କେତୋଟି ଗ୍ରାମ ବନ୍ୟା ପ୍ରଭାବିତ ହେଉଛି ଏବଂ ଗତ ୩ ବର୍ଷରେ କେତେ ଗ୍ରାମ ଅଧିକ କ୍ଷତିଗ୍ରସ୍ତ ହୋଇଛି; (ଖ) ବନ୍ୟା ପ୍ରବଣ ଗ୍ରାମଗୁଡ଼ିକର ସ୍ଥାୟୀ ସୁରକ୍ଷା ନିମନ୍ତେ ସରକାରଙ୍କ ପକ୍ଷରୁ କେତୋଟି ପ୍ରକଳ୍ପ ହାତକୁ ନିଆଯାଇଛି ଏବଂ ସେଥିମଧ୍ୟରୁ କେତୋଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି; ବନ୍ୟା ସମୟରେ ପ୍ରଭାବିତ ଲୋକଙ୍କ ସୁରକ୍ଷିତ ସ୍ଥାନାନ୍ତରଣ, ରିଲିଫ୍, ଖାଦ୍ୟ, ପାନୀୟ ଜଳ ଓ ଚିକିତ୍ସା ସେବା ଯୋଗାଇବା ପାଇଁ ସରକାରଙ୍କର କି ପ୍ରକାର ବ୍ୟବସ୍ଥା ରହିଛି; ବିଶେଷ କରି ଭଦ୍ରକ ଜିଲ୍ଲାର ଧାମରା, ଚାନ୍ଦବାଲି ଓ ଅନ୍ୟାନ୍ୟ ଉପକୂଳ ଅଞ୍ଚଳରେ ସମୁଦ୍ର ଜଳ ମାଡ଼ିଆସିବା ଓ ଉପକୂଳ କ୍ଷୟ ରୋକିବା ପାଇଁ ସରକାର କେଉଁ କେଉଁ ପ୍ରତିରୋଧମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି; ଚାନ୍ଦବାଲି ନିର୍ବାଚନମଣ୍ଡଳୀରେ ବର୍ତ୍ତମାନ କେତୋଟି ବନ୍ୟା ଆଶ୍ରୟସ୍ଥଳୀ ରହିଛି ଏବଂ ଆଗାମୀ ଦିନରେ ଆଉ କେତୋଟି ନୂତନ ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରିବା ପାଇଁ ସରକାରଙ୍କର ଯୋଜନା ରହିଛି ?

ପ୍ରଚାର ପ୍ରସାର ପାଇଁ କାର୍ଯ୍ୟାଦେଶ

2305 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଏବଂ ମନ୍ତ୍ରୀମାନଙ୍କ ବିଭାଗୀୟ PR (Public Relations) ଓ Social Media ପରିଚାଳନା, ପ୍ରଚାରପ୍ରସାର ଏବଂ ଡିଜିଟାଲ୍ କ୍ୟାମ୍ପେନ୍ ଆଦି କାର୍ଯ୍ୟ ପାଇଁ କେଉଁ କେଉଁ ସଂସ୍ଥା ବା କମ୍ପାନୀଙ୍କୁ ନିଯୁକ୍ତି ବା କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି; (ଖ) ଉକ୍ତ ପ୍ରତ୍ୟେକ ସଂସ୍ଥା ବା କମ୍ପାନୀକୁ କେଉଁ କେଉଁ କାର୍ଯ୍ୟ ନିମନ୍ତେ ନିୟୋଜିତ କରାଯାଇଛି ଏବଂ ଏଥିପାଇଁ ବିଭାଗୱାରୀ କେତେ ଅର୍ଥ ବ୍ୟୟ କରାଯାଇଛି; ଏହି PR ଓ Social Media କାର୍ଯ୍ୟକଳାପ ଦ୍ୱାରା ସରକାରଙ୍କୁ କେଉଁ କେଉଁ କ୍ଷେତ୍ରରେ କି ପ୍ରକାର ଲାଭ ମିଳିଛି ଏବଂ ଏହାର ଫଳାଫଳ ମାପିବା ପାଇଁ କୌଣସି ମୂଲ୍ୟାୟନ ବ୍ୟବସ୍ଥା ରହିଛି କି; ଆଗାମୀ ଦିନରେ ଏହି କାର୍ଯ୍ୟ ପାଇଁ ଆଉ କେଉଁ କେଉଁ ସଂସ୍ଥା ବା କମ୍ପାନୀଙ୍କୁ ନିୟୋଜିତ କରିବା ପାଇଁ ସରକାରଙ୍କ ଯୋଜନା ରହିଛି ଏବଂ ଚଳିତ ବଜେଟ୍‌ରେ ଏଥିପାଇଁ କେତେ ଅର୍ଥ ବରାଦ କରାଯାଇଛି ?

ଧାମରା ବନ୍ଦରର ମାଲ ପରିବହନ କ୍ଷମତା

2306 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

ବାଣିଜ୍ୟ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଭଦ୍ରକ ଜିଲ୍ଲାରେ ଅବସ୍ଥିତ ଧାମରା ବନ୍ଦରର ବର୍ତ୍ତମାନର ବାର୍ଷିକ ମାଲ ପରିବହନ କ୍ଷମତା (Cargo Handling Capacity) କେତେ ଏବଂ ଗତ ୫ ବର୍ଷ ଅର୍ଥାତ୍ ୨୦୨୧-୨୨ରୁ ୨୦୨୫-୨୬ ପର୍ଯ୍ୟନ୍ତ ବର୍ଷୱାରୀ କେତେ ପରିମାଣର ମାଲ ପରିବହନ ହୋଇଛି; (ଖ) ଧାମରା ବନ୍ଦରରୁ ରାଜ୍ୟ ସରକାର ବିଭିନ୍ନ ଟିକସ, ରାଜସ୍ୱ ଅଂଶୀଦାରିତା (Revenue Share), ଲିଜ୍ ଦେୟ ଓ ଅନ୍ୟାନ୍ୟ ଦେୟ ବାବଦରେ ଗତ ୫ ବର୍ଷରେ ବର୍ଷୱାରୀ କେତେ ରାଜସ୍ୱ ପାଇଛନ୍ତି; ଧାମରା ବନ୍ଦରର ସମ୍ପ୍ରସାରଣ ଓ ମାଲ ପରିବହନ କ୍ଷମତା ବୃଦ୍ଧି ପାଇଁ ଆଗାମୀ ୫ ବର୍ଷ ମଧ୍ୟରେ କେତେ ଟଙ୍କାର ନୂତନ ନିବେଶ ପ୍ରସ୍ତାବ ରହିଛି ଏବଂ ଏଥିପାଇଁ କେଉଁ କେଉଁ ପ୍ରକଳ୍ପ ହାତକୁ ନିଆଯାଇଛି; ଧାମରା ବନ୍ଦର ମାଧ୍ୟମରେ ଓଡ଼ିଶାର ଖଣିଜ ପଦାର୍ଥ, କୃଷିଜାତ ଦ୍ରବ୍ୟ ଓ ଶିଳ୍ପଜାତ ସାମଗ୍ରୀର ରପ୍ତାନି ବୃଦ୍ଧି କରିବା ସହ ରାଜ୍ୟର ଶିଳ୍ପ ଓ ବାଣିଜ୍ୟ କ୍ଷେତ୍ରର ବିକାଶ ପାଇଁ ସରକାର କେଉଁ କେଉଁ ଠୋସ୍ ପଦକ୍ଷେପ ଗ୍ରହଣ କରିଛନ୍ତି; ଧାମରା ବନ୍ଦରର ସମ୍ପ୍ରସାରଣ ଓ ଜାହାଜ ଚଳାଚଳ ଯୋଗୁଁ ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ମାଛଧରା ଅଞ୍ଚଳ, ଜୀବିକା ଓ ଆର୍ଥିକ ସ୍ଥିତି ଉପରେ କି ପ୍ରଭାବ ପଡ଼ିଛି ଏବଂ ଏହାଦ୍ୱାରା ପ୍ରଭାବିତ ମତ୍ସ୍ୟଜୀବୀ ପରିବାରଙ୍କ ସଂଖ୍ୟା କେତେ; ପ୍ରଭାବିତ ମତ୍ସ୍ୟଜୀବୀ ପରିବାରଙ୍କୁ ଏ ପର୍ଯ୍ୟନ୍ତ କେତେ ପରିମାଣର କ୍ଷତିପୂରଣ, ପୁନର୍ବାସ ଓ ଜୀବିକା ନିର୍ବାହ ସହାୟତା ପ୍ରଦାନ କରାଯାଇଛି ଏବଂ ଆଉ କେତେ ପରିବାର ସହାୟତା ପାଇବାକୁ ବାକି ଅଛନ୍ତି ?

କମିଟି ଗଠନ

2307 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲା DMF ପାଣ୍ଠିର ସୁପରିଚାଳନା, ଯୋଜନା ପ୍ରସ୍ତୁତି ଓ ଅର୍ଥ ବିନିଯୋଗ ତଦାରଖ ପାଇଁ କେବେ ଏବଂ କେଉଁ ସରକାରୀ ନିର୍ଦ୍ଦେଶନାମା ବଳରେ କମିଟି ଗଠନ କରାଯାଇଥିଲା ; ୨୦୧୬-୧୭ ଆର୍ଥିକ ବର୍ଷଠାରୁ ଏଯାବତ୍ ଉକ୍ତ କମିଟିର କେତୋଟି ବୈଠକ ଅନୁଷ୍ଠିତ ହୋଇଛି; ବର୍ଷୱାରୀ ବୈଠକ ତାରିଖ ଓ ତଥ୍ୟ ପ୍ରଦାନ କରିବେ କି ; ଉକ୍ତ ବୈଠକଗୁଡ଼ିକରେ କେଉଁ କେଉଁ ସଦସ୍ୟ ଓ ଅଧିକାରୀ ଉପସ୍ଥିତ ଥିଲେ; ସେମାନଙ୍କ ନାମ ଓ ପଦବୀୱାରୀ ତଥ୍ୟ ପ୍ରଦାନ କରିବେ କି ; ପ୍ରତ୍ୟେକ ବୈଠକରେ DMF ପାଣ୍ଠିର ବିନିଯୋଗ, ପ୍ରକଳ୍ପ ଅନୁମୋଦନ, କାର୍ଯ୍ୟାନ୍ୱୟନ ଓ ଅର୍ଥ ବ୍ୟୟ ସମ୍ପର୍କରେ କେଉଁ କେଉଁ ନିଷ୍ପତ୍ତି ନିଆଯାଇଥିଲା ତା'ର ବର୍ଷୱାରୀ ତଥ୍ୟ ପ୍ରଦାନ କରିବେ କି?

ଅନୁମୋଦିତ ପ୍ରକଳ୍ପ ସଂଖ୍ୟା

2308 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ୦୧.୦୬.୨୦୨୪ ଠାରୁ ଏଯାବତ୍ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ କେନ୍ଦୁଝର ଜିଲ୍ଲା ପାଇଁ ମୋଟ କେତେଗୋଟି ପ୍ରକଳ୍ପ ଅନୁମୋଦନ କରାଯାଇଛି ଏବଂ ମୋଟ କେତେ ଅର୍ଥ ମଞ୍ଜୁର କରାଯାଇଛି ; (ଖ) ଉକ୍ତ ପ୍ରକଳ୍ପଗୁଡ଼ିକର ନାମ, ସ୍ଥାନ, ଅନୁମୋଦିତ ବ୍ୟୟ ଅଟକଳ, ମଞ୍ଜୁରୀପ୍ରାପ୍ତ ଅର୍ଥ, ଏଯାବତ୍ ବ୍ୟୟ ହୋଇଥିବା ଅର୍ଥ ଏବଂ କାର୍ଯ୍ୟକାରୀ ସଂସ୍ଥାର ନାମ ପ୍ରକଳ୍ପୱାରୀ ଓ ବ୍ଲକୱାରୀ ତଥ୍ୟ ପ୍ରଦାନ କରିବେ କି ; ଉକ୍ତ ପ୍ରକଳ୍ପଗୁଡ଼ିକ ମଧ୍ୟରୁ କେତୋଟି ସମ୍ପୂର୍ଣ୍ଣ ହୋଇଛି, କେତୋଟି ନିର୍ମାଣାଧୀନ ଓ କେତୋଟି ଆରମ୍ଭ ହୋଇନାହିଁ, ମଞ୍ଜୁରୀପ୍ରାପ୍ତ ଅର୍ଥ ମଧ୍ୟରୁ କେତେ ଅର୍ଥ ସମ୍ପୃକ୍ତ କାର୍ଯ୍ୟକାରୀ ସଂସ୍ଥାକୁ ପ୍ରଦାନ କରାଯାଇଛି ଏବଂ କେତେ ଅର୍ଥ ଅବ୍ୟବହୃତ ରହିଛି ?

ଅନୁମୋଦିତ K2,F2, ଓ P1 ପ୍ରକଳ୍ପ ସଂଖ୍ୟା।

2309 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ୦୧.୦୧.୨୦୨୪ ଠାରୁ ଏଯାବତ୍ ଜଳସମ୍ପଦ ବିଭାଗ ଅଧୀନରେ କେନ୍ଦୁଝର ଜିଲ୍ଲାରେ କେତୋଟି K2,F2, ଓ P1 ପ୍ରକଳ୍ପ ଅନୁମୋଦନ ଓ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି ତାର ବର୍ଷୱାରୀ ଓ ବ୍ଲକୱାରୀ ଡ଼ିଭିଜନୱାରୀ ତାଲିକା ପ୍ରଦାନ କରିବେ କି ; ଉକ୍ତ ପ୍ରକଳ୍ପଗୁଡ଼ିକର କାର୍ଯ୍ୟର ନାମ, ସ୍ଥାନ, ଅନୁମୋଦିତ ବ୍ୟୟ ଅଟକଳ,ଚୁକ୍ତିମୂଲ୍ୟ, କାର୍ଯ୍ୟାଦେଶ ତାରିଖ, ଠିକାଦାର ବା କାର୍ଯ୍ୟକାରୀ ସଂସ୍ଥାର ନାମ ଏବଂ ପ୍ରଦାନ କରାଯାଇଥିବା ଅର୍ଥର ସବିଶେଷ ତଥ୍ୟ କଣ ; ଉକ୍ତ ପ୍ରକଳ୍ପଗୁଡ଼ିକ ମଧ୍ୟରୁ କେତୋଟି ସମ୍ପୂର୍ଣ୍ଣ, କେତୋଟି ନିର୍ମାଣାଧିନ ଓ କେତୋଟି ଅସମ୍ପୂର୍ଣ୍ଣ ରହିଛି; ପ୍ରକଳ୍ପୱାରୀ ବର୍ତ୍ତମାନର ସ୍ଥିତି ଓ ବ୍ୟୟର ତଥ୍ୟ ପ୍ରଦାନ କରିବେ କି; ଅସମ୍ପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର ବିଳମ୍ବର କାରଣ କଣ ଏବଂ ସେଗୁଡ଼ିକ କେବେ ସୁଦ୍ଧା ସମ୍ପୂର୍ଣ୍ଣ ହେବ; ବିଳମ୍ବ ପାଇଁ ଦାୟୀ ଠିକାଦାର ବା ଅଧିକାରୀଙ୍କ ବିରୋଧରେ କି ପ୍ରଦକ୍ଷେପ ନିଆଯାଇଛି ?

ବାଲିଘାଟ ଓ ପଥର ଖଣି ସଂଖ୍ୟା।

2310 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାରେ ବର୍ତ୍ତମାନ ମୋଟ କେତୋଟି ବାଲିଘାଟ ଓ ପଥର ଖଣି ରହିଛି ; ସେଥିମଧ୍ୟରୁ କେତୋଟି ଲିଜ୍‌ପ୍ରାପ୍ତ, କେତୋଟି କାର୍ଯ୍ୟକ୍ଷମ ଓ କେତୋଟି ଅକାର୍ଯ୍ୟକ୍ଷମ ରହିଛି ; ଉକ୍ତ ବାଲିଘାଟ ଓ ପଥର ଖଣିଗୁଡ଼ିକର ନାମ, ଅବସ୍ଥିତି, ଲିଜଧାରୀଙ୍କ ନାମ, ଲିଜ୍ ପ୍ରଦାନ ତାରିଖ, ଲିଜ୍ ଅବଧି ଓ ଲିଜ୍ ସମାପ୍ତି ତାରିଖ ସମ୍ବଳିତ ସମ୍ପୂର୍ଣ୍ଣ ତାଲିକା ପ୍ରଦାନ କରିବେ କି ; ପ୍ରତ୍ୟେକ ବାଲିଘାଟ ଓ ପଥର ଖଣିର ବାର୍ଷିକ ଅନୁମୋଦିତ ଉତ୍ତୋଳନ କ୍ଷମତା (Annual Permissible Production Capacity) କେତେ ; ଉକ୍ତ ଖଣି ଓ ବାଲିଘାଟଗୁଡ଼ିକୁ ପରିବେଶ ମଞ୍ଜୁରୀ (EC), ଖଣି ଯୋଜନା (Mining Plan) ଓ ଅନ୍ୟାନ୍ୟ ଆବଶ୍ୟକ ଅନୁମତି ପ୍ରଦାନ କରାଯାଇଛି କି ; ଯଦି ହଁ, ସେଗୁଡ଼ିକର ବୈଧତା ଅବଧି ସମ୍ପର୍କରେ ତଥ୍ୟ ଦେବେ କି ;ଲିଜଧାରୀମାନେ ଅନୁମୋଦିତ ବାର୍ଷିକ ଉତ୍ତୋଳନ ସୀମା ଅତିକ୍ରମ କରି ଖଣିଜ ଉତ୍ତୋଳନ କରିଥିବା ଘଟଣା ଚିହ୍ନଟ ହୋଇଛି କି ; ଯଦି ହଁ, ସମ୍ପୃକ୍ତ ଲିଜଧାରୀଙ୍କ ବିରୋଧରେ କି ପଦକ୍ଷେପ ନିଆଯାଇଛି ?

ବେଆଇନ ବାଲିଜବତର ତଥ୍ୟ

2311 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ** (ପାଟଣା):

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ୦୧.୦୪.୨୦୨୪ ଠାରୁ ଏଯାବତ୍ କେନ୍ଦୁଝର ଜିଲ୍ଲାର କେଉଁ କେଉଁ ନଦୀଘାଟ ଓ ସ୍ଥାନରୁ କେତେ ପରିମାଣର ବେଆଇନ ବାଲି ଜବତ କରାଯାଇଛି; ତହସିଲୱାରୀ ଓ ସ୍ଥାନୱାରୀ ତଥ୍ୟ ଦେବେ କି ; ଜବତ ବାଲି ମଧ୍ୟରୁ କେତେ ପରିମାଣର ବାଲି ନିଲାମ କରାଯାଇଛି ଏବଂ କେଉଁ ବ୍ୟକ୍ତି ବା ସଂସ୍ଥାକୁ କେତେ ଟଙ୍କାରେ ନିଲାମ ଦିଆଯାଇଛି; ନିଲାମ ହୋଇଥିବା ବାଲି ପରିବହନ ପାଇଁ କେତେ ଦିନର ସମୟସୀମା ଧାର୍ଯ୍ୟ କରାଯାଇଛି ଏବଂ ଏଯାବତ୍ କେତୋଟି ଟ୍ରାଞ୍ଜିଟ୍ ପାସ୍ (TP) ପ୍ରଦାନ କରାଯାଇଛି ; ଜବତ ବାଲି ନିଲାମ ଓ ପରିବହନ ସମୟରେ ଧାର୍ଯ୍ୟ ନିୟମ ଉଲଂଘନ କିମ୍ବା ବେଆଇନ ପରିବହନ ଚିହ୍ନଟ ହୋଇଛି କି ; ଯଦି ହଁ, କି ପ୍ରକାର କାର୍ଯ୍ୟାନୁଷ୍ଠାନ ନିଆଯାଇଛି; ଜବତ ବାଲି ସମ୍ପର୍କରେ କେଉଁ କେଉଁ ଥାନାରେ ଅଭିଯୋଗ/FIR ଦାଖଲ କରାଯାଇଛି ; ଜବତ ବାଲିର ଅବଶିଷ୍ଟ ପରିମାଣ କେତେ ରହିଛି ଏବଂ ତାହାର ସୁରକ୍ଷା, ରକ୍ଷଣାବେକ୍ଷଣ ଓ ଅବୈଧ ପରିବହନ ରୋକିବା ପାଇଁ ବିଭାଗ ପକ୍ଷରୁ କି ପଦକ୍ଷେପ ନିଆଯାଇଛି ?

ବାଲିଘାଟ ପାଇଁ ନିଲାମ

2312 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ** (ଆଠଗଡ):

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ୨୦୨୫ ବର୍ଷ ଜାନୁୟାରୀ ମାସ ଆରମ୍ଭରୁ ଅଦ୍ୟାବଧି କଟକ ଜିଲ୍ଲାର କେତୋଟି ବାଲିଘାଟ ନିଲାମ ପାଇଁ ବିଜ୍ଞପ୍ତି ହୋଇଛି ଏବଂ କେତୋଟି ଚୋରାରେ ଚାଲିଛି, ଚୋରା ଘାଟ ବନ୍ଦ ପାଇଁ କି କି ପଦକ୍ଷେପ ନେଇଛନ୍ତି ଏବଂ ଅଦ୍ୟାବଧି କେଉଁ ଘାଟରୁ କେତୋଟି କେଉଁ ପ୍ରକାରର ଯାନ ବାଲି ବହନ କରିନେଉଥିବା କିମ୍ବା ଘାଟ ମଧ୍ୟରେ ପ୍ରବେଶ କରିଥିବା ନେଇ ମାମଲା ରୁଜୁ ହୋଇ କେତେ ଅର୍ଥ ଆଦାୟ ହୋଇଛି ଏବଂ ସେହି ଅର୍ଥ କେଉଁ ବିଭାଗ ନିକଟରେ ପୈଠ ହୋଇଛି ଜଣାଇବେ କି ; (ଖ) କିଛି ବାଲିଘାଟ ନିଲାମ ନ ହୋଇ ଲିଜ୍ ଭାବେ ଦେବାପାଇଁ କିଛି ପଦକ୍ଷେପ ନେଇଛନ୍ତି କି ; ଯଦି ହଁ ହୁଏ ତେବେ, ସେଥିପାଇଁ ନିତୀନିୟମ କଣ ରହିଛି ଏବଂ କେଉଁମାନେ ଏହି ଲିଜ୍ ଦେବାପାଇଁ ଆବେଦନ କରିଛନ୍ତି ସମସ୍ତଙ୍କର ନାମସହ ସମ୍ପୂର୍ଣ୍ଣ ଠିକଣା ପ୍ରଦାନ କରିବେ କି ?

ବେଆଇନ ବାଲିଚୋରା ଚାଲାଣ

2313 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ** (ଆଠଗଡ):

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) 2024 ମସିହାରୁ ଅଦ୍ୟାବଧି ରାଜ୍ୟର ବିଭିନ୍ନ ସୀମାନ୍ତ ଅଞ୍ଚଳରୁ ପଡ଼ୋଶୀ ରାଜ୍ୟକୁ ବେଆଇନ ଭାବେ ବାଲି ଚୋରା ଚାଲାଣ ରୋକିବା ପାଇଁ ରାଜସ୍ୱ ଓ ପୋଲିସ ବିଭାଗ ମିଳିତ ଭାବେ କେଉଁ କଡ଼ା ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ ଚଢ଼ାଉ କରୁଥିବା ବିଭାଗୀୟ ଅଧିକାରୀଙ୍କ ନିରାପତ୍ତା ପାଇଁ କି ବ୍ୟବସ୍ଥା କରାଯାଇଛି ଜଣାଇବା ସହ ଅଦ୍ୟାବଧି କେତେ ଟ୍ରାକ୍ଟର, ହାଇୱା, ଜେସିବି ଧରାଯାଇ କେତେ ଫାଇନ ଓ ସେମାନଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଜଣାଇବେ କି ; (ଖ) ଏହି ବେଆଇନ ବାଲି ଚୋରାଚାଲାଣ ଓ ମାଫିଆ ନେଟୱାର୍କ ସହିତ ସ୍ଥାନୀୟ ପ୍ରଶାସନ ବା ରାଜସ୍ୱ ବିଭାଗର କୌଣସି କର୍ମଚାରୀ କିମ୍ବା ଅଧିକାରୀଙ୍କ ସଲାସୁତୁରା ବା ସମ୍ପୃକ୍ତି ରହିଥିବା ନେଇ କୌଣସି ତଦନ୍ତ କରାଯାଇଛି କି ; ଯଦି ହଁ, ତେବେ ସେମାନଙ୍କ ବିରୋଧରେ କି ଦୃଢ଼ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଜଣାଇବେ କି ; କଟକ ଜିଲ୍ଲାର କେଉଁମାନେ ଚୋରା ଚାଲାଣରେ ସମ୍ପୃକ୍ତ ନେଇ କେତୋଟି ମାମଲା କେଉଁ ମାନଙ୍କ ନାମରେ ବିଭାଗ ତରଫରୁ କେବେ ଏତେଲା ଦିଆଯାଇଛି ତାର ସମସ୍ତ ତଥ୍ୟ ଉପସ୍ଥାପନା କରିବେ କି ?

ଟେଣ୍ଡର ପ୍ରକ୍ରିୟାରେ ଦୁର୍ନିତୀ

2314 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶା କୋଲ ଏଣ୍ଡ ପାୱାର (ଓସିପିଏଲ) ଅଧୀନରେ ଥିବା ଟାଙ୍ଗରଡ଼ିହି ଉତ୍ତର କୋଇଲାଖଣିର 'ମାଇନ୍ ଡେଭଲପର୍ ଆଣ୍ଡ୍ ଅପରେଟର୍' (ଏମ୍‌ଡିଓ) ମନୋନୟନ ପାଇଁ ଟେଣ୍ଡର ପ୍ରକ୍ରିୟାରେ ବ୍ୟାପକ ଦୁର୍ନୀତି ହୋଇଥିବା ସତ୍ୟ କି; ଯଦି ହଁ ଏହା ଉପରେ ଏକ ସମ୍ପୂର୍ଣ୍ଣ ତଥ୍ୟ ଦାଖଲ ପାଇଁ ଶକ୍ତି ବିଭାଗ ଓସିପିଏଲକୁ ନିର୍ଦ୍ଦେଶ ଦେଇଛି କି; ଯଦି ନିର୍ଦ୍ଦେଶ ଦେଇଛି, ତେବେ ଓସିପିଏଲ ଅଭିଯୋଗ ଉପରେ କଣ ଉତ୍ତର ରଖିଛି ?

ମଞ୍ଜୁରୀପ୍ରାପ୍ତ ପ୍ରକଳ୍ପ ସମ୍ପର୍ଖରେ

2315 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) କଟକ ଜିଲ୍ଲା ଅନ୍ତର୍ଗତ ପ୍ରାଚୀ ଡିଭିଜନ ଅଧୀନରେ ଗତ ତିନି ବର୍ଷ ମଧ୍ୟରେ ନଦୀବନ୍ଧ ସୁଦୃଢ଼ୀକରଣ, କେନାଲ ପୁନରୁଦ୍ଧାର ଓ ବନ୍ୟା ନିୟନ୍ତ୍ରଣ ପାଇଁ କେଉଁ କେଉଁ ପ୍ରକଳ୍ପ ମଞ୍ଜୁର ହୋଇଥିଲା ଏବଂ ସେଥିପାଇଁ କେତେ ଅର୍ଥ ବ୍ୟୟବରାଦ କରାଯାଇଥିଲା; (ଖ) ଉକ୍ତ ପ୍ରକଳ୍ପଗୁଡ଼ିକ ମଧ୍ୟରୁ କେତୋଟି କାର୍ଯ୍ୟ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଶେଷ ହୋଇପାରି ନାହିଁ ଏବଂ ନିର୍ମାଣ କାର୍ଯ୍ୟ ଅଧୁରା ରହିବା କିମ୍ବା ନିମ୍ନମାନର ହେବା ପଛରେ ମୁଖ୍ୟ କାରଣ କ'ଣ;ଗୋଡ଼ିସାହି ଠାରୁ ତଳ ମୁଣ୍ଡଳୀ ରାସ୍ତା ନିମ୍ନ ମାନର ହୋଇଥିବାରୁ ଏହି ରାସ୍ତା ମଝିରେ ଗାତ ହୋଇଥିବା ବିଭାଗ ପାଖରେ ଖବର ଅଛି କି; (ଖ) ଯଦି ଅଛି, ତେବେ କାର୍ଯ୍ୟରେ ଅବହେଳା ଓ ନିମ୍ନ ମାନର କରିଥିବା ଦାୟିତ୍ୱହୀନ ଠିକାଦାର ଓ ସମ୍ପୃକ୍ତ ଯନ୍ତ୍ରୀଙ୍କ ବିରୋଧରେ ସରକାର କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ଏବଂ ଏହି ବିଭାଗ ଅଧୀନରେ ଅସମ୍ପୂର୍ଣ କାର୍ଯ୍ୟଗୁଡ଼ିକୁ କେବେ ସୁଦ୍ଧା ସମ୍ପୂର୍ଣ୍ଣ କରାଯିବ ଜଣାଇବେ କି ?

Collection of Revenue on Mineral Rights

2316 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) How much revenue was Odisha expected to collect following the 2024 Supreme Court judgment on tax/cess on mineral rights and mineral-bearing land, including retrospective dues from 1 April 2005; (b) Following the MMDR amendment restricting such State levies, what is Odisha's estimated annual and cumulative revenue loss; Has the Centre given Odisha any written Assurance or State-specific calculation regarding the revenue Odisha will receive under the amended framework; If there is a revenue shortfall, what is the State Government's plan to compensate for the loss?

Relief Distribution

2317 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The houses, crops, livestock and public assets damaged in the October 2026 events, district-wise; (b) The assistance payable, sanctioned and actually paid; Applications rejected or pending, with reasons; and complaints of irregular relief distribution and their outcome ?

Number of Road death

2318 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

ପରିବହନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The road deaths in January-September 2024, 2025 and 2026, district-wise; (b) The black spots identified and those rectified; The black spots left untreated beyond their deadline; and the deaths at those spots after they were identified, with Balangir district shown separately?

DMF Audit objections

2319 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) Informations on the DMF audit objections in final reports for 2024-25 and 2025-26, district-wise; (b) The amounts

objected to, recovered and outstanding; The action taken on the irregularities reported by the CAG in 2026; and the officers against whom proceedings were started ?

Mineral leases in Bolangir

2320 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The mineral leases in Balangir district from 2023-24 to 2025-26, lessee-wise; (b) The royalty, dead rent and other dues assessed, collected and outstanding; The violations established in inspections; and the outstanding dues under court stay and those otherwise recoverable?

Embankment breaches

2321 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The embankment breaches since 12 June 2024, location-wise; (b) whether each location was inspected before the monsoon, and the defects then recorded; the repairs ordered but not completed before the breach; and the responsibility fixed and amounts recovered?

ଗଣମାଧ୍ୟମରେ ବିଶୃଙ୍ଖଳିତ ଆଚରଣ ବନ୍ଦ ପାଇଁ ପଦକ୍ଷେପ

2322 **ଶ୍ରୀ ବିଭୁତି ଭୂଷଣ ବଳବନ୍ତରାୟ (ଜଟଣୀ):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସାମାଜିକ ଗଣମାଧ୍ୟମର ପ୍ରସାର ହୋଇଥିବା ଓ ଏହା ଲୋକପ୍ରିୟ ହେଉଥିବା ପରିପ୍ରେକ୍ଷୀରେ କିଛି ବ୍ୟକ୍ତି ସାମାଜିକ ଗଣମାଧ୍ୟମରେ ଅଶ୍ଳୀଳ ଶବ୍ଦ ପ୍ରୟୋଗ ସହ ବିଭିନ୍ନ ଦଳର ମୁଖ୍ୟମନ୍ତ୍ରୀ, ବିରୋଧୀଦଳ ନେତା, ମନ୍ତ୍ରୀ, ବିଧାୟକ, ସାଂସଦ, ରାଜନେତାଙ୍କ ଚରିତ୍ର ସଂହାର କରି ଅତ୍ୟନ୍ତ ସ୍ୱର୍ଣ୍ଣକାତର ପ୍ରସଙ୍ଗ ଉଠାଇ ରାଜନେତାଙ୍କ ଚରିତ୍ର ସଂହାର କରି ସାଧାରଣରେ ସାମୟିକ ନିନ୍ଦିତ କରୁଥିବାରୁ ସାମାଜିକ ଗଣମାଧ୍ୟମର ଏହି ବିଶୃଙ୍ଖଳିତ ଆଚରଣ ବନ୍ଦ ସହିତ ଉପରୋକ୍ତ ପୋଷ୍ଟକୁ ଡ଼ିଲିଟ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

ଜଳସେଚନ ବ୍ୟବସ୍ଥା ସୁସଂହତ ପାଇଁ ପଦକ୍ଷେପ

2323 **ଶ୍ରୀ ବିଭୁତି ଭୂଷଣ ବଳବନ୍ତରାୟ (ଜଟଣୀ):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଖୋର୍ଦ୍ଧା ଜିଲ୍ଲାର କେଉଁ କେଉଁ ଜଳସେଚନ ପ୍ରକଳ୍ପ ଗୁଡ଼ିକ କେବେଠାରୁ ଅଚଳ ଅଛି, କେଉଁ ଗୁଡ଼ିକ ନିର୍ମାଣାଧୀନ ଅଛି ପ୍ରକାଶ କରି ଏହାକୁ କାର୍ଯ୍ୟକ୍ଷମ କରି ଜଳ ନିଷ୍କାସନ ବ୍ୟବସ୍ଥା ସୁସଂହତ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି; ଏବଂ (ଖ) ଖୋର୍ଦ୍ଧା ଜିଲ୍ଲାରେ ଚେକଡ୍ୟାମ ମାଧ୍ୟମରେ ଜଳ ଅଟକାଇ ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

ଡ଼ାଏରୀ କ୍ୟାଲେଣ୍ଡରର ବିକ୍ରୟ ବ୍ୟବସ୍ଥା

2324 **ଶ୍ରୀ ବିଭୁତି ଭୂଷଣ ବଳବନ୍ତରାୟ (ଜଟଣୀ):**

ବାଣିଜ୍ୟ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆସନ୍ତା ୨୦୨୭ ବର୍ଷର ସରାକରୀ ଡ଼ାଏରୀ, କ୍ୟାଲେଣ୍ଡର ଗୁଡ଼ିକ ଜିଲ୍ଲା ଓ ଉପଖଣ୍ଡସ୍ତରରେ ବିକ୍ରୟ ପାଇଁ ବ୍ୟବସ୍ଥା ପୂର୍ବକ ତାହାକୁ ସ୍ଥାନୀୟ ସୂଚନା କେନ୍ଦ୍ର ଓ ପାଠାଗାରରେ ଉପଲବ୍ଧ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ଏ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

DMF ପାଣ୍ଠିରୁ ବ୍ୟୟ

2325 **ଶ୍ରୀ ବିଭୁତି ଭୂଷଣ ବଳବନ୍ତରାୟ (ଜଟଣୀ):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- DMF ପାଣ୍ଠିରୁ ଖୋର୍ଦ୍ଧା ଜିଲ୍ଲାର କେଉଁ ନିର୍ବାଚନ ମଣ୍ଡଳୀର କେଉଁ ପ୍ରକଳ୍ପ ପାଇଁ କେତେ ଅର୍ଥ ବିଗତ ତିନି ବର୍ଷରେ ବ୍ୟୟ କରାଯାଇଛି ପ୍ରକାଶ କରିବେ କି ?

ସରକାରୀ ଗାଡ଼ିରେ ନାଲି ବତୀ ବ୍ୟବହାରକୁ ବାରଣ

2326 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

ପରିବହନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଓ ନିର୍ଦ୍ଧାରିତ ନିୟମ ଅନୁଯାୟୀ ସରକାରୀ ଗାଡ଼ିରେ ନାଲି ବତୀ ବ୍ୟବହାରକୁ ବାରଣ କରାଯାଇଥିବା ସତ୍ତ୍ୱେ, ରାଜ୍ୟରେ ବିଭିନ୍ନ ସରକାରୀ କର୍ମଚାରୀ ଗାଡ଼ିରେ ନାଲି ବତୀ ପରିବର୍ତ୍ତେ ହଳଦିଆ ବତୀ ବ୍ୟବହାର କରି ଚଳାଚଳ କରୁଥିବା ଘଟଣା ସରକାରଙ୍କ ଦୃଷ୍ଟିଗୋଚରକୁ ଆସିଛି କି; (କ) ରାଜ୍ୟରେ କେଉଁ ପଦାଧିକାରୀ/ ବ୍ୟକ୍ତିବିଶେଷଙ୍କ ଗାଡ଼ିରେ ହଳଦିଆ ବତୀ ବ୍ୟବହାର କରିବାକୁ ଆଇନଗତ ଅନୁମତି ରହିଛି, କେଉଁ ସମୟରେ; (ଖ) ଅନୁମତି ନଥିବା ବ୍ୟକ୍ତି ବା ପଦାଧିକାରୀଙ୍କ ଗାଡ଼ିରେ ହଳଦିଆ ବତୀ ବ୍ୟବହାର ହେଉଥିଲେ, ତାହା ବିରୋଧରେ ଗତ ୫ ବର୍ଷରେ କେତେଟି ମାମଲା/ଚାଲାଣ କରାଯାଇଛି ଏବଂ କେତେ ଜରିମାନା ଆଦାୟ ହୋଇଛି; ଏବଂ ନାଲି ବତୀ ଉପରେ ଥିବା ନିଷେଧକୁ ଏଡ଼ାଇବା ପାଇଁ ହଳଦିଆ ବତୀ ବ୍ୟବହାର କରାଯାଉଛି କି ନାହିଁ, ଏହା ଯାଞ୍ଚ କରିବା ପାଇଁ ସରକାର କୌଣସି ବିଶେଷ ଅଭିଯାନ କରିଛନ୍ତି କି; ଯେଉଁ ପଦାଧିକାରୀଙ୍କ ଗାଡ଼ିରେ ଅନୁମତି ବିନା ଏପରି ବତୀ ବ୍ୟବହାର ହେଉଛି, ସେମାନଙ୍କ ବିରୋଧରେ ସମାନ ଭାବରେ ଆଇନ ପ୍ରୟୋଗ କରାଯାଉଛି କି?

ନଦୀ ସୁରକ୍ଷା ଓ ପୁନରୁଦ୍ଧାର କାର୍ଯ୍ୟ

2327 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଜାନୁଆରୀ ୨୦୨୩ ଠାରୁ ଏପର୍ଯ୍ୟନ୍ତ ରାୟଗଡ଼ା ଜିଲ୍ଲାର ନାଗାବଳୀ ଓ ବଂଶଧାରା ନଦୀରେ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କେଉଁ କେଉଁ ଉନ୍ନୟନ, ନଦୀ ସୁରକ୍ଷା ଓ ପୁନରୁଦ୍ଧାର କାର୍ଯ୍ୟ କରାଯାଇଛି, କାର୍ଯ୍ୟ ନାମ, ବର୍ଷୱାରୀ ତଥ୍ୟ, ବ୍ୟୟ ଅଟକଳ ଓ କାର୍ଯ୍ୟର ସ୍ଥିତି କ'ଣ; (ଖ) ଉକ୍ତ ସମୟ ମଧ୍ୟରେ ଜନଶୁଣାଣି, ଜିଲ୍ଲା ପରିଷଦ ଓ ଦିଶା ବୈଠକରେ ଏହି କାର୍ଯ୍ୟାଳୟର କେଉଁ କେଉଁ ଅଧିକାରୀ କେଉଁ ତାରିଖରେ ଉପସ୍ଥିତ ଥିଲେ; ଉକ୍ତ ବୈଠକଗୁଡ଼ିକରେ ନଦୀ ସମ୍ପର୍କିତ କେଉଁ କେଉଁ ସମସ୍ୟା, ଅଭିଯୋଗ ଓ ପ୍ରସ୍ତାବ ଉପସ୍ଥାପିତ ହୋଇଥିଲା ଏବଂ ସେଗୁଡ଼ିକର ସମାଧାନ ପାଇଁ କ'ଣ ପଦକ୍ଷେପ ନିଆଯାଇଛି ?

ଜଳର ବିନିଯୋଗ ପାଇଁ କାର୍ଯ୍ୟ ଯୋଜନା

2328 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାୟଗଡ଼ ଜିଲ୍ଲାରେ ପ୍ରବାହିତ ବଂଶଧାରା ଓ ନାଗାବଳୀ ନଦୀର ଉପଲବ୍ଧ ଜଳର କେତେ ପ୍ରତିଶତ ଜଳସେଚନରେ ବ୍ୟବହୃତ ହେଉଛି ଏବଂ ଅବଶିଷ୍ଟ ଜଳର ବିନିଯୋଗ ପାଇଁ ସରକାରଙ୍କ କାର୍ଯ୍ୟଯୋଜନା କ'ଣ; (ଖ) ରାଜ୍ୟରେ କେତେ ଜଳସେଚନ ପ୍ରକଳ୍ପ ଅସମ୍ପୂର୍ଣ୍ଣ କିମ୍ବା DPR ହୋଇ ରହିଛି ଏବଂ ସେଗୁଡ଼ିକର ସମ୍ପୂର୍ଣ୍ଣ ପାଇଁ ଧାର୍ଯ୍ୟ ସମୟସୀମା କେତେ, ଗତ ପାଞ୍ଚ ବର୍ଷରେ ମୁଖ୍ୟ ଯନ୍ତ୍ରୀଙ୍କ ସମୀକ୍ଷା ତଥ୍ୟ କ'ଣ, ଜଳସେଚନ ପ୍ରକଳ୍ପର ଲକ୍ଷ୍ୟଧାର୍ଯ୍ୟ ଜମି ଓ ବାସ୍ତବରେ ଜଳସେଚିତ ଜମି ମଧ୍ୟରେ କେତେ ପାର୍ଥକ୍ୟ ରହିଛି; ରାଜ୍ୟରେ କେତେ କେନାଲ ଓ ଶାଖା କେନାଲ ମରାମତି ଆବଶ୍ୟକ କରୁଛି ଏବଂ ଗତ ପାଞ୍ଚ ବର୍ଷରେ ଏଥିପାଇଁ କେତେ ଅର୍ଥ ବ୍ୟୟ ହୋଇଛି ?

ତାଳଗଛ ରୋପଣ ପାଇଁ ଯୋଜନା ପ୍ରଣୟନ

2329 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ବଜ୍ରପାତର ପ୍ରଭାବ ଓ ମୃତ୍ୟୁହାର ହ୍ରାସ ନିମନ୍ତେ ତାଳଗଛ ରୋପଣ ଦିଗରେ ସରକାର କୌଣସି ସ୍ୱତନ୍ତ୍ର ଯୋଜନା ପ୍ରଣୟନ କରିଛନ୍ତି କି; (ଖ) ଯଦି ହଁ, ତେବେ କେଉଁ ବର୍ଷରେ ରାଜ୍ୟରେ ମୋଟ କେତେ ତାଳଗଛ ରୋପଣ କରାଯାଇଛି ଏବଂ ସେଥିମଧ୍ୟରୁ ରାୟଗଡ଼ ଜିଲ୍ଲାରେ ବର୍ଷୱାରୀ କେତେ ଗଛ ରୋପଣ ହୋଇଛି; ଏହି ଯୋଜନାରେ ବର୍ଷୱାରୀ ରାଜ୍ୟ ରାଜକୋଷରୁ କେତେ ଅର୍ଥ ମଞ୍ଜୁର ଓ ବ୍ୟୟ କରାଯାଇଛି ଜିଲ୍ଲାୱାରୀ ଅବଗତ କରାଇବେ କି; ରୋପଣ କରାଯାଇଥିବା ତାଳଗଛଗୁଡ଼ିକର ବଞ୍ଚିବା ହାର ବର୍ତ୍ତମାନର ସ୍ଥିତି ଓ ଯୋଜନାର ସଫଳତା ସମ୍ପର୍କରେ ସରକାର କୌଣସି ସମୀକ୍ଷା କରିଛନ୍ତି କି ?

କାର୍ଯ୍ୟରତ ଅଧିକାରୀଙ୍କ ସଂଖ୍ୟା

2330 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାୟଗଡ଼ା ଜିଲ୍ଲା କ୍ଷୁଦ୍ର ଜଳସେଚନ ଡିଭିଜନରେ ମୋଟ କେତେ ଅଧିକାରୀ ଓ କର୍ମଚାରୀ ଆବଶ୍ୟକ ଥିବାବେଳେ ବର୍ତ୍ତମାନ କେତେ ଜଣ କାର୍ଯ୍ୟରତ ଅଛନ୍ତି; (ଖ) ଏହି ଡିଭିଜନରେ କେତେ ଜଣ ଯନ୍ତ୍ରୀ ଆବଶ୍ୟକ ଓ କେତେ ଜଣ କାର୍ଯ୍ୟରତ ଅଛନ୍ତି, ଉପଖଣ୍ଡୱାରୀ ଯନ୍ତ୍ରୀଙ୍କ ନିଯୁକ୍ତି ସ୍ଥିତି ଏବଂ ଖାଲି ପଦବୀର ତଥ୍ୟ କ'ଣ ; କେଉଁ କେଉଁ ଉପଖଣ୍ଡରେ କେତେ ଦିନ ଧରି ଯନ୍ତ୍ରୀ ପଦବୀ ଖାଲି ରହିଛି ଏବଂ ଅନ୍ୟ ଯନ୍ତ୍ରୀଙ୍କୁ କେଉଁ ତାରିଖଠାରୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି, ଜିଲ୍ଲାରେ କାର୍ଯ୍ୟରତ ପ୍ରତ୍ୟେକ ଯନ୍ତ୍ରୀ କେବେଠାରୁ କାର୍ଯ୍ୟରତ ଅଛନ୍ତି ଓ କେଉଁ କେଉଁ ଅଞ୍ଚଳର ଦାୟିତ୍ୱରେ ଅଛନ୍ତି; ଗତ ଦୁଇ ବର୍ଷ ମଧ୍ୟରେ ଜିଲ୍ଲାକୁ ବଦଳି ହୋଇ ଆସିବାର ୬ ମାସ ରୁ ଏକ ବର୍ଷ ମଧ୍ୟରେ ମୁଖ୍ୟଯନ୍ତ୍ରୀଙ୍କ ଦ୍ୱାରା କେତେ ଜଣ ଯନ୍ତ୍ରୀଙ୍କ ବଦଳି କରାଯାଇଛି ଏବଂ ଏହାର କାରଣ କ'ଣ?

Status of the proposed water-sharing agreement with Chhattisgarh

2331 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The present status of the proposed water-sharing agreement with Chhattisgarh, including the key outstanding technical and administrative issues preventing its finalisation; (b) the proposed quantity of Mahanadi water allocated to Odisha and Chhattisgarh respectively under the CWC's draft formula, along with the minimum non-monsoon flow proposed for Odisha; and whether the Government proposes to make the CWC's complete technical report, hydrological data and proposed allocation formula public before signing the agreement?

Expenditure incurred on the underground pipeline irrigation system

2332 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The total expenditure incurred on the underground pipeline irrigation system under the Sandul Barrage Project as of date; (b) the present physical progress of the work, including the amount and percentage of work completed; and the stipulated timeline for completion and commissioning of the underground pipeline irrigation system?

Status of damage assessment

2333 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The present status of district-wise damage assessment and identification of eligible beneficiaries across all affected districts, along with the number of beneficiaries identified under each category so far; (b) The district-wise amount sanctioned and actually disbursed under the announced relief package, along with the number of beneficiaries who have received assistance so far; and The number of eligible beneficiaries awaiting assistance and the timeline prescribed for completing the damage assessment and disbursement of pending relief?

Number of mine operators caught for fraudulent declarations

2334 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) How many mine operators have been caught in Odisha declaring high-grade areas low-grade to deliberately pocket illegal profits; (b) the details district-wise data on such mine owners and approximate losses in rupees due to such fraudulent declarations?

Demand for pension scheme

2335 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Whether a final decision has been taken by the Govt. on the proposal for dedicated pension scheme for retired journalists, the reasons for any delay, and the present status of the scheme, including its proposed pension amount, eligibility criteria and budgetary provision for 2026-27?

Private encroachment and diversion of minor irrigation canals

2336 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Whether the Government is aware of private encroachments, unauthorised occupation, obstruction and diversion of minor irrigation canals across all blocks of Rayagada District, for the benefit of private individuals, commercial establishments and industrial entities; if so, the block, project and location-wise details of such identified during the last 10 FY, indicating the extent of encroachment, nature of diversion, persons/entities involved and permissions granted, if any, no of complaints

received, inspections conducted, violations detected, notices issued, encroachments removed, penalties imposed during the said period?

Number of inspections in Rayagada

2337 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Block & year wise number of inspections, enforcement raids and joint verification drives conducted by Revenue authorities in Rayagada district during the last 7 FY concerning illegal excavation, sand, stone extraction, quarrying mineral transportation; fertilizers hoardings, number of cases instituted, notices and challans issued, vehicles and machinery seized, FIRS lodged and cases disposed of by Revenue authorities, including joint enforcement operations; total amount of revenue, penalties, fines, compensation and other dues assessed, collected and remaining outstanding, year-wise and Tahasil-wise?

Number of certificate cases under the OPDR ACT

2338 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Tahasil-wise and year-wise No. of certificate cases instituted under the OPDR Act in Rayagada district during the last 10FY, including case-wise details indicating Certificate Case No. year of institution, name of certificate debtor/defaulter, name of certificate-holder authority, nature of public demand, amount involved and present status of each case; total amount of Govt dues assessed, recovered and remaining outstanding, along with case wise details of attachment, auction and other recovery proceedings initiated; no. of cases pending for year wise, reasons for prolonged pendency and steps taken to expedite recovery and disposal, cases disposed of and remaining pending

---

Number of enforcement inspection

2339 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

ପରିବହନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- The year, vehicle no & name wise, no of used commercial passenger buses previously registered in other States and subsequently transferred or re-registered under RTO Rayagada during the

last 5FY, no of enforcement inspections, physical verifications and document scrutinies conducted in respect of such buses, along with e-challans issued, vehicles intercepted, detained or seized, and cases registered for tax evasion, fitness violations, permit irregularities, overloading, permits, insurance, unauthorised operations and suspected registration or ownership discrepancies; The total fines, penalties, MV taxes and other dues assessed, recovered and remaining outstanding, along with the number of permits, registration certificates and driving licences suspended or cancelled in connection with such cases?

Status of the drainage channels

2340 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The status of the drainage channels, nallas and outfalls in Satyabadi, Puri Sadar and Kanas that carry water into Chilka and the sea. This should include the length desilted, encroachments removed and the cost of each work in the last 2.5 years compared with 2019-2024; (b) The number of days crops stayed submerged in Satyabadi in the last three monsoons and the crop loss and compensation recorded; whether the old drainage master plan was implemented in the previous government's tenure and if not, Why whether the Government plans a comprehensive Drainage Improvement Scheme with sluice gates, pump houses and tidal regulators for the Puri delta and the budget and timeline for it ?

Year wise GSDP, real growth rate

2341 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) Year-wise GSDP, real growth rate, per capita income and sectoral shares from 2019-20 to 2025-26, compared with the national average; (b) The contribution of the 2024-26 period to the Rs. 9.9 lakh crore GSDP and the 7.9% real growth cited for 2025-26; the roadmap and sectoral milestones for a USD 500 billion economy by 2036; the number of jobs created or targeted, including the one-crore jobs goal; The districts with per capita income below the state average and the plan to narrow the gap, specifically for Puri ?

Media wise and publication wise Empanelment's payments

2342 ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The year-wise, media-wise and publication-wise empanelment and payments in 2019-20 to 2023-24, compared with 2024-25 and 2025-26(b) how many advertisements in 2019-24 carried photographs of the then CM and the 5T Chairman and whether this complied with the guidelines on government advertising; whether the CAG found avoidable expenditure or breaches of the "balanced" distribution rule in the Advertisement Policy (an I & PR, linked audit document does flag avoidable expenditure of Rs.5.76 crore; what reforms the present Government has introduced, such as a revised policy, rate rationalisation, and priority for small and district-level papers and what savings resulted and whether the Government will place a white paper ?

Extractions Minerals of OMC

2343 ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The reason of OMC extracted minerals beyond permitted limits or without clearances, leading to penalties of Rs. 3,761.88 crore between 2017 and 2022, (b) Who paid these penalties and what was the impact on OMC's profitability, the officers held responsible and the disciplinary action taken, the audit's findings on planning, production and avoidable expenditure and the roadmap for OMC's governance reform and mine-wise compliance dashboard ?

MoUs and letters received at Utkarsh

2344 ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):

ବାଣିଜ୍ୟ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The commitments, MoUs and letters of intent received at Utkarsh Odisha 2025 that involve export- oriented and trade-linked units and how many have moved to grounding, (b) the role of the Export Promotion & Marketing Directorate in handling investors and exporters after the conclave, the number of buyer-seller meets, international roadshows and trade fairs the Department organised or supported in 2024-26 and how this compares with earlier Governments' summits, where the share of commitments that became a red projects was low ?

ଜିଲ୍ଲା ସ୍ତରୀୟ ଭବନ ନିର୍ମାଣ

2345 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ** (ଦେବଗଡ଼):

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜଧାନୀରେ ସମସ୍ତ ଜିଲ୍ଲା ପାଇଁ ପ୍ରସ୍ତାବିତ ଜିଲ୍ଲା ସ୍ତରୀୟ ଭବନ ନିର୍ମାଣ କରିବା ପାଇଁ ସରକାର ନିଷ୍ପତ୍ତି ନେବା କଥା ସତ୍ୟ କି, ଯଦି ହଁ ତେବେ କେବେ ସୁଦ୍ଧା ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ?

ଜଗନ୍ନାଥ ଏକ୍ସପ୍ରେସର ଲାଭ ବା କ୍ଷତିର ବିବରଣୀ

2346 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ** (ଦେବଗଡ଼):

ପରିବହନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଦେବଗଡ ଠାରୁ ପୁରୀ ଅଭିମୁଖେ ଯାଉଥିବା ଜଗନ୍ନାଥ ଏକ୍ସପ୍ରେସ ବସ୍ ଦ୍ୱାରା ଗତ ଏକ ବର୍ଷ ମଧ୍ୟରେ କେଉଁ ମାସରେ ବିଭାଗ କେତେ ଟଙ୍କା ଲାଭ କିମ୍ବା କ୍ଷତି କରିଅଛି ?

ଭୂମିହୀନ ପରିବାରଙ୍କ ସଂଖ୍ୟା

2347 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ** (ଦେବଗଡ଼):

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଅଦ୍ୟାବଧି କେଉଁ ଜିଲ୍ଲାର ଗ୍ରାମ୍ୟ ଓ ସହର ସହରାଞ୍ଚଳରେ ସମୁଦାୟ କେତେଜଣ ଭୂମିହୀନ ପରିବାର ଅଛନ୍ତି ; ତନ୍ମଧ୍ୟରୁ କେତେଜଣଙ୍କ ଆବେଦନ ପତ୍ର ବିଭିନ୍ନ ରାଜସ୍ୱ ଦପ୍ତରରେ ବହୁଦିନ ଧରି ବିଚାରଧିନ ଅଛି ; କେବେ ସୁଦ୍ଧା ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଆବଶ୍ୟକୀୟ ଜମି ଯୋଗାଇ ଦିଆଯିବ?

ବେନିୟମ ଭାବେ ପଥର ଉତ୍ତୋଳନ

2348 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ** (ଦେବଗଡ଼):

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଦେବଗଡ଼ ଜିଲ୍ଲା ବାରକୋଟ ତହସିଲ ଅନ୍ତର୍ଗତ ରମ୍ଭେଇ ଗ୍ରାମ ପଂଚାୟତର ମହାଜନମୁଣ୍ଡାଠାରେ ଥିବା କ୍ରସରକୁ ଆଖ ପାଖରେ ଥିବା ଜଙ୍ଗଲରୁ ବ୍ଲାଷ୍ଟିଙ୍ଗ କରି ପ୍ରତ୍ୟହ ଶହ ଶହ ଟ୍ରିପ ପଥର ବେନିୟମ ଭାବେ ଉତ୍ତୋଳନ କରାଯାଇ ଅଣାଯାଉଥିବା କଥା ସତ୍ୟ କି, ଯଦି ନାଁ ତାର ଉପଯୁକ୍ତ ପ୍ରମାଣ ସତ୍ୟ ସହ ପ୍ରଦାନ କରିବେ କି, ଯଦି ହଁ ତେବେ ଦୀର୍ଘ ଦୁଇ ବର୍ଷ ମଧ୍ୟରେ ବିଭାଗ ତରଫରୁ କଣ କଣ ପଦକ୍ଷେପ ଗ୍ରହଣ କରାଯାଇଛି ?

ଶିଳ୍ପ ଓ ବାଣିଜ୍ୟିକ ପ୍ରତିଷ୍ଠାନକୁ ଜଳ ଯୋଗାଣ

2349 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ** (ଧର୍ମଗଡ଼):

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ କେଉଁ ଶିଳ୍ପ ଓ ବାଣିଜ୍ୟିକ ପ୍ରତିଷ୍ଠାନକୁ କଳାହାଣ୍ଡି ଜିଲ୍ଲାର କେଉଁ କେଉଁ ନଦୀ ଓ ବନ୍ଧରୁ ବାର୍ଷିକ କେତେ ପରିମାଣରେ ଜଳ ଯୋଗାଣ ହେଉଛି ଏହାର ଶିଳ୍ପ ୱାରୀ ତଥ୍ୟ ଦେବେ କି; ଏହି ବାବଦରେ ରାଜ୍ୟ ସରକାର ରାଜସ୍ୱ ଆକାରରେ ଗତ ପାଞ୍ଚ ବର୍ଷରେ କେତେ ଅର୍ଥ ପାଇଛନ୍ତି ଜଣାଇବେ କି; ବିନା ଅନୁମତିରେ ଶିଳ୍ପ ଓ ବାଣିଜ୍ୟିକ ପ୍ରତିଷ୍ଠାନ ପାଇଁ ଜଳ ଚୋରୀ କରୁଥିବା ସଂସ୍ଥା ଉପରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ?

ବିମାନ ବନ୍ଦରର ସଂପ୍ରସାରଣ କାର୍ଯ୍ୟ

2350 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ** (ଧର୍ମଗଡ଼):

ପରିବହନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଉତକେଲା ବିମାନ ବନ୍ଦରର ସଂପ୍ରସାରଣ କାର୍ଯ୍ୟ କେବେ ଆରମ୍ଭ ହେବ, ଏଠାରୁ ନିୟମିତ ଅଧିକ ସିଟ୍ ବିଶିଷ୍ଟ ବିମାନ ଚଳାଚଳ କେବେ ଠାରୁ ଆରମ୍ଭ ହେବ, ନିୟମିତ ବିମାନ ଚଳାଚଳ ଏବଂ ବିମାନ ବନ୍ଦର ସଂପ୍ରସାରଣ ପାଇଁ ସରକାରଙ୍କ ପକ୍ଷରୁ କଣ ସବୁ ପଦକ୍ଷେପ ନିଆଯାଇଛି ?

ବକ୍ସାଇଟ ବ୍ଲକର ମାନ

2351 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ** (ଧର୍ମଗଡ଼):

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଳାହାଣ୍ଡି ଜିଲ୍ଲାର କେଉଁ କେଉଁ ସ୍ଥାନରେ ବକ୍ସାଇଟ ବ୍ଲକ ରହିଛି ଓ ଏହା କେଉଁ ମାନର, ଏହା କେତେ ମାତ୍ରାରେ ଗଚ୍ଛିତ ଅଛି ଓ ଏହା କେତେ ମାତ୍ରାରେ ଉତ୍ତୋଳନ ହୋଇ ପାରିବ, ବକ୍ସାଇଟ ଉତ୍ତୋଳନ ପାଇଁ ଗତ ତିନି ବର୍ଷରେ କେଉଁ ବ୍ୟକ୍ତି ବିଶେଷ ଓ ସଂସ୍ଥା।କୁ ଲିଜ୍ ଆବେଦନ କରିଛନ୍ତି ଓ କାହାକୁ ଦିଆଯାଇଛି, କେଉଁମାନେ ଉତ୍ତୋଳନ କରୁଛନ୍ତି ଏହାର ସମ୍ପୂର୍ଣ୍ଣ ତଥ୍ୟ ଦେବେ କି, ଏ ବାବଦରେ କେତେ ରାଜସ୍ୱ ପାଇଛନ୍ତି ?

ଖଣିରୁ ପାଉଥିବା ରାଜସ୍ୱର ପରିମାଣ

2352 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ** (ଧର୍ମଗଡ଼):

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସରକାର କଳାହାଣ୍ଡି ଜିଲ୍ଲାରେ କେଉଁ କେଉଁ ସବୁ ଖଣିରୁ କେତେ ରାଜସ୍ୱ, ସେସ୍ ଓ ରୟାଲଟି ବାବଦକୁ ପାଉଛନ୍ତି ତାହାର ବିଗତ ତିନି ବର୍ଷର ବ୍ଲକ ୱାରୀ ତଥ୍ୟ ଦେବେ କି, ବିଗତ ତିନି ବର୍ଷରେ ଜିଲ୍ଲାର ଖଣିଜ ପଦାର୍ଥ ପାଣ୍ଠିକୁ କେଉଁ ସୂତ୍ରରୁ କେତେ ଅର୍ଥ ଆସିଛି ଓ ଜିଲ୍ଲାରେ ସାମାଜିକ ଉନୟନ ବାବଦରେ କେଉଁ କେଉଁ ପ୍ରକଳ୍ପରେ କେତେ ଖର୍ଚ୍ଚ ହୋଇଛି ?

ବିନିଯୋଗ ଅର୍ଥର ପରିମାଣ

2353 **ଶ୍ରୀମତୀ ସୁବାସିନୀ ଜେନା** (ବସ୍ତା):

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଗତ ତିନି ଆର୍ଥିକ ବର୍ଷରେ ବାଲେଶ୍ୱର ଜିଲ୍ଲାର District Mineral Foundation (DMF) ପାଣ୍ଠିରୁ ବର୍ଷୱାରୀ କେତେ ଅର୍ଥ ଆଦାୟ ହୋଇଛି, କେତେ ଅର୍ଥ ବିନିଯୋଗ ହୋଇଛି ଏବଂ ଏପର୍ଯ୍ୟନ୍ତ କେତେ ଅର୍ଥ ବିନିଯୋଗ ହୋଇପାରିନାହିଁ ତାହା ଜଣାଇବେ କି, (ଖ) ଉକ୍ତ ପାଣ୍ଠିରୁ ବସ୍ତା ଓ ବାଲିଆପାଳ ବ୍ଲକ୍‌ରେ କେତୋଟି ଉନ୍ନୟନମୂଳକ ପ୍ରକଳ୍ପ ମଞ୍ଜୁର ହୋଇଛି ଏବଂ ସେଥିମଧ୍ୟରୁ କେତୋଟି ସମ୍ପୁର୍ଣ୍ଣ, କେତୋଟି ନିର୍ମାଣାଧୀନ ଓ କେତୋଟିର କାମ ଆରମ୍ଭ ହେବା ଅବସ୍ଥାରେ ରହିଛି ?

ଚୟନ କରାଯାଉଥିବା ଘରୋଇ ଏଜେନ୍ସି ସମ୍ପର୍କରେ

2354 ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଗତ ତିନି ଆର୍ଥିକ ବର୍ଷରେ ସରକାରୀ ବିଜ୍ଞାପନ, ଭିଡିଓ/ଡକ୍ୟୁମେଣ୍ଟାରୀ ନିର୍ମାଣ, ଇଭେଣ୍ଟ ମ୍ୟାନେଜମେଣ୍ଟ ଏବଂ ସୋସିଆଲ୍ ମିଡ଼ିଆ (Facebook, YouTube, Instagram, X ଇତ୍ୟାଦି) ପ୍ରଚାର ନିମନ୍ତେ କେଉଁ କେଉଁ ଘରୋଇ ଏଜେନ୍ସିକୁ ଚୟନ କରାଯାଇଛି, (ଖ) ସରକାରୀ ଡିଜିଟାଲ୍ ବିଜ୍ଞାପନ ଓ ପ୍ରଚାର କ୍ଷେତ୍ରରେ ଦାବି କରାଯାଉଥିବା Views, Reach, Engagement ଏବଂ ବାସ୍ତବ ହିତାଧିକାରୀଙ୍କ ପାଖରେ ପହଞ୍ଚିବା (Beneficiary Outreach) ର ସତ୍ୟାସତ୍ୟ ଯାଞ୍ଚ କରିବା ପାଇଁ କୌଣସି ସ୍ୱାଧୀନ ଅଡ଼ିଟ ବା ତୃତୀୟ ପକ୍ଷ ଯାଞ୍ଚ (Third-Party Verification) ବ୍ୟବସ୍ଥା ରହିଛି କି; ଯଦି ହଁ, ତେବେ ଉକ୍ତ ଯାଞ୍ଚ ରିପୋର୍ଟର ତଥ୍ୟ ପ୍ରଦାନ କରିବେ କି ?

ଅନୁମୋଦନ କରାଯାଇଥିବା ଆବେଦନର ସଂଖ୍ୟା

2355 ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଓଡ଼ିଶା ଭୂ-ସଂସ୍କାର ଆଇନ ଅନୁଯାୟୀ ୨୦୨୪ ମସିହାଠାରୁ ଅଦ୍ୟାବଧି ରାଜ୍ୟରେ କୃଷି ଜମିକୁ ଘରବାରି ଓ ଅନ୍ୟାନ୍ୟ ଅଣ-କୃଷି ଜମିରେ ପରିବର୍ତ୍ତନ ପାଇଁ ତହସିଲୱାରୀ କେତୋଟି ଆବେଦନ ଗ୍ରହଣ ଓ ଅନୁମୋଦନ କରାଯାଇଛି ଏବଂ ଏଥିରେ କେତେ ଏକର ଜମିର କିସମ ପରିବର୍ତ୍ତନ ହୋଇଛି; ଏଥିସହିତ ଜଳସେଚିତ ଜମି, ଜଳାଶୟ ଓ ଜଳନିଷ୍କାସନ ପଥକୁ ବେଆଇନ ଭାବେ ପୋତି ନିର୍ମାଣ କାର୍ଯ୍ୟ କରିବା ଘଟଣାରେ କେତୋଟି ମାମଲା ରୁଜୁ ହୋଇଛି ଏବଂ ଦୋଷୀଙ୍କ ବିରୋଧରେ କି ପଦକ୍ଷେପ ନିଆଯାଇଛି, (ଖ) କୃଷି ଜମିର ଅନିୟନ୍ତ୍ରିତ କିସମ ପରିବର୍ତ୍ତନ, ଜଳାଶୟ ପୋତିବା ଓ ପ୍ରାକୃତିକ ଜଳନିଷ୍କାସନ ପଥ ଅବରୋଧ ଯୋଗୁଁ ସହରାଞ୍ଚଳରେ କୃତ୍ରିମ ବନ୍ୟା ଓ ଜଳବନ୍ଦୀ ସମସ୍ୟା ବୃଦ୍ଧି ପାଉଥିବା ସରକାର ଅବଗତ ଅଛନ୍ତି କି; ଯଦି ହଁ, ଏହାର ନିରାକରଣ ସହିତ ଉର୍ବର କୃଷିଜମି, ଜଳାଶୟ ଓ ପ୍ରାକୃତିକ ଜଳନିଷ୍କାସନ ବ୍ୟବସ୍ଥାର ସୁରକ୍ଷା ପାଇଁ କି ପଦକ୍ଷେପ ଗ୍ରହଣ କରିଛନ୍ତି ?

ପଟ୍ଟାର ଏଣ୍ଡ୍ରି କାର୍ଯ୍ୟ

2356 ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ବିଭିନ୍ନ ସରକାରୀ ପ୍ରକଳ୍ପ ଓ ଜମିଜମା ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଅଧିନରେ କେତେ ସଂଖ୍ୟକ ଜମି ପଟ୍ଟାର ଏଣ୍ଟ୍ରି (Patta Entry) କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଏବଂ ରାଜ୍ୟର ସମସ୍ତ ତହସିଲ୍‌ରେ ନାମଜାରୀ (Mutation) ଓ ବନ୍ଦୋବସ୍ତ (Settlement) ମାମଲାରେ ପ୍ରଦାନ କରାଯାଇଥିବା ପଟ୍ଟାଗୁଡ଼ିକର ତଥ୍ୟ ଭୂଲେଖ (Bhulekh) ପୋର୍ଟାଲ୍‌ରେ ସମ୍ପୂର୍ଣ୍ଣ ଭାବେ ଉପଲବ୍ଧ ଅଛି କି; ଯଦି ନୁହେଁ, ତେବେ ତହସିଲ୍‌ୱାରୀ କେତେ ସଂଖ୍ୟକ ପଟ୍ଟା ଏଣ୍ଟ୍ରି ବକେୟା (Backlog) ରହିଛି ଏବଂ ଏହି ବକେୟା କାର୍ଯ୍ୟ କେବେ ସୁଦ୍ଧା ସମ୍ପୂର୍ଣ୍ଣ କରାଯିବାର ଲକ୍ଷ୍ୟ ରହିଛି, (ଖ) ବକେୟା ପଟ୍ଟା ଏଣ୍ଟ୍ରି ଓ ଭୂଲେଖ ପୋର୍ଟାଲ୍‌ରେ ତଥ୍ୟ ଅପଡେଟ୍ ହୋଇନଥିବା କାରଣରୁ ଜମି ପଞ୍ଜୀକରଣ (Land Registration) ପ୍ରକ୍ରିୟାରେ ବିଳମ୍ବ ବା ବାଧା ସୃଷ୍ଟି ହେଉଥିବା ଘଟଣା ସରକାରଙ୍କ ଦୃଷ୍ଟିକୁ ଆସିଛି କି; ଯଦି ହଁ, ତେବେ ଏହାର ସମାଧାନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ତାହା ଜଣାଇବେ କି ?

ଅନୁମୋଦିତ ପ୍ରକଳ୍ପର ସଂଖ୍ୟା

2357 ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) NABARDର Rural Infrastructure Development Fund (RIDF) ଅଧିନରେ ଗତ ୩ ବର୍ଷ ମଧ୍ୟରେ ଓଡ଼ିଶାରେ ବନ୍ୟା ନିୟନ୍ତ୍ରଣ, ନଦୀବନ୍ଧ ମରାମତି ଓ ସୁଦୃଢ଼ୀକରଣ ପାଇଁ କେତୋଟି ପ୍ରକଳ୍ପ ଅନୁମୋଦିତ ହୋଇଛି, ସେଥିମଧ୍ୟରୁ କେତୋଟି ସମ୍ପୂର୍ଣ୍ଣ, କେତୋଟି ଚାଲୁ ଏବଂ କେତୋଟି ଅସମ୍ପୂର୍ଣ୍ଣ ରହିଛି ଓ ଏଥିପାଇଁ କେତେ ଅର୍ଥ ମଞ୍ଜୁର ଓ ବ୍ୟୟ ହୋଇଛି, (ଖ) ଉକ୍ତ ଯୋଜନା ଅଧିନରେ ବାଲେଶ୍ୱର ଜିଲ୍ଲାରେ କେତୋଟି ପ୍ରକଳ୍ପ ଅନୁମୋଦିତ ହୋଇଛି ଏବଂ ଏଥିପାଇଁ କେତେ ଅର୍ଥ ମଞ୍ଜୁର ଓ ବ୍ୟୟ ହୋଇଛି; ବିଶେଷତଃ ବସ୍ତା ଓ ବାଲିଆପାଳ ବ୍ଲକ୍‌ରେ କେତୋଟି ପ୍ରକଳ୍ପ ହାତକୁ ନିଆଯାଇଛି, ସେଗୁଡ଼ିକର ନାମ, ଅନୁମୋଦିତ ଅର୍ଥରାଶି, ବର୍ତ୍ତମାନର କାର୍ଯ୍ୟାନ୍ୱୟନ ସ୍ଥିତି ଏବଂ ସମ୍ପୂର୍ଣ୍ଣ ହେବାର ଧାର୍ଯ୍ୟ ସମୟସୀମା ସମ୍ପର୍କରେ ଜଣାଇବେ କି ?

ଜଳସେଚନ ପାଇଁ ବ୍ୟାରେଜ ନିର୍ମାଣ

2358 ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କୋକାସରା ଓ ଧର୍ମଗଡ଼ ବ୍ଲକର ମରୁଡ଼ି ପ୍ରବଣ ଅଞ୍ଚଳରେ ଜଳସେଚନ ପାଇଁ ଖୁଣ୍ଟିଆ ଗ୍ରାମ ନିକଟରେ ରାଜ୍ୟ ସରକାର ତରଫରୁ ଜଳସେଚନ ପାଇଁ ବ୍ୟାରେଜ ନିର୍ମାଣ ପାଇଁ ହୋଇଥିବା ସର୍ଭେ ଓ ଅନୁସନ୍ଧାନ ତଥ୍ୟ ଉପସ୍ଥାପିତ କରିବେ କି, ଏହି ପ୍ରସ୍ତାବ ଉପରେ ସରକାର କି ଆଭିମୁଖ୍ୟ ଗ୍ରହଣ କରୁଛନ୍ତି ଓ ଏଠାରେ ବ୍ୟାରେଜ ନିର୍ମାଣ ପାଇଁ କେବେ ସୁଦ୍ଧା ନୀତିଗତ ନିଷ୍ପତ୍ତି ନେବେ ?

Small Barrage ନିର୍ମାଣ

2359 ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟର ବିଭିନ୍ନ ଜିଲ୍ଲାରେ ନିର୍ମାଣଧିନ ବୃହତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ଗୁଡିକର କାର୍ଯ୍ୟ ବର୍ତ୍ତମାନ କେଉଁ ପର୍ଯ୍ୟାୟରେ ଅଛି ଏବଂ ସେଗୁଡିକ କେବେସୁଦ୍ଧା ସମ୍ପୂର୍ଣ୍ଣ ହେବ, ଏହାର Project Wise ତଥ୍ୟ ପ୍ରଦାନ କରିବେ କି, (ଖ) ରାଜ୍ୟରେ ଅନେକ ନଦୀ କୂଳିଆ ସହରମାନଙ୍କରେ ଜଳାଭାବ ତଥା general water level issue କୁ ବିଚାର କରି ନିକଟସ୍ଥ ନଦୀମାନଙ୍କରେ Small Barrage ନିର୍ମାଣ କରିବା ?

ବାଲି ଚୋରା ଚାଲାଣ ରୋକିବାକୁ ପଦକ୍ଷେପ

2360 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଗତ ତିନି ବର୍ଷ ଭିତରେ ରାଜ୍ୟ ସରକାର ବିଭିନ୍ନ ଖଣିଜ ସମ୍ପଦରୁ କେତେ ରାଜସ୍ୱ ଆଦାୟ କରୁଛନ୍ତି ଏବଂ କେଉଁ କେଉଁ ଖଣି ଲିଜ୍ ଧାରୀଙ୍କ ନିକଟରେ କେତେ ରାଜସ୍ୱ ବକେୟା ରହିଛି, ତାର ଏକ ତାଲିକା ଉପସ୍ଥାପନ କରିବେ କି, (ଖ) ରାଜ୍ୟର ବିଭିନ୍ନ ଜିଲ୍ଲାରେ ହେଉଥିବା ବେଆଇନ ବାଲି, ପଥର ଓ ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ ରୋକିବା ପାଇଁ special task force ଦ୍ୱାରା କେତେଗୋଟି ମାମଲା କେଉଁମାନଙ୍କ ବିରୁଦ୍ଧରେ ଦାୟର ହୋଇଛି ଏବଂ DMF ପାଣ୍ଠିରୁ ଖଣି ପ୍ରଭାବିତ ଗ୍ରାମାଞ୍ଚଳରେ କେଉଁ ପ୍ରକାର ଆଖି ଦୃଶିଆ development କାର୍ଯ୍ୟ ହାତକୁ ନିଆଯାଇଛି କହିବେ କି ?

ଯୋଜନା କମିଟିର ପୁର୍ନଗଠନ

2361 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବର୍ତ୍ତମାନ ସରକାର 2024 ଜୁନରୁ ଅଦ୍ୟାବଧି ରାଜ୍ୟର 30ଟି ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ଓ ସଦସ୍ୟ ମାନଙ୍କୁ କେବେ ନିଯୁକ୍ତି ବା ପୁନର୍ଗଠନ କରିଛନ୍ତି, ଏହି କମିଟିଗୁଡିକର ବର୍ଷକୁ ସର୍ବନିମ୍ନ କେତୋଟି ବୈଠକ ହେବାର ବ୍ୟବସ୍ଥା ରହିଛି, (କ) 2024 ଜୁନରୁ ଅଦ୍ୟାବଧି 30ଟି ଜିଲ୍ଲା ଯୋଜନା କମିଟିର କେଉଁ ଜିଲ୍ଲାରେ କେତୋଟି ବୈଠକ ହୋଇଛି, (ଖ) ଏହି କମିଟିଗୁଡିକର ନିୟମିତ ବୈଠକ ଓ ଗୃହୀତ ନିଷ୍ପତ୍ତିର କାର୍ଯ୍ୟକାରୀତା ତଦାରଖ ପାଇଁ ବିଭାଗର କି ବ୍ୟବସ୍ଥା ରହିଛି, ନିୟମିତ ବୈଠକ ହେଉନଥିବା ଜିଲ୍ଲାଗୁଡିକ କ୍ଷେତ୍ରରେ କି ପଦକ୍ଷେପ ନେଇଛନ୍ତି ?

ସାମ୍ବାଦିକଙ୍କୁ ଚିକିତ୍ସା ଏବଂ ଅନ୍ୟାନ୍ୟ ସୁବିଧା ପ୍ରଦାନ

2362 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଗତ ତିନି ବର୍ଷ ଭିତରେ 'ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜନା' ରେ କେତେଜଣ ସାମ୍ବାଦିକଙ୍କୁ ଚିକିତ୍ସା ଓ ଆର୍ଥିକ ସହାୟତା ବାବଦରେ କେତେ ଅର୍ଥ ଖର୍ଚ୍ଚ କରାଯାଇଛି, (ଖ) ରାଜ୍ୟର ବିଭିନ୍ନ print media, electronic media ଏବଂ digital media କୁ ସରକାରୀ ଯୋଜନାର ପ୍ରଚାର ଓ ପ୍ରସାର ପାଇଁ ଦୁଇ ବର୍ଷ ଭିତରେ କେତେ ଅର୍ଥ ପ୍ରଦାନ କରାଯାଇଛି, ରାଜ୍ୟ ସରକାରଙ୍କର ମୁଖପାତ୍ର "ଉତ୍କଳ ପ୍ରସଙ୍ଗ ଏବଂ Odisha Review" ର ପ୍ରକାଶକ, ମୁଦ୍ରଣ ଏବଂ ଗ୍ରାମାଞ୍ଚଳର ପାଠାଗାରଗୁଡିକୁ ଏହାର ବଣ୍ଟନ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ କି ପଦକ୍ଷେପ ନିଆଯାଇଛି ?

ପ୍ରଶିକ୍ଷଣ ପାଇଥିବା ଯୁବକ ଯୁବତୀଙ୍କ ସଂଖ୍ୟା

2363 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

ପରିବହନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଝାରସୁଗୁଡ଼ା ଜିଲ୍ଲାର କେତେ ଜଣ ଯୋଗ୍ୟ ଯୁବକ ଯୁବତୀ ଓ କାର୍ଯ୍ୟରତ ଯାନ ଚାଳକ 'ସୁବାହକ' କିମ୍ବା ଅନ୍ୟ ସରକାରୀ ଚାଳକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅଧିନରେ ପ୍ରଶିକ୍ଷଣ ପାଇଛନ୍ତି, ସର୍ବଶେଷ ସମାପ୍ତ ଆର୍ଥିକ ବର୍ଷରେ ପ୍ରଶିକ୍ଷଣରେ ନାମ ଲେଖାଇଥିବା ଓ ପ୍ରଶିକ୍ଷଣ ସମ୍ପୂର୍ଣ୍ଣ କରିଥିବା ବ୍ୟକ୍ତିଙ୍କ ସଂଖ୍ୟା ମହିଳା ଓ ପୁରୁଷଙ୍କ ପାଇଁ ପୃଥକ୍ ଭାବେ କାର୍ଯ୍ୟକ୍ରମ ଓ ବ୍ଲକ୍‌ଭିତ୍ତିକ ପ୍ରଦାନ କରିବେ କି, (ଖ) ଆଗ୍ରହି ଓ ଯୋଗ୍ୟ ଯୁବକଯୁବତୀଙ୍କୁ ବ୍ଲକ୍ ସ୍ତରରେ ପ୍ରଶିକ୍ଷଣ ସମ୍ପର୍କିତ ସୂଚନା ଓ ଆବେଦନ ସହାୟତା ଯୋଗାଇବା, ମହିଳାଙ୍କ ଅଂଶଗ୍ରହଣ ବଢ଼ାଇବା ଏବଂ ପ୍ରଶିକ୍ଷଣ ପରେ ନିଯୁକ୍ତିଦାତାଙ୍କ ସହ ଯୋଡ଼ିବା ପାଇଁ କି ଯୋଜନା ରହିଛି, ଏଥିପାଇଁ ପ୍ରସ୍ତାବିତ କାର୍ଯ୍ୟସୂଚୀ, ଦାୟିତ୍ୱ ପ୍ରାପ୍ତ ସଂସ୍ଥା ଏବଂ ନିଯୁକ୍ତି ସହାୟତା ପାଇଥିବା ପ୍ରଶିକ୍ଷାର୍ଥୀଙ୍କ ସଂଖ୍ୟା ଜଣାଇବେ କି ?

କାର୍ଯ୍ୟରତ ପାଣି ପଞ୍ଚାୟତର ସଂଖ୍ୟା

2364 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଝାରସୁଗୁଡା ଜିଲ୍ଲାରେ ବର୍ତ୍ତମାନ କେତୋଟି ପାଣି ପଞ୍ଚାୟତ କାର୍ଯ୍ୟରତ ଅଛି ଏବଂ ସେଗୁଡିକୁ ଜଳସେଚନ ପ୍ରକଳ୍ପର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ କି ଆର୍ଥିକ ଓ ବୈଷୟିକ ସହାୟତା ଯୋଗାଇ ଦିଆଯାଉଛି, ପାଣି ପଞ୍ଚାୟତର ନାମ, ସମ୍ପୃକ୍ତ ଜଳସେଚନ ପ୍ରକଳ୍ପ ଏବଂ ସର୍ବଶ୍ରେଷ୍ଠ ସମାପ୍ତ ଆର୍ଥିକ ବର୍ଷରେ ପ୍ରଦାନ କରାଯାଇଥିବା ସହାୟତାର ତଥ୍ୟ ବ୍ଲକ୍‌ଭିତ୍ତିକ ଭାବେ ପ୍ରଦାନ କରିବେ କି, (ଖ) ଜଳର ସୁଷମ ବଣ୍ଟନ, ଜଳସେଚନ ବ୍ୟବସ୍ଥାର ସାଧାରଣ ମରାମତି ଏବଂ ଆୟବ୍ୟୟର ହିସାବ ପରିଚାଳନା ସମ୍ପର୍କରେ ପାଣି ପଞ୍ଚାୟତର ସଦସ୍ୟମାନଙ୍କୁ ପ୍ରଶିକ୍ଷଣ ଦେବା ପାଇଁ କି ବ୍ୟବସ୍ଥା ରହିଛି, ସର୍ବଶ୍ରେଷ୍ଠ ସମାପ୍ତ ଆର୍ଥିକ ବର୍ଷରେ ପ୍ରଶିକ୍ଷଣ ପାଇଥିବା ସଦସ୍ୟଙ୍କ ସଂଖ୍ୟା ଏବଂ ଆଗାମୀ ପ୍ରଶିକ୍ଷଣର ସ୍ଥାନ, ସମୟସୂଚୀ ଓ ଦାୟିତ୍ୱ ପ୍ରାପ୍ତ ସଂସ୍ଥାର ତଥ୍ୟ ବ୍ଲକ୍‌ଭିତ୍ତିକ ଭାବେ ଜଣାଇବେ କି ?

ରେଳ ଷ୍ଟେସନ୍‌ରେ ସାମଗ୍ରୀ ବିକ୍ରୟ

2365 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

ପରିବହନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଝାରସୁଗୁଡ଼ା ଜିଲ୍ଲାର ହସ୍ତଶିଳ୍ପୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ କ୍ଷୁଦ୍ର ଉତ୍ପାଦକଙ୍କ ସାମଗ୍ରୀ ରେଳ ଷ୍ଟେସନ୍‌ରେ ବିକ୍ରୟ କରିବା ପାଇଁ ପ୍ରଯୁଜ୍ୟ ଯୋଜନା, ଯୋଗ୍ୟତା ଓ ଆବେଦନ ସୁଯୋଗ ସମ୍ପର୍କରେ କିପରି ସୂଚନା ଦିଆଯାଉଛି, ଜିଲ୍ଲାର କେଉଁ ରେଳ ଷ୍ଟେସନ୍‌ରେ ଏହି ସୁଯୋଗ ଉପଲବ୍ଧ ଅଛି ଏବଂ ଆଗ୍ରହୀ ଉତ୍ପାଦକମାନେ କେଉଁଠାରେ ଓ କିପରି ଆବେଦନ କରିପାରିବେ, (ଖ) ଯୋଗ୍ୟ ଉତ୍ପାଦକଙ୍କୁ ଚିହ୍ନଟ କରିବା, ବିକ୍ରୟ ପାଇଁ ଉତ୍ପାଦ ପ୍ରସ୍ତୁତି ଓ ପ୍ୟାକେଜିଂରେ ମାର୍ଗଦର୍ଶନ ଦେବା ଏବଂ ଆବେଦନପତ୍ର ଓ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତିରେ ସହାୟତା ଯୋଗାଇବା ପାଇଁ ରେଳବାଇ, ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗଗୁଡ଼ିକ ସହ କି ସମନ୍ୱୟ ଯୋଜନା ରହିଛି, ଏଥିପାଇଁ ଦାୟିତ୍ୱ ପ୍ରାପ୍ତ କାର୍ଯ୍ୟାଳୟ ଓ ପ୍ରସ୍ତାବିତ କାର୍ଯ୍ୟସୂଚୀ ଜଣାଇବେ କି ?

ହସ୍ତାନ୍ତରିତ ପ୍ରକଳ୍ପର ସଂଖ୍ୟା

2366 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଝାରସୁଗୁଡା ଜିଲ୍ଲାରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍) ପାଣ୍ଠିରେ ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବା ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ଜନସେବା ଭିତ୍ତିଭୂମି ପ୍ରକଳ୍ପ ମଧ୍ୟରୁ କେତୋଟି ସମ୍ପୃକ୍ତ ବିଭାଗକୁ ହସ୍ତାନ୍ତରିତ ହୋଇଛି ଏବଂ ସେଥିମଧ୍ୟରୁ କେତୋଟିରେ ସେବା ପ୍ରଦାନ ଆରମ୍ଭ ହୋଇଛି, ପ୍ରତ୍ୟେକ ପ୍ରକଳ୍ପର ନାମ, ସ୍ଥାନ, ନିର୍ମାଣ ସମାପ୍ତି ତାରିଖ, ହସ୍ତାନ୍ତର ତାରିଖ ଓ ସେବା ପ୍ରଦାନର ବର୍ତ୍ତମାନ ସ୍ଥିତି ସହ ବିଭାଗଭିତ୍ତିକ ତଥ୍ୟ ପ୍ରଦାନ କରିବେ କି, (ଖ) ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିଲେ ମଧ ସେବା ଆରମ୍ଭ ହୋଇନଥିବା ପ୍ରକଳ୍ପଗୁଡ଼ିକରେ ଆବଶ୍ୟକ କର୍ମଚାରୀ, ଉପକରଣ ଓ ନିୟମିତ ରକ୍ଷଣାବେକ୍ଷଣର ବ୍ୟବସ୍ଥା କରିବା ପାଇଁ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗଗୁଡ଼ିକ ମଧ୍ୟରେ କି ସମନ୍ୱୟ ବ୍ୟବସ୍ଥା ରହିଛି, ଅବଶିଷ୍ଟ ହସ୍ତାନ୍ତର ପ୍ରକ୍ରିୟା ଶେଷ କରି ସେବା ଆରମ୍ଭ କରିବାର ପଦକ୍ଷେପ ଦାୟିତ୍ୱପ୍ରାପ୍ତ ବିଭାଗ ଏବଂ ଧାର୍ଯ୍ୟ ସମୟସୀମା ପ୍ରକଳ୍ପଭିତ୍ତିକ ଭାବେ ଜଣାଇବେ କି?

କାର୍ଯ୍ୟକ୍ରମ ସମ୍ପର୍କରେ

2367 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଝାରସୁଗୁଡ଼ା ଜିଲ୍ଲାର ଖଣି ପ୍ରଭାବିତ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ପାଇଁ ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍) ପାଣ୍ଠିରୁ ପାଠପଢ଼ାରେ ସହାୟତା, ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି ଏବଂ ବୃତ୍ତିମୂଳକ ଶିକ୍ଷା ନିମନ୍ତେ କେଉଁ କାର୍ଯ୍ୟକ୍ରମ ଚାଲୁ ରହିଛି, ପ୍ରତ୍ୟେକ କାର୍ଯ୍ୟକ୍ରମର ଯୋଗ୍ୟତା, ସହାୟତାର ପ୍ରକାର ଏବଂ ସର୍ବଶେଷ ସମାପ୍ତ ଆର୍ଥିକ ବର୍ଷରେ ଉପକୃତ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଓ ବ୍ୟୟିତ ଅର୍ଥର ବରଣୀ ବ୍ଲକ୍‌ଭିତ୍ତିକ ଭାବେ ପ୍ରଦାନ କରିବେ କି, (ଖ) ଏହି ସହାୟତା ଆବଶ୍ୟକ କରୁଥିବା ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରିବା, କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ଏବଂ ଆବେଦନପତ୍ର ଓ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତିରେ ସହାୟତା ଯୋଗାଇବା ପାଇଁ କି ଯୋଜନା ରହିଛି, ଶିକ୍ଷାନୁଷ୍ଠାନ ଓ ବ୍ଲକ୍ ସ୍ତରରେ ମାର୍ଗଦର୍ଶନ ଯୋଗାଇବାର ବ୍ୟବସ୍ଥା, ଦାୟିତ୍ୱ ପ୍ରାପ୍ତ ଅଧିକାରୀ ଏବଂ ଆବେଦନର ସମୟସୂଚୀ ଜଣାଇବେ କି ?

ସଦସ୍ୟ ଭାବେ ସୁପାରିଶ

2368 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

ପରିବହନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଦକ୍ଷିଣ ପୂର୍ବ ରେଳ (South Eastern Railway) ଜୋନ ଏବଂ ପୂର୍ବ ତଟ ରେଳ (East Coast Railway) ଜୋନ ପାଇଁ ZRUCC ସଦସ୍ୟ ଭାବେ ରେଳ ବିଭାଗକୁ ଓଡ଼ିଶା ସରକାର କେଉଁ କେଉଁ ବ୍ୟକ୍ତିଙ୍କ ନାମ ସୁପାରିଶ କରିଛନ୍ତି, ସେସବୁର ବିସ୍ତୃତ ତଥ୍ୟ ପ୍ରଦାନ କରିବେ କି?

ଇଲେକ୍ଟ୍ରିକ୍ ଯାନ ନିୟୋଜନ କରିବାର ବ୍ୟବସ୍ଥା

2369 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

ପରିବହନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାରଙ୍କ ନୂତନ ନିର୍ଦ୍ଦେଶାବଳୀ ଅନୁଯାୟୀ ଆସନ୍ତା ଜୁନ୍ ମାସ ପରେ ସରକାରୀ କାର୍ଯ୍ୟରେ ଭଡ଼ା ସୂତ୍ରରେ ପେଟ୍ରୋଲ ଓ ଡିଜେଲ ଚାଳିତ ଗାଡ଼ି ନିୟୋଜନ ନକରି ଇଲେକ୍ଟ୍ରିକ୍ ଯାନ (EV) ନିୟୋଜନ କରିବାର ବ୍ୟବସ୍ଥା କରାଯାଉଛି, ମୟୂରଭଞ୍ଜ ଭଳି ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାର ଅଧିକାଂଶ ବ୍ଲକ୍ ଓ ସରକାରୀ କାର୍ଯ୍ୟାଳୟ ଦୁର୍ଗମ ଅଞ୍ଚଳରେ ଅବସ୍ଥିତ ଏବଂ ସେଠାରେ ବିଦ୍ୟୁତ୍ ଯୋଗାଣ ଅନିୟମିତ ହେବା ସହ ବାରମ୍ବାର ବିଦ୍ୟୁତ୍ କାଟ ହୋଇଥାଏ, ଏପରି ସ୍ଥିତିରେ ଭୌଗୋଳିକ ଓ ବିଦ୍ୟୁତ୍ ଯୋଗାଣଜନିତ ସମସ୍ୟା ଯୋଗୁଁ ଏହି ଅଞ୍ଚଳରେ ସରକାରୀ କାର୍ଯ୍ୟ ପାଇଁ କେବଳ ଇଲେକ୍ଟ୍ରିକ୍ ଯାନ ନିୟୋଜନ କରିବା କେତେଦୂର ବ୍ୟବହାରିକ ହେବ, ଯଦି ହଁ, ତେବେ ମୟୂରଭଞ୍ଜ ଭଳି ଦୁର୍ଗମ ଓ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାର କ୍ଷେତ୍ରୀୟ କାର୍ଯ୍ୟାଳୟ ଏବଂ ଆବଶ୍ୟକତା ଭିତ୍ତିରେ କେତେକ ବିଭାଗ ପାଇଁ ପେଟ୍ରୋଲ ଓ ଡିଜେଲ ଚାଳିତ ଗାଡ଼ି ନିୟୋଜନ ନିମନ୍ତେ କୌଣସି ସ୍ୱତନ୍ତ୍ର କୋହଳ ବା ବ୍ୟତିକ୍ରମ ବ୍ୟବସ୍ଥା କରିବାକୁ ସରକାରଙ୍କର ଯୋଜନା ଅଛି କି, ଯଦି ହଁ, ତାହାର ତଥ୍ୟ କ'ଣ ଏବଂ ଯଦି ନା, ତେବେ ଏହି ଦୁର୍ଗମ ଅଞ୍ଚଳରେ ସରକାରୀ କାର୍ଯ୍ୟର ସୁଚାରୁ ସମ୍ପାଦନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିବେ?

ବାଲି ଉତ୍ତୋଳନ ପାଇଁ ଅନୁମତି

2370 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ ଜିଲ୍ଲାରେ ପ୍ରବାହିତ କେଉଁ ନଦୀ ଶଯ୍ୟାର କେଉଁ କେଉଁ ଅଞ୍ଚଳରୁ ଦୈନିକ କେତେ ପରିମାଣର ବାଲି ଉତ୍ତୋଳନ କରାଯାଉଛି, ବାଲି ଉତ୍ତୋଳନ କରିବା ପାଇଁ କେଉଁ କେଉଁ ବ୍ୟକ୍ତି ବିଶେଷ କିମ୍ବା ସଂସ୍ଥାଙ୍କୁ ଅନୁମତି ଦିଆଯାଇଛି ଓ ଏଥିପାଇଁ କେଉଁ କେଉଁ ପଟ୍ଟାଦାର ସରକାରଙ୍କ ନିକଟରେ ବାର୍ଷିକ କେତେ ଅର୍ଥ ପଇଠ କରିଛନ୍ତି ଓ କେଉଁ କେଉଁମାନେ ପରିବେଶ ମଞ୍ଜୁର ପାଇଛନ୍ତି, କେଉଁ କେଉଁ ଉତ୍ତୋଳନକାରୀ ପରିବେଶ ମଞ୍ଜୁର ବିନା କେତେ ପରିମାଣର ବାଲି ଉତ୍ତୋଳନ କରିଛନ୍ତି, କେଉଁ ଉତ୍ତୋଳନକାରୀଙ୍କ ଲିଜ୍ ମିଆଦ ଶେଷ ହୋଇଥିବା ସତ୍ତ୍ୱେ ବାଲି ଉତ୍ତୋଳନ କରୁଛନ୍ତି ଏବଂ ସଂପୃକ୍ତ ଉତ୍ତୋଳନକାରୀଙ୍କ ବିରୁଦ୍ଧରେ କେବେ କି କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ?

ଜଳଭଣ୍ଡାରର ସମ୍ପ୍ରସାରଣ

2371 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମୟୂରଭଞ୍ଜ ଜିଲ୍ଲାର କୁଳିଅଣା ବ୍ଲକ ଅନ୍ତର୍ଗତ ହଳଦିଆ ଜଳଭଣ୍ଡାରର ସମ୍ପ୍ରସାରଣ ପ୍ରକଳ୍ପର ପ୍ରାରମ୍ଭିକ ଅଟକଳ ମୂଲ୍ୟ କେତେ କୋଟି ଟଙ୍କା ଥିଲା ଏବଂ ଏହି ପ୍ରକଳ୍ପ ପାଇଁ ଅଦ୍ୟାବଧି ସରକାରଙ୍କ ଦ୍ୱାରା ମୋଟ କେତେ କୋଟି ଟଙ୍କା ଅନୁମୋଦନ, ଆବଣ୍ଟନ ଓ ବ୍ୟୟ କରାଯାଇଛି; ପ୍ରକଳ୍ପର କେଉଁ କେଉଁ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଏବଂ କେତେ ପ୍ରତିଶତ କାର୍ଯ୍ୟ ଅବଶିଷ୍ଟ ରହିଛି; ଅବଶିଷ୍ଟ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଆଉ କେତେ କୋଟି ଟଙ୍କା ଆବଶ୍ୟକ ହେବ; ଏହି ପ୍ରକଳ୍ପ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ ନ ହେବାର ମୁଖ୍ୟ କାରଣ କଣ; ଜଳଭଣ୍ଡାରର ଜଳଧାରଣ କ୍ଷମତା ବୃଦ୍ଧି ହେବା ଫଳରେ କେତେକ ଚାଷୀଙ୍କ ଜମି ଜଳମଗ୍ନ ହେଉଥିବା ବେଳେ ସେହି ଜମିଗୁଡ଼ିକ ଆଇନଗତ ଭାବେ ଅଧିଗ୍ରହଣ କରାଯାଇଛି କି; ଯେଉଁ ଚାଷୀମାନଙ୍କ ଜମି ଅଧିଗ୍ରହଣ ନ ହୋଇ ଜଳଭଣ୍ଡାରର ପାଣି ଯୋଗୁଁ ଜଳମଗ୍ନ ହେଉଛି, ସେମାନଙ୍କ ଜମିର ସରକାରୀ ସର୍ଭେ କରି ଉପଯୁକ୍ତ କ୍ଷତିପୂରଣ ଓ ଜମିର ମୂଲ୍ୟ ପ୍ରଦାନ କରିବା ପାଇଁ ସରକାର କି ପଦକ୍ଷେପ ନେଉଛନ୍ତି ?

ଚେକ ଡ଼୍ୟାମ ନିର୍ଦ୍ଧାରଣ

2372 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଚେକଡ୍ୟାମ ନିର୍ମାଣ ଯୋଜନା ବିଭାଗ ତରଫରୁ କେବେଠାରୁ କାର୍ଯ୍ୟକାରୀ କରାଯାଉଛି କେଉଁ କେଉଁ ନିର୍ମାଣ ନିମନ୍ତେ କି କି ନୀତି ନିର୍ଦ୍ଧାରଣ କରାଯାଇଅଛି ତାହା ପ୍ରକାଶ କରିବେ କି; (ଖ) ଅଦ୍ୟାବଧି ରାଜ୍ୟର କେଉଁ କେଉଁ ବ୍ଲକରେ କେଉଁ ବର୍ଷ କେତେ ସଂଖ୍ୟକ ଚେକଡ୍ୟାମ କେତେ ଅର୍ଥ ବ୍ୟୟରେ ନିର୍ମାଣ କରାଯାଇଛି; ସଂଯୁକ୍ତ ଚେକଡ୍ୟାମ ମାଧ୍ୟମରେ କେତେ ପରିମିତ ଜମିକୁ ଜଳସେଚନ ନିମନ୍ତେ ଲକ୍ଷ ଧାର୍ଯ୍ୟ ସ୍ଥିର ହୋଇଥିଲା ଓ ସେଥିରୁ ସମ୍ପ୍ରତି କେତେ ପରିମିତ ଅଞ୍ଚଳକୁ ଜଳସେଚନ ହେଉଅଛି ?

Technical Survey ର Status ସମ୍ପର୍କରେ

2373 **ଶ୍ରୀ ମାଧବ ଧଡା (ସୋରୋ):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଅଣତାରକା ପ୍ରଶ୍ନ ସଂଖ୍ୟା ୪୦୭୯ ତା ୨୦.୦୩. ୨୦୨୫ ରିଖର ଉତ୍ତର ପରିପ୍ରେକ୍ଷୀରେ ୧୮ ମାସ ବିତିଯାଇଥିଲେ ମଧ୍ୟ Technical Survey ର Status କଣ କେବେ ସୁଦ୍ଧା ଟେଣ୍ଡର କରାଯାଇSwitch Gate ସ୍ଥାପନ କରାଯିବ ସେ ବିଷୟ ତଥ୍ୟ ପ୍ରଦାନ କରିବେ କି ;ଅଣତାରକା ପ୍ରଶ୍ନ ସଂଖ୍ୟା ୫୮୩୪ ତା ୨୬.୦୩.୨୦୨୬ ରିଖର ଉତ୍ତର ପରିପ୍ରେକ୍ଷୀରେ ୮ ମାସ ବିତିଯାଇଥିଲେ ମଧ୍ୟ ନଦୀ ବନ୍ଧର କେଉଁ କେଉଁ ସ୍ଥାନରେ restoration and protection ପାଇଁ କାର୍ଯ୍ୟ କରାଯିବ ତାହାର କ୍ଷେତ୍ର ପରିଦର୍ଶନ ଅଧିକାରୀଙ୍କ ଦ୍ୱାରା କରାଗଲା କି ; କେବେ ସୁଦ୍ଧା ଟେଣ୍ଡର କରାଯାଇ କାର୍ଯ୍ୟ ଆରମ୍ଭ କରାଯିବ ?

In Stream Storage Structure ନିର୍ମାଣ

2374 **ଶ୍ରୀ ମାଧବ ଧଡା (ସୋରୋ):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଅଣତାରକା ପ୍ରଶ୍ନ ସଂଖ୍ୟା ୫୮୩୪ ତା ୨୬.୦୩. ୨୦୨୬ ରିଖର ଉତ୍ତର ପରିପ୍ରେକ୍ଷୀରେ ୮ ମାସ ବିତିଯାଇଥିଲେ ମଧ୍ୟ ଉକ୍ତ ନଦୀର କେଉଁ ଜାଗାରେ In Stream Storage Structure ନିର୍ମାଣ କରାଯିବ ତାହାର କ୍ଷେତ୍ର ପରିଦର୍ଶନ ଅଧିକାରୀଙ୍କ ଦ୍ୱାରା କରାଗଲା କି ;ଉକ୍ତ କାର୍ଯ୍ୟ ପାଇଁ ଏକ ବୈଷୟିକ ଟିମ ଗଠନ କରି କଂଶବାଂଶ ନଦୀର In Stream Storage Structure ନିର୍ମାଣ ପାଇଁ ତଥ୍ୟ ପ୍ରଦାନ ପାଇଁ ବିଭାଗ ପଦକ୍ଷେପ ଗ୍ରହଣ କରିବେ କି; ୨ ମାସ ବିତିଯାଇଥିଲେ ମଧ୍ୟ ଟେଣ୍ଡରର Status କଣ ସେ ବିଷୟରେ ସବିଶେଷ ତଥ୍ୟ ପ୍ରଦାନ କରିବେ କି ?

ତହସିଲ କାର୍ଯ୍ୟଳୟକୁ ଗୋଦାବରୀଶ ଯୋଜନାରେ ସାମିଲ

2375 **ଶ୍ରୀ ମାଧବ ଧଡା (ସୋରୋ):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସୋରୋ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ତରଫରୁ ପତ୍ର ସଂଖ୍ୟା 3052 ତା 21.08.2026 ରିଖରେ ସୋରୋ ତହସିଲ କାର୍ଯ୍ୟାଳୟକୁ ଦୁର୍ଗାପୁର ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଗୋଦାବରୀଶ ଯୋଜନାରେ ସାମିଲ ପାଇଁ ଆବଶ୍ୟକତା 5 ଏକର ସରକାରୀ ଜମି alienation ପାଇଁ ସମସ୍ତ କାଗଜ ପତ୍ର ସହିତ ଆବେଦନ କରିଅଛନ୍ତି ମାତ୍ର 3 ମାସ ବିତି ଯାଇଥିଲେ ମଧ୍ୟ ଉକ୍ତ alienation case record ର status କଣ; କେବେ ସୁଦ୍ଧା ୨ ଏକର ସରକାରୀ ଜମି ଦୁର୍ଗାପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ନାମରେ ସଂଶୋଧିତ ROR କରାଯାଇ ଗୋଦାବରୀଶ ଯୋଜନାରେ ସାମିଲ ପାଇଁ ଜିଲ୍ଲା ପ୍ରଶାସନକୁ ଅବଗତ କରାଇବେ ?

ଇଲେକ୍ଟ୍ରିକ Display Board ସ୍ଥାପନ

2376 **ଶ୍ରୀ ମାଧବ ଧଡା (ସୋରୋ):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଅଣତାରକା ପ୍ରଶ୍ନ ସଂଖ୍ୟା ୧୭୫୪ ତା ୦୪ ୧୨. ୨୦୨୫ ରିଖର ଉତ୍ତର ପରିପ୍ରେକ୍ଷୀରେ ୧୮ ମାସ ବିତିଯାଇଥିଲେ ମଧ୍ୟ ବିଭାଗ ଉକ୍ତ ବିଷୟରେ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଭାଗ କଣ ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ କେବେ ସୁଦ୍ଧା ସୋରୋ ନିର୍ବାଚନ ମଣ୍ଡଳୀରେ ଇଲେକ୍ଟ୍ରୋନିକ Display Board ସ୍ଥାପନ କରାଯାଇ ଜନସାଧାରଣଙ୍କୁ ସରକାରୀ ଯୋଜନା ବିଷୟରେ ସଚେତନ କରିବା ପାଇଁ ସହାୟକ ହେବ ତାହାର ବିସ୍ତୃତ ତଥ୍ୟ ପ୍ରଦାନ କରିବେ କି ; (ଖ) ସୋରୋ ନିର୍ବାଚନ ମଣ୍ଡଳୀରେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଏକ ପାଠାଗାର ସ୍ଥାପନ ପାଇଁ ପଦକ୍ଷେପ ଗ୍ରହଣ କରିବେ କି ?

ବନ୍ଦର ପ୍ରତିଷ୍ଠା ପାଇଁ ଯୋଜନା

2377 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

ବାଣିଜ୍ୟ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ନୂଆ ବନ୍ଦର ପ୍ରତିଷ୍ଠା ପାଇଁ ସରକାରଙ୍କର ଦୀର୍ଘ ମିଆଦି ଯୋଜନା କଣ କେଉଁଠାରେ ଏପରି ବନ୍ଦର ନିର୍ମାଣ ପରିକଳ୍ପନା କରାଯାଇଛି ଏବଂ ଏହାର ବାସ୍ତବ ରୂପାୟନ କେଉଁ ପ୍ରକାର ପ୍ରତ୍ୟକଟିର ବାସ୍ତବ ସ୍ଥିତି କଣ ଏହାର ଭିତ୍ତିଭୂମି ନିର୍ମାଣ ପାଇଁ DPR ପ୍ରସ୍ତୁତ ହୋଇଛି କି ?

ପୁରୀକୁ ବସ ଚଳାଚଳ ପାଇଁ ପଦକ୍ଷେପ

2378 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

ପରିବହନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଚଳିତବର୍ଷ OSRTC ଓଡିଶା ରାଜ୍ୟ ସଡକ ପରିବହନ କର୍ପୋରେସନ ପକ୍ଷରୁ କେଉଁଠାରୁ ଶୀକ୍ଷେତ୍ର ପୁରୀ ବସ ଚଳାଚଳ କେବେଠାରୁ କରୁଅଛି ସରକାର ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି, ନୂଆକରି କର୍ପୋରେସନ୍ ବସ ଚଳାଚଳ ପୁରୀକୁ କରିବାକୁ କେଉଁ ଅଞ୍ଚଳରୁ କେଉଁଠାରୁ ସ୍ଥିର କରିଛନ୍ତି ଏବଂ କେବେଠାରୁ ବସ ଚଳାଚଳ କରିବ ଜଳେଶ୍ୱର ବ୍ଲକର ରାଜ୍ୟର ସୀମାନ୍ତ ଅଞ୍ଚଳକୁ ଚୂଡାମଣିପୁର (CHADAMANIPUR) ଠାରୁ ପୁରୀ ଭାୟା - ରାସଗୋବିନ୍ଦପୁର, ଝିଙ୍କିରିଆ, ବୈଶିଙ୍ଗା ବସ ଚଳାଚଳ କରିବାକୁ ରୋର୍ଡ ପରମିଟ୍ କର୍ତ୍ତୃପକ୍ଷ ପାଇଥିଲେ ହେଁ ଗତ ଜୁଲାଇମାସଠାରୁ ବସ ଚଳାଚଳ ବ୍ୟବସ୍ଥା ଥାଇ କେଉଁ କାରଣରୁ ବସ ଚଳାଚଳ କରୁନାହିଁ ?

ପଥର ପ୍ୟାକିଂ ବନ୍ଦ ଓ ସ୍ୱର କ୍ଷତିଗ୍ରସ୍ତ

2379 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତ ବର୍ଷ ସୁବର୍ଣ୍ଣରେଖା ନଦୀ ଜଳେଶ୍ୱର ବସ୍ତା ବ୍ଲକରେ ଗ୍ରମାଗତ ବନ୍ୟାରେ ଉଭୟ ପାର୍ଶ୍ୱରେ ଥିବା ପଥର ପ୍ୟାଙ୍କି ବନ୍ଧ ଓ ସ୍ୱର କ୍ଷତିଗ୍ରସ୍ତ ହୋଇଛି ଏହାର ତାଲିକା ସରକାର ଉପସ୍ଥାପନ କରିବେ କି ପ୍ରତ୍ୟେକଟିର କ୍ଷତିଆଗଳନ ଅନୁସାରେ କେତେ ଅର୍ଥ ଆବଶ୍ୟକ ତାହା ମଞ୍ଜୁର କରିବାକୁ କଣ ପଦକ୍ଷେପ ଗ୍ରହଣ କରିଛନ୍ତି ?

ନୂଆ ଗୃହରେ R.I କାର୍ଯ୍ୟାଳୟ

2380 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଳେଶ୍ୱର ବସ୍ତା ତହସିଲ (ଜଳେଶ୍ୱର ନିର୍ବାଚନ ମଣ୍ଡଳୀ) ରେ କେତୋଟି ନୂଆ R.I. କାର୍ଯ୍ୟାଳୟ ନୂଆଗୃହ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛି ଏବଂ ସେଠାରେ R.I. ମାନେ କାର୍ଯ୍ୟରତ ଅଛନ୍ତି, କେତୋଟି କେଉଁଠାରେ କାର୍ଯ୍ୟକ୍ଷମ କେଉଁ କାରଣରୁ ହୋଇନାହିଁ ସବୁଗୁଡିକ ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟକ୍ଷମ ହେବାକୁ ଆଉ କେତେଦିନ ଆବଶ୍ୟକ ସେଥିଲାଗି କଣ ନିର୍ଦ୍ଦେଶ ଦେବେ ?

ରାଜସ୍ୱ ଗ୍ରାମ ଓ ହାମଲେଟର ସଂଖ୍ୟା

2381 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶାରେ କୋତୋଟି ରାଜସ୍ୱ ଗ୍ରାମ ଓ କେତୋଟି ହାମଲେଟ ଅଛି ଜୁନ 2024 ପରେ କେତୋଟି ହାମଲେଟ କୁ ରାଜସ୍ୱ ଗ୍ରାମ ପାଇଁ ଆବେଦନ କରିଛନ୍ତି କେତୋଟି ହାମଲେଟ କୁ ରାଜସ୍ୱ ଗ୍ରାମ ମାନ୍ୟତା ମିଳିଛି ରାଜ୍ୟ ରେ ଏମିତି କିଛି ଅଞ୍ଚଳ ହାମଲେଟ ଅଛି କି ଯେଉଁଠି ଲୋକଙ୍କର ପରିଚୟପତ୍ର ଅଭାବରୁ ସେମାନଙ୍କୁ ବିଭିନ୍ନ ସରକାରୀ ସୁବିଧା ଉପଲବ୍ଧ ହେଉନି ?

ରିଲିଫ ବୋର୍ଡ ମାର୍ଗଦର୍ଶିକାର ଉଲ୍ଲଂଘନ

2382 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବନ୍ୟା ପ୍ରଭାବିତ ଅଞ୍ଚଳରେ ଚଳିତ ବର୍ଷ କେତୋଟି ପଞ୍ଚାୟତ ପାଇଁ ରିଲିଫ ଚାଉଳ ଆସିଥିଲା ଏବଂ କେତେ ସଂଖ୍ୟକ ଲୋକଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରିବାର ଯୋଜନା ଥିଲା, ସେଥିରୁ କେତେ ଜଣଙ୍କୁ ବଣ୍ଟା ହେଲା, ତେବେ ରିଲିଫ ବୋର୍ଡ ମାଗଦର୍ଶିକାକୁ ଉଲ୍ଲଘନ କରି କେବଳ ରାସନ କାର୍ଡ ଥିବା ହିତାଧିକାରୀଙ୍କୁ ଚାଉଳ ବଣ୍ଟନ କରାଯାଇଥିବା ସତ୍ୟ କି ମୁଣ୍ଡପିଛା 7 ଦିନର ଚାଉଳ ବାବଦକୁ 7 କିଗ୍ରା ଚାଉଳ ବଦଳରେ 5 କିଗ୍ରା 500 ଗ୍ରାମ ଚାଉଳ ବଣ୍ଟନ କରାଯାଇଥିବା ସତ୍ୟ କି, ଯଦି ସତ ଏଭଳି ଅନିୟମିତତା କରିଥିବା ଅଧିକାରୀମାନଙ୍କ ବିରୋଧରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ?

ବସ ଗୁଡିକର ମରାମତି ସମ୍ପର୍କରେ

2383 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

ପରିବହନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମୁଖ୍ୟମନ୍ତ୍ରୀ ବସ ସେବା ଯୋଜନାରେ ବାଲେଶ୍ୱର ଜିଲ୍ଲାରେ କେତେ ବସ ଚଳାଚଳ କରୁଛି, ଏହି ବସ୍ ଗୁଡିକର ମରାମତି ବାବଦରେ କ'ଣ ପଦକ୍ଷେପ ନିଆଯାଇଛି ଏହି ଯୋଜନାରେ ବିଭିନ୍ନ ଜିଲ୍ଲାରେ ବ୍ଲକରୁ ଜିଲ୍ଲା ସଦର ମହକୁମା କୁ ବି ବସ୍ ଚଳାଚଳ କରୁଛି, ଏହାଦ୍ୱାରା ଅନେକ ଲୋକ ଉପକୃତ ହେଉଛନ୍ତି ବାଲେଶ୍ୱର ଜିଲ୍ଲାରେ ବ୍ଲକରୁ ସଦରମହକୁମା କୁ ଗୋଟିଏ ବି ବସ୍ ଚଳାଚଳ ନ କରିବାର କାରଣ କ'ଣ ଏନେଇ କ'ଣ ପଦକ୍ଷେପ ନିଆଯାଇଛି ?

ସୁବର୍ଣ୍ଣରେଖା ସଂସ୍କାର ଯୋଜନା

2384 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସୁବର୍ଣ୍ଣରେକା ନଦୀର ବନ୍ୟା ନିୟନ୍ତ୍ରଣ ପାଇଁ ପ୍ରସ୍ତାବିତ ସୁବର୍ଣ୍ଣରେଖା ସଂସ୍କାର ଯୋଜନାକୁ ନୂତନ ରୂପେ କେନ୍ଦ୍ରସରକାରଙ୍କ ନିକଟରେ ଉପସ୍ଥାପନ କରିବାଲାଗି ରାଜ୍ୟ ସରକାରଙ୍କ କୌଣସି ଯୋଜନା ଅଛି କି, ଯଦି ଅଛି ଏହି ପ୍ରସ୍ତାବର ରୂପରେଖ ପ୍ରସ୍ତୁତ କରିବାଲାଗି ଜଳସମ୍ପଦ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇଛି କି ଏଥି ପାଇଁ ବିଭାଗୀୟ କର୍ତ୍ତୃପକ୍ଷ କୌଣସି ବୈଠକ କରିଛନ୍ତି କି, ଆଗାମୀ ଦିନରେ ଏନେଇ କିଛି ପ୍ରସ୍ତାବ ରଖିବେ କି ?

ଆଦାୟ ରାଜସ୍ୱର ପରିମାଣ

2385 ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଲଘୁ ଖଣିଜ ପଦାର୍ଥରୁ 2022-23, 2023-24, 2024-25 ଓ 2025-26 ଆର୍ଥିକ ବର୍ଷରେ କେଉଁ ବର୍ଷ କେତେ ରାଜସ୍ୱ ଆଦାୟ ହୋଇଛି, ଆଦାୟ ହୋଇଥିବା ରାଜସ୍ୱରୁ କେତେ ଅର୍ଥ ସରିଆଡ୍ Source ରୁ ଆଦାୟ ହୋଇଛି, କେତେ ଅର୍ଥ ଜୋରିମାନାରୁ ଆଦାୟ ହୋଇଛି ଓ କେତେ ସରକାରୀ ବିଭାଗମାନଙ୍କରୁ ସିଧାସଳଖ ଗ୍ରହଣ କରାଯାଇଛି ତାହାର ବର୍ଷୱାରି ଓ ଜିଲ୍ଲାୱାରି ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି ?

ନୂତନ ବନ୍ଦର ପ୍ରତିଷ୍ଠା

2386 ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):

ବାଣିଜ୍ୟ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ଅଣ-ବୃହତ ବନ୍ଦର ଗୁଡିକର ବିକାଶ ଓ ନୂତନ ବନ୍ଦର ପ୍ରତିଷ୍ଠା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ ପ୍ରସ୍ତାବିତ ବିଭିନ୍ନ ନୂତନ ବନ୍ଦର ଗୁଡିକର ବର୍ତ୍ତମାନ ସ୍ଥିତି କଣ ଓଡିଶାରୁ କୃଷିଜାତ ଦ୍ରବ୍ୟ, ହସ୍ତତନ୍ତ, ସାମୁଦ୍ରିକ ଖାଦ୍ୟ ଏବଂ ଖଣିଜ ପଦାର୍ଥ ବିଦେଶକୁ ରପ୍ତାନି ବୃଦ୍ଧି କରିବାପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କି ପ୍ରକାର ଭିତ୍ତିଭୂମି ଓ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯାଇଛି କହିବେ କି, ରାଜ୍ୟରେ Inland water Transport ର ବିକାଶ ପାଇଁ କେଉଁ କେଉଁ ସ୍ଥାନରେ (MMLP) Multy model Logistic ପାର୍କ ପ୍ରତିଷ୍ଠା କରିବା ପାଇଁ ପ୍ରସ୍ତାବ ରହିଛି ?

ଚେକଡ୍ୟାମ ଏବଂ ଆନିକଟ ନିର୍ମାଣ

2387 ଶ୍ରୀ ପଦ୍ମ ଚରଣ ହାଇବୁରୁ (କରଞ୍ଜିଆ):

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବର୍ଷାଦିନେ ପାହାଡିଆ ଅଞ୍ଚଳରୁ ବହୁ ପରିମାଣର ଜଳ ବହିଯାଇ ନଷ୍ଟ ହେଉଛି ; କରଞ୍ଜିଆ ନିର୍ବାଚନ ମଣ୍ଡଳୀର ବିଭିନ୍ନ ନାଳ ଓ ନଦୀରେ ନୂତନ ଚେକଡ୍ୟାମ ଏବଂ ଆନିକଟ ନିର୍ମାଣ କରି ଭୂତଳ ଜଳସ୍ତର ବୃଦ୍ଧି ଏବଂ ରବି ଫସଲ ପାଇଁ ଜଳସେଚନ ସୁବିଧା ଯୋଗାଇଦେବା ପାଇଁ କି ପଦକ୍ଷେପ ନିଆଯାଉଛି?

ରାଜସ୍ୱ ଗ୍ରାମର ମାନ୍ୟତା

2388 **ଶ୍ରୀ ପଦ୍ମ ଚରଣ ହାଇବୁରୁ (କରଞ୍ଜିଆ):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କରଞ୍ଜିଆ ନିର୍ବାଚନ ମଣ୍ଡଳୀରେ ଅନେକ ପୁରୁଣା ବେସରକାରୀ ଜନବସତି ଓ ସର୍ଭେ ହୋଇନଥିବା ଗ୍ରାମ ଏପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ରାଜସ୍ୱ ଗ୍ରାମର ମାନ୍ୟତା ପାଇନାହାଁନ୍ତି ; ଫଳରେ ଏହି ଗ୍ରାମଗୁଡିକ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି ; ଏଗୁଡିକୁ ସର୍ଭେ କରି ରାଜସ୍ୱ ଗ୍ରାମଭାବେ ଘୋଷଣା କରିବା ପାଇଁ ପ୍ରକ୍ରିୟା କେଉଁ ପର୍ଯ୍ୟାୟରେ ଅଛି?

ଅତିରିକ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପ୍ରତିଷ୍ଠା

2389 **ଶ୍ରୀ ପଦ୍ମ ଚରଣ ହାଇବୁରୁ (କରଞ୍ଜିଆ):**

ପରିବହନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କରଞ୍ଜିଆ ସବ୍-ଡିଭିଜନର ଜନସାଧାରଣଙ୍କୁ ଗାଡି ପଞ୍ଜିକରଣ, ଡ୍ରାଇଭିଂ ଲାଇସେନ୍ସ(DL) ଏବଂ ଫିଟନେସ୍ ସାର୍ଟିଫିକେଟ୍ ପାଇଁ ଦୂରବର୍ତ୍ତୀ ରାଇରଙ୍ଗପୁର କିମ୍ବା ବାରିପଦା ଯିବାକୁ ପଡୁଛି ; ସାଧାରଣ ଲୋକଙ୍କ ସମୟ ଓ ଖର୍ଚ୍ଚ ବଞ୍ଚାଇବା ପାଇଁ କରଞ୍ଜିଆ ଠାରେ ଏକ ସ୍ଥାୟୀ ଅତିରିକ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପ୍ରତିଷ୍ଠା କରିବାର ପ୍ରସ୍ତାବ ଅଛି କି?

ବିକାଶମୂଳକ କାର୍ଯ୍ୟପାଇଁ ଖର୍ଚ୍ଚ

2390 **ଶ୍ରୀ ପ୍ରକାଶ ସୋରେନ (ବାରିପଦା):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାରିପଦା ନିର୍ବାଚନ ମଣ୍ଡଳୀରେ ଗତ 5 ବର୍ଷରେ କି କି କାମ (ବିକାଶମୂଳକ) ସରକାର ହାତକୁ ନେଇଛନ୍ତି ଓ କେଉଁ ସବୁ ବିଭାଗର କାମଗୁଡିକ ସମ୍ପୂର୍ଣ୍ଣ ହୋଇସାରିଲାଣି କେଉଁ କାମ ସବୁ ନିର୍ମାଣାଧିନ ଅଛି ; ଏ ବାବଦକୁ କେଉଁ କେଉଁ ବିଭାଗ କେତେ ଖର୍ଚ୍ଚ କରିଛନ୍ତି?

ରେଜିଷ୍ଟ୍ରେସନ୍ ହୋଇଥିବା ନୂତନ ଗାଡି ସଂଖ୍ୟା

2391 **ଶ୍ରୀ ପ୍ରକାଶ ସୋରେନ (ବାରିପଦା):**

ପରିବହନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାରିପଦା ନିର୍ବାଚନ ମଣ୍ଡଳୀରେ RTO ଅଫିସ୍ ଗୁଡିକରେ ଚଳିତ ବର୍ଷ କେତେ ନୂତନ ଗାଡି ରେଜିଷ୍ଟ୍ରେସନ୍ ହୋଇଛି, କେତେ ଜଣଙ୍କୁ DL ପ୍ରଦାନ କରାଯାଇଛି ଓ କେତୋଟି ରାସ୍ତା ଦୁର୍ଘଟଣା ଘଟିଛି, କେଉଁ କେଉଁ ସରକାରୀ ଅଫିସ୍ ପାଇଁ ସରକାର କେତୋଟି ନୂଆ ଗାଡି (EV) କେତେ ଟଙ୍କାରେ କିଣିଛନ୍ତି ?

ସାମ୍ବାଦିକଙ୍କ ସୁରକ୍ଷା ପାଇଁ ଯୋଜନା

2392 **ଶ୍ରୀ ପ୍ରକାଶ ସୋରେନ (ବାରିପଦା):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ କର୍ତ୍ତବ୍ୟରତ ସାମ୍ବାଦିକ ମାନଙ୍କର ସ୍ୱାର୍ଥ ରକ୍ଷା, ଭବିଷ୍ୟତ ସୁରକ୍ଷା, କାର୍ଯ୍ୟକ୍ଷେତ୍ରରେ ସୁରକ୍ଷା ପାଇଁ ସରକାରଙ୍କର କି କି ଯୋଜନା କାର୍ଯ୍ୟକାରୀ ହେଉଛି, (ଖ) ସେହିଭଳି ରାଜ୍ୟରେ ଥିବା Daily, Weekly, Fortnightly ଖବରକାଗଜ ସଂଖ୍ୟା କେତେ ଓ ସେଥିରୁ ଓଡ଼ିଆ, ଇଂରାଜୀ ଓ ହିନ୍ଦି ଭାଷାରେ ପ୍ରକାଶିତ Daily, Weekly, Fortnightly ସଂଖ୍ୟା କେତେ କେତେ, ପ୍ରକାଶିତ ଖବର କାଗଜ ଗୁଡିକୁ ସରକାର କେଉଁ କେଉଁ କ୍ଷେତ୍ରରେ କାହାକୁ ରଖିଛନ୍ତି ମାପକାଠି କ'ଣ ?

ରପ୍ତାନୀ ହେଉଥିବା ସାମଗ୍ରୀ

2393 **ଶ୍ରୀ ପ୍ରକାଶ ସୋରେନ (ବାରିପଦା):**

ବାଣିଜ୍ୟ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରୁ ଉତ୍ପାଦନ ହେଉଥିବା କେଉଁ କେଉଁ ସାମଗ୍ରୀ ଗୁଡିକ ଅନ୍ୟ ରାଜ୍ୟକୁ ଓ ବିଦେଶକୁ ରପ୍ତାନୀ ହେଉଛି ଓ ସେ ବାବଦକୁ କେତେ ରାଜସ୍ୱ ଆସୁଛି ?

OSRTC ତରଫରୁ ନୂତନ ବସ୍ ଚଳାଚଳ

2394 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

ପରିବହନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- OSRTC ତରଫରୁ ଗତ ୨ ବର୍ଷ ଭିତରେ କେତୋଟି ନୂତନ ବସ୍ କେଉଁ ରୁଟରେ ଚଳାଚଳ କରୁଛି ?

ଇକୋନୋମିକ କରିଡର

2395 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

ବାଣିଜ୍ୟ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶାରେ କେତୋଟି କେଉଁ କେଉଁ ସ୍ଥାନରେ ଇକୋନୋମିକ କରିଡର (SEZ) କରିବାର ଅଛି, ବନ୍ଦରଭିତ୍ତିକ ଏବଂ ନିର୍ମାଣ କ୍ଷେତ୍ରରେ ଅଭିବୃଦ୍ଧି ପାଇଁ ଓ ଦକ୍ଷ ଲଜିଷ୍ଟିକ୍ ଏବଂ ନିରନ୍ତର ପରିବହନ ଯୋଗାଯୋଗ ବ୍ୟବସ୍ଥା ଲାଗି ସଡ଼କ, ରେଳ, ବିମାନ ବନ୍ଦର ଏବଂ ବନ୍ଦର ଗୁଡିକ ମଧ୍ୟରେ ସମନ୍ୱିତ କରିବା ଉପରେ ସରକାରଙ୍କର କିଛି ପ୍ରୟାସ ଅଛି କି ?

ଦାରିଦ୍ର୍ୟ ଦୂରୀକରଣ ପାଇଁ ପଦକ୍ଷେପ

2396 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଦାରିଦ୍ର୍ୟ ଦୂରୀକରଣ, ଆଞ୍ଚଳିକ ବିକାଶରେ ଅସମାନତା ଦୂର କରିବା ପାଇଁ ସରକାର କି ପଦକ୍ଷେପ ନେଉଛନ୍ତି, ରାଜ୍ୟରେ ଗତ ୧୦ ବର୍ଷ ତଳେ ଦାରିଦ୍ର୍ୟ ସଂଖ୍ୟା କେତେ ଥିଲା ଓ ଏବେ କେତେ ଅଛି, ଓଡ଼ିଶାର ସୀମାନ୍ତ ଅଞ୍ଚଳରେ ଥିବା ଗ୍ରାମ ଗୁଡିକର ବିକାଶ ପାଇଁ ସରକାର କି କି ପଦକ୍ଷେପ ନେଉଛନ୍ତି ?

ବାଲି ଉଠାଇବା ପାଇଁ ଅନୁମତି

2397 **ଶ୍ରୀ ମନୋହର ରନ୍ଧାରି** (ଡାବୁଗାଁ):

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନବରଙ୍ଗପୁର ଜିଲ୍ଲାରେ କେଉଁ ନଦୀ ପଠାରୁ କେଉଁ କେଉଁ ଲାଇସେନ୍ସଧାରୀ କେତେ ବାଲି ବାର୍ଷିକ ଉଠାଇବା ପାଇଁ ଅନୁମତି ପାଇଛନ୍ତି ଓ ସେମାନେ କେତେ ବାଲି କେଉଁ ନଦୀରୁ ଉଠାଉଛନ୍ତି ଓ କେଉଁଠିକି ବାଲି କେତେ ରେଟରେ ସପ୍ଲାଇ କରୁଛନ୍ତି, କେତେ ବାଲି ଚୋରାଚାଲାଣ ପଡୋଶୀ ରାଜ୍ୟମାନଙ୍କୁ ହେଉଛି, ବାଲି ନିଲାମରେ ଜିଲ୍ଲାରୁ ସରକାର କେତେ ରାଜସ୍ୱ ପାଉଛନ୍ତି, ବାଲି ମାଫିଆଙ୍କ ଗତି ବିଧି ନଜର ରଖିବା ପାଇଁ ଓ ବାଲି ଚୋରାଚାଲାଣକୁ ରୋକିବା ପାଇଁ ସରକାର ପଦକ୍ଷେପ ନେବେକି?

କନ୍ଧମାଳ ଜିଲ୍ଲାରେ ହୋଇଥିବା କାର୍ଯ୍ୟ

2398 **ଶ୍ରୀ ଚକ୍ରମଣି କହଁର** (ବାଲିଗୁଡା):

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର ବାର୍ଷିକ ଯୋଜନା ଓ କେନ୍ଦ୍ର ସରକାରଙ୍କ ଓଡିଶା ପ୍ରତି ହେଉଥିବା ଯୋଜନା ଅନୁସାରେ ରାଜ୍ୟରେ କନ୍ଧମାଳ ଜିଲ୍ଲାରେ ଗତ ଦୁଇ ବର୍ଷ ଭିତରେ କେଉଁ କେଉଁ ଯୋଜନା ଅଧିନରେ କି କି କାମ ହୋଇଛି ଏବଂ କେତେ ପ୍ରୋଜେକ୍ଟ ପାଇଁ କେତେ ଖର୍ଚ୍ଚ ହୋଇଛି?

IDCOL କୁ ପ୍ରଦାନ କରାଯାଇଥିବା ଖଣି

2399 **ଶ୍ରୀ ଚକ୍ରମଣି କହଁର** (ବାଲିଗୁଡା):

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- IDCOL କୁ କେଉଁ କେଉଁ ଖଣି ପ୍ରଦାନ କରାଯାଇଛି ଓ ସେଗୁଡିକର ବାର୍ଷିକ ଉତ୍ପାଦନ କ୍ଷମତା କେତେ, ସେହିଭଳି ଓଏମସିକୁ କେଉଁ କେଉଁ ଖଣି ପ୍ରଦାନ କରାଯାଇଛି ଓଏମସିକୁ ଉତ୍ତୋଳିତକରିବା ପାଇଁ ଆଉ କେଉଁ କେଉଁ ସଂସ୍ଥାକୁ କେତେ ରେଟରେ ଦେଇଛି ଓ କେଉଁ ସଂସ୍ଥା ବାର୍ଷିକ କେତେ ଉତ୍ତୋଳନ କେତେ ବର୍ଷ ପାଇଁ କରିବେ ?

Press ରେ ସରକାରୀ ଜିନିଷ ଛାପା ହେଉଥିବା ସଂପର୍କରେ

2400 **ଶ୍ରୀ ଚକ୍ରମଣି କହଁର** (ବାଲିଗୁଡା):

ବାଣିଜ୍ୟ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାରଙ୍କ ଅଧିନରେ କେତୋଟି ପ୍ରିଣ୍ଟିଂ Press ଅଛି ଓ କେଉଁ କେଉଁ ପ୍ରେସ ରେ ବାର୍ଷିକ କେଉଁ କେଉଁ ସରକାରୀ ଜିନିଷ ଛାପା ହେଉଛି, କେତେ ସଂଖ୍ୟାରେ ଅନୁମୋଦିତ କର୍ମଚାରୀ ଅଛନ୍ତି ଓ କେତେ ପଦବୀ ଖାଲିଅଛି, ଏତଦବ୍ୟତିତ ସରକାର କେଉଁ କେଉଁ କାମ ପାଇଁ ରାଜ୍ୟ ବାହାରର ପ୍ରେସ ଉପରେ ନିର୍ଭରଶୀଳ ଅଛନ୍ତି ଓ ବାର୍ଷିକ କେତେ ଟଙ୍କାର କାମ ବାହାର ରାଜ୍ୟର ପ୍ରିଣ୍ଟି ପ୍ରେସ କୁ ଦିଆଯାଇଥାଏ?

ଯୋଜନା ଓ ପ୍ରସ୍ତାବଗୁଡ଼ିକୁ ଯୋଜନା ସହିତ ସମନ୍ୱିତ କରିବା ପାଇଁ ପଦକ୍ଷେପ

2401 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଭଦ୍ରକ ଜିଲ୍ଲାର ସାମଗ୍ରିକ, ସନ୍ତୁଳିତ ଓ ଦୀର୍ଘମିଆଦୀ ବିକାଶ ନିମନ୍ତେ ଜିଲ୍ଲା ଯୋଜନା କମିଟି ଦ୍ୱାରା ପ୍ରସ୍ତୁତ ଯୋଜନା ଓ ପ୍ରସ୍ତାବଗୁଡ଼ିକୁ ରାଜ୍ୟ ଯୋଜନା ସହିତ ସମନ୍ୱିତ କରିବା ପାଇଁ ସରକାରଙ୍କ କି ପଦକ୍ଷେପ ରହିଛି; (ଖ) ଧାମରା ବନ୍ଦର ଓ ଶିଳ୍ପାଞ୍ଚଳର ବିକାଶ, ଭଦ୍ରକ ସହରର ଆଧୁନିକୀକରଣ, ଗ୍ରାମୀଣ ଭିତ୍ତିଭୂମି, ଉପକୂଳ ଅଞ୍ଚଳର ବିକାଶ, ପର୍ଯ୍ୟଟନ ଓ ନିଯୁକ୍ତି ସୃଷ୍ଟିକୁ ପ୍ରାଥମିକତା ଦେଇ ଭଦ୍ରକ ଜିଲ୍ଲା ପାଇଁ ଏକ ସ୍ୱତନ୍ତ୍ର ବିକାଶ ପ୍ୟାକେଜ୍ ଓ ପାଞ୍ଚବର୍ଷୀୟ ବିକାଶ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବାକୁ ସରକାର ବିଚାର କରୁଛନ୍ତି କି ?

ନୟନଯୋରିର ପୁନଃରୁଦ୍ଧାର

2402 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବଣିଆଣୀ ପୋଖରୀଠାରୁ NH-16 ପାର୍ଶ୍ୱସ୍ଥ ଖେମକା ଛକ ପର୍ଯ୍ୟନ୍ତ ରହିଥିବା ନୟନଯୋରିର ପୁନରୁଦ୍ଧାର, ଖନନ ଓ ଜଳ ନିଷ୍କାସନ ବ୍ୟବସ୍ଥାର ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ କି ପଦକ୍ଷେପ ନିଆଯାଇଛି; (ଖ) ଅସୁରା ମୁଖୀ ସାହି କେନାଲକୁ ରାହାଞ୍ଜି କେନାଲ ସହିତ ସଂଯୋଗ କରିବା ପ୍ରସ୍ତାବର ବର୍ତ୍ତମାନ ସ୍ଥିତି କ'ଣ ଏବଂ ଏହାର କାର୍ଯ୍ୟାନ୍ୱୟନ ପାଇଁ କେବେ ସୁଦ୍ଧା ଅର୍ଥ ମଞ୍ଜୁର କରାଯିବ ?

ତହସିଲରେ ଜନଶୁଣାଣି ଶିବିରି

2403 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଭଦ୍ରକ ଜିଲ୍ଲାରେ ଜନସାଧାରଣଙ୍କ ଜମିଜମା ସମସ୍ୟାର ତ୍ୱରିତ ସମାଧାନ ପାଇଁ କେତୋଟି ତହସିଲ୍‌ରେ ଜନଶୁଣାଣି ଶିବିର ଓ ରାଜସ୍ୱ ଅଭିଯୋଗ ନିରାକରଣ ଶିବିର ଆୟୋଜନ କରାଯାଇଛି; (ଖ) ଭଦ୍ରକ ଜିଲ୍ଲାରେ ବନ୍ୟା ଓ ବାତ୍ୟା ପରେ ରାସ୍ତା, ବିଦ୍ୟୁତ୍ ପାନୀୟ ଜଳ ଓ ଅନ୍ୟାନ୍ୟ ଜରୁରୀ ସେବାର ପୁନଃସ୍ଥାପନ ପାଇଁ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗଗୁଡ଼ିକ ମଧ୍ୟରେ କି ସମନ୍ୱୟ ବ୍ୟବସ୍ଥା ରହିଛି ?

ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ପ୍ରଚାର ପାଇଁ ପ୍ରସ୍ତୁତି

2404 ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଭଦ୍ରକ ଜିଲ୍ଲାର ଐତିହାସିକ ମହତ୍ତ୍ୱ ସ୍ୱାଧୀନତା ସଂଗ୍ରାମର ଗୌରବମୟ ଇତିହାସ,ଶହୀଦମାନଙ୍କ ଅବଦାନ ଓ ଧାର୍ମିକ ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ରାଜ୍ୟସ୍ତରରେ ପ୍ରଚାର କରିବା ପାଇଁ ବିଭାଗ ପକ୍ଷରୁ କି ସ୍ୱତନ୍ତ୍ର ଡକ୍ୟୁମେଣ୍ଟାରୀ ଓ ପ୍ରଚାର ଅଭିଯାନ ପ୍ରସ୍ତୁତ କରାଯିବାର କଣ ଯୋଜନା ରହିଛି ; (ଖ) ଭଦ୍ରକ ଜିଲ୍ଲାର ଐତିହ୍ୟ, କଳା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ନିମନ୍ତେ ଆୟୋଜିତ ଭଦ୍ରାୟଣୀ ମହୋତ୍ସବ ଭଳି ଜିଲ୍ଲାସ୍ତରୀୟ ସାଂସ୍କୃତିକ ଆୟୋଜନକୁ ବିଭାଗୀୟ ପ୍ରଚାର ଓ ଆବଶ୍ୟକ ସହଯୋଗ ଯୋଗାଇବା ପାଇଁ କି ବ୍ୟବସ୍ଥା ରହିଛି ?

ନାଳର ପୁନଃରୁଦ୍ଧାର

2405 ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାସୁଦେବପୁର ବ୍ଲକ ବିରସ ପଞ୍ଚାୟତର ବୋହୂପୋଖରୀଠାରୁ (via - ରାଜଘରପୋଖରୀ ପଞ୍ଚାୟତ ବଡମଛୁଆଘାଇ) ମନ୍ତେଇ ମୁହାଣ ପର୍ଯ୍ୟନ୍ତ ଥିବା ନାଳର ଦୁରାବସ୍ଥା ସମ୍ପର୍କରେ ସରକାର ଜାଣନ୍ତି କି; ଯଦି ଉତ୍ତର ହଁ ହୁଏ ତେବେ କେବେ ସୁଦ୍ଧା ଉକ୍ତ ନାଳକୁ ପୁନଃରୁଦ୍ଧାର କରିବା ନିମନ୍ତେ ସରକାର ପଦକ୍ଷେପ ନେବେ ?

ପାଣି ପଞ୍ଚାୟତର ବିବରଣୀ

2406 ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚିଫ ଇଞ୍ଜିନିୟର, ବୈତରଣୀ ବେସିନ, କେନ୍ଦୁଝର ଅଧୀନରେ ଥିବା ସାଳନ୍ଦୀ କେନାଲ ଡ଼ିଭିଜନ, ଖଇରା ସବଡ଼ିଭିଜନ ଓ ମାର୍କୋଣା ସବଡ଼ଭିଜନ ଭଦ୍ରକ Irrigation Sub Division ମାନଙ୍କରେ ୨୦୨୪-୨୫, ୨୦୨୫-୨୬ ଓ ୨୦୨୬-୨୭ ଆର୍ଥିକ ବର୍ଷ ଗୁଡ଼ିକର କେତୋଟି ପାଣି ପଞ୍ଚାୟତକୁ କାର୍ଯ୍ୟାଦେଶ ଦିଆଯାଇ ଅଛି ଓ ସେଗୁଡ଼ିକର ବିଶେଷ ବିବରଣୀ ଯଥା ପାଣି ପଞ୍ଚାୟତର ନାମ, ସ୍ଥାନ ଓ ଠିକଣା, କେତେ ଟଙ୍କାର ଅନୁଦାନ (K2) agreement ଦିଆଯାଇଅଛି; ଏହି ଅନୁଦାନ Non-Plan, Plan ବା ଅନ୍ୟ କେଉଁ schemeରୁ ଦିଆଯାଇଅଛି କି ତାହାର ତଥ୍ୟ ପ୍ରଦାନ କିରବେ କି; ଯଦି ଏହା Chief Engineerଙ୍କ ଅନୁମୋଦନରୁ ଦିଆଯାଇଥାଏ, ତେବେ ଏହାର project approval, Chief Engineerଙ୍କ ଠାରୁ ହୋଇଛି କି; ଯଦି approval ଦିଆଯାଇଥାଏ ତେବେ ଏହାର ପ୍ରକଳ୍ପ ସଂଖ୍ୟା ଓ work list ପ୍ରଦାନ କରିବେ କି ?

Quarter ସଂଖ୍ୟା

2407 ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସାଳନ୍ଦୀ କେନାଲ ଡ଼ିଭିଜନରେ ଥିବା Quarter ସଂଖ୍ୟା କେତେ; କେଉଁ କେଉଁ typeର Quarter କେଉଁ କେଉଁ କର୍ମଚାରୀମାନଙ୍କୁ ଦିଆଯିବା କଥା ଏବଂ କେଉଁ କେଉଁ typeର Quarter କେଉଁ କେଉଁ କର୍ମଚାରୀମାନଙ୍କୁ ଦିଆଯାଇଛି ?

କାର୍ଯ୍ୟରତ ଅଧିକାରୀଙ୍କ ତାଲିକା

2408 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାସୁଦେବପୁର ତହସିଲ କାର୍ଯ୍ୟାଳୟରେ କେତେ ଜଣ ଅଧିକାରୀ ଏବଂ କର୍ମଚାରୀ କେଉଁ କେଉଁ ପଦବୀରେ କେବେଠାରୁ କାର୍ଯ୍ୟରତ ଅଛନ୍ତି ସେମାନଙ୍କର ନାମୱାରୀ ଏବଂ ପଦବୀୱାରୀ ତାଲିକା ପ୍ରଦାନ କରିବେ କି ?

ବିଜ୍ଞାପନ ବାବଦକୁ ହୋଇଥିବା ଖର୍ଚ୍ଚ

2409 **ଶ୍ରୀ ସି.ଏସ୍.ରାଜ୍ଞେନ୍ ଏକ୍କା (ରାଜଗାଙ୍ଗପୁର):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗତ ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷରେ ସରକାର କେଉଁ କେଉଁ ବାବଦକୁ କେଉଁ କେଉଁ Electronic media, print media ଓ ବିଭିନ୍ନ Hoarding ଲଗାଇ ବିଜ୍ଞାପନ ବାବଦକୁ କେତେ ଟଙ୍କା ଖର୍ଚ୍ଚ କରିଛନ୍ତି ତାହାର ଏକ ତାଲିକା ଦେବେ କି ?

ଜିଲ୍ଲା ପାଣ୍ଠିର DMFରେ ଜମା ଅର୍ଥର ପରିମାଣ

2410 **ଶ୍ରୀ ସି.ଏସ୍.ରାଜ୍ଞେନ୍ ଏକ୍କା (ରାଜଗାଙ୍ଗପୁର):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗତ ୨୦୨୨ରୁ ୨୦୨୬ ମସିହା ପର୍ଯ୍ୟନ୍ତ ସୁନ୍ଦରଗଡ଼ ଜିଲ୍ଲାପାଣ୍ଠିର DMFରେ କେତେ ଟଙ୍କା ଜମା ହୋଇଅଛି; କେଉଁ କେଉଁ ବ୍ଲକର କେଉଁ କେଉଁ ପଞ୍ଚାୟତ ଓ Municipality ପାଇଁ କେଉଁ project ପାଇଁ କେତେ ଟଙ୍କା ଖର୍ଚ୍ଚ ହୋଇ ଅଛି ତାହାର ଏକ ତାଲିକା Block wise, Municipality wise and project and year wise ଦେବେ କି ?

ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବ୍ୟକ୍ତିଙ୍କ ସଂଖ୍ୟା

2411 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବର୍ତ୍ତମାନ ରାଜ୍ୟରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବ୍ୟକ୍ତିଙ୍କ ସଂଖ୍ୟା ଶତକଡା କେତେ, 2024-25, 2025-26 ବର୍ଷ ତୁଳନାରେ ତାହା କମ୍ ନା ଅଧିକ, ଯଦି ଦାରିଦ୍ର୍ୟତା ବୃଦ୍ଧି ଘଟୁଥାଏ ତେବେ ଏହା ହ୍ରାସ ହେବାକୁ କିପରି ଯୋଜନା ପ୍ରସ୍ତୁତ ହେବ ଏବଂ ସରକାରଙ୍କର ପଦକ୍ଷେପ କ'ଣ ହେବ ?

ଲୁଣାବନ୍ଧ କାର୍ଯ୍ୟ

2412 **ଶ୍ରୀ ଭାସ୍କର ମଢେଇ (ଉଦଳା):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଜଳସମ୍ପଦ ବିଭାଗ ପକ୍ଷରୁ କେତୋଟି ଲୁଣାବନ୍ଧ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି, ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ ମଧ୍ୟରୁ କେଉଁ କେଉଁ ଜିଲ୍ଲା ମଧ୍ୟରେ କେତେ ଅର୍ଥ ବିନିଯୋଗ କରାଯାଉଛି ?

ଅନୁମୋଦନ ହୋଇଥିବା ଅର୍ଥକୁ ଅନ୍ୟ ପ୍ରକଳ୍ପକୁ ପରିବର୍ତ୍ତନ

2413 **ଶ୍ରୀ ସନ୍ତୋଷ ଖଟୁଆ (ନୀଳଗିରି):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ୨୦୨୪-୨୫ ଆର୍ଥିକ ବର୍ଷ ପର୍ଯ୍ୟନ୍ତ MLA-LAD (ବିଧାୟକ ପାଣ୍ଠି) ଅଧିନରେ ଗୋଟିଏ ପ୍ରକଳ୍ପ ପାଇଁ ଅନୁମୋଦନ (Sanction) ହୋଇଥିବା ଅର୍ଥକୁ ଅନ୍ୟ ପ୍ରକଳ୍ପକୁ ପରିବର୍ତ୍ତନ (Divert) କରିବାର ସୁବିଧା ଥିବା ବେଳେ ୨୦୨୫-୨୬ ବର୍ଷର ନୂତନ ନିୟମାବଳୀରେ ଏହା ବନ୍ଦ କରାଯାଇଥିବା ସରକାର ଅବଗତ ଅଛନ୍ତି କି, (ଖ) ଜମି ବିବାଦ, ବୈଷୟିକ ଅସୁବିଧା କିମ୍ବା ଅନ୍ୟାନ୍ୟ ଅପରିହାର୍ଯ୍ୟ କାରଣରୁ ମଞ୍ଜୁର ହୋଇଥିବା କାର୍ଯ୍ୟକାରୀ ହୋଇପାରୁନଥିବା ପ୍ରକଳ୍ପଗୁଡ଼ିକର ଅର୍ଥ ବାତିଲ ହୋଇ ପଡ଼ିରହୁଥିବାରୁ, ଜନହିତ ଦୃଷ୍ଟିରୁ ଉକ୍ତ ପାଣ୍ଠିକୁ ଅନ୍ୟ ନୂତନ ପ୍ରକଳ୍ପକୁ Divert କରିବା ପାଇଁ ନିୟମରେ ଶିଥିଳତା ଅଣାଯିବ କି ଏବଂ ଆଗାମୀ ଦିନରେ ବିଧାୟକମାନଙ୍କ ସୁପାରିଶକୁ ଆଧାର କରି ନୂତନ MLA-LAD Guidelines ରେ ସଂଶୋଧନ ଆଣି ପୂର୍ବପରି ଅନୁମୋଦିତ ପାଣ୍ଠି ପରିବର୍ତ୍ତନ (Diversion) କରିବାର ସୁବିଧା ପୁନଃପ୍ରଚଳନ କରିବାକୁ ସରକାର ବିଚାର କରିବେ କି ?

ବିନିଯୋଗ ଅର୍ଥର ବିବରଣୀ

2414 **ଶ୍ରୀ ଭାସ୍କର ମଢେଇ (ଉଦଳା):**

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ "ଆରଆଇଡିଏପ୍" ଆର୍ଥିକ ସହାୟତାରେ ଜଳସମ୍ପଦ ବିଭାଗରେ ଚାଲିଥିବା ପ୍ରକଳ୍ପ କେତୋଟି ସମ୍ପୂର୍ଣ୍ଣ ହୋଇଛି ଏବଂ କୃଷି ଶିଳ୍ପ ନିଗମ ଅଧିନରେ କେତୋଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି, ମେଗାଲିଫ୍ଟ, କ୍ଷୁଦ୍ର ଜଳସେଚନ, ଉଠାଜଳସେଚନ ନିଗମ ମାଧ୍ୟମରେ କେତେ ଅର୍ଥ ବିନିଯୋଗ ହୋଇଛି ?

ଖଣିଜ ପଦାର୍ଥ ଅନୁସନ୍ଧାନ କାର୍ଯ୍ୟକ୍ରମ

2415 **ଶ୍ରୀ ଭାସ୍କର ମଢେଇ (ଉଦଳା):**

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଖଣିଜ ପଦାର୍ଥ ଅନୁସନ୍ଧାନ ନିଗମ କାର୍ଯ୍ୟ କରୁଛି କି ଏବଂ ଖଣିଜ ପଦାର୍ଥ ଅନୁସନ୍ଧାନ କାର୍ଯ୍ୟକ୍ରମର ଅଭିବୃଦ୍ଧି ପାଇଁ କି କି ପଦକ୍ଷେପ ନିଆଯାଇଛି, ରାଜ୍ୟରେ ଖଣିଜ ଖାଦାନରେ କାର୍ଯ୍ୟରତ ଥିବା ଶ୍ରମିକମାନଙ୍କ ଦରମା ଓ ତାଙ୍କ ସୁରକ୍ଷା ପାଇଁ କି ବ୍ୟବସ୍ଥା ଅଛି ?

ସୂଚନା କେନ୍ଦ୍ର ସହ ପଠନଗାର ପ୍ରତିଷ୍ଠା

2416 **ଶ୍ରୀ ଅମର କୁମାର ନାୟକ** (ବଡ଼ଚଣା):

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ବିଭିନ୍ନ ଜିଲ୍ଲାର ସଦର ମହକୁମା ସମେତ ଅନ୍ୟ ସ୍ଥାନରେ ମଧ୍ୟ ସୂଚନାକେନ୍ଦ୍ର ଓ ପଠନଗାର ରହିଅଛି, କିନ୍ତୁ ଯାଜପୁର ଜିଲ୍ଲାରେ କେବଳ ଜିଲ୍ଲା ସଦର ମହକୁମାର ଏହି ସୁବିଧା ଉପଲବ୍ଧ ଥିବାବେଳେ ଯାଜପୁର ରୋଡର ସୂଚନାକେନ୍ଦ୍ର ଓ ପଠନଗାର କାର୍ଯ୍ୟକ୍ଷମ ଅବସ୍ଥାରେ ନଥିବା ବିଷୟରେ ଅବଗତ ଅଛନ୍ତି କି, ଯଦି ହଁ, ତେବେ ଯାଜପୁର ଜିଲ୍ଲାର ଏକ ବ୍ୟସ୍ତବହୁଳ ତଥା ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ଭାବେ ଖ୍ୟାତ ଚଣ୍ଡିଖୋଲ NAC ଠାରେ ସୂଚନାକେନ୍ଦ୍ର ସହ ଏକ ପଠନଗାର ପ୍ରତିଷ୍ଠା ନିମନ୍ତେ ନିଷ୍ପତ୍ତି ନେବେ କି, ଯଦି ହଁ, ତେବେ ସୂଚନାକେନ୍ଦ୍ର କେବେ ସୁଦ୍ଧା ପ୍ରତିଷ୍ଠା କରାଯିବ ?

ଜମିଜମା ରେକର୍ଡର ଡିଜିଟାଲାଇଜେସନ

2417 **ଶ୍ରୀ ଅମର କୁମାର ନାୟକ** (ବଡ଼ଚଣା):

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ଜମିଜମା ରେକର୍ଡର ସମ୍ପୂର୍ଣ୍ଣ ଡିଜିଟାଲାଇଜେସନ୍, ରାଜସ୍ୱ ପ୍ରଶାସନର ଆଧୁନିକୀ କରଣ ଓ ଜମିଜମା ସମ୍ବନ୍ଧୀୟ ସେବାରେ ସ୍ୱଚ୍ଛତା ଆଣିବା ପାଇଁ କୌଣସି ନୂତନ ନୀତି ବା ସଂସ୍କାର ମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି କି, ଯଦି ହଁ, ମ୍ୟୁଟେସନ୍ ପ୍ରକ୍ରିୟାର ତ୍ୱରିତ ଫଇସଲା, ବାକି ଥିବା ଆବେଦନ ଓ ରାଜସ୍ୱ ଆଦାଲତରେ ପେଣ୍ଡିଂ ଜମି ବିବାଦର ସମାଧାନ ପାଇଁ କ'ଣ ସମୟବଦ୍ଧ ପଦକ୍ଷେପ ନିଆଯାଇଛି, (ଖ) ଜମିର ସଠିକ୍ ସୀମା ନିର୍ଦ୍ଧାରଣ, ରେକର୍ଡ ସଂଶୋଧନ ଓ ଜମି ବିବାଦର ସ୍ଥାୟୀ ସମାଧାନ ପାଇଁ GIS, ଡ୍ରୋନ୍ ସର୍ଭେ ଓ ଅନ୍ୟାନ୍ୟ ଆଧୁନିକ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ସହ କି ପଦକ୍ଷେପ ଗ୍ରହଣ କରିଛନ୍ତି, ଏହାର କାର୍ଯ୍ୟକାରିତା ପାଇଁ କ'ଣ ସମୟସୀମା ଧାର୍ଯ୍ୟ ହୋଇଛି ?

ପ୍ରକଳ୍ପ ଭିତ୍ତିକ ବିବରଣୀ

2418 **ଶ୍ରୀ ସଂଜୀବ କୁମାର ମଲ୍ଲିକ** (ଭଣ୍ଡାରୀପୋଖରୀ):

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀରେ ଆଖୁଆପଦା ଜଳସମ୍ପଦ ଡିଭିଜନ ଅଧୀନରେ କେତୋଟି ନଦୀବନ୍ଧ ନିର୍ମାଣ, ମରାମତି ଓ ସୁଦୃଢ଼ୀକରଣ ପ୍ରକଳ୍ପ ଚାଲୁ ରହିଛି, (ଖ) ଏହି ସମସ୍ତ ପ୍ରକଳ୍ପ ମଧ୍ୟରୁ ଏପର୍ଯ୍ୟନ୍ତ କେତୋଟି ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଏବଂ କେତୋଟି ପ୍ରକଳ୍ପର କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଛି, ଅସମ୍ପୂର୍ଣ୍ଣ କାର୍ଯ୍ୟଗୁଡ଼ିକର ନାମ, ସ୍ଥାନ ଓ ବର୍ତ୍ତମାନର ସ୍ଥିତି କ'ଣ, TS ଅସମ୍ପୂର୍ଣ୍ଣ ନଦୀବନ୍ଧ କାର୍ଯ୍ୟଗୁଡ଼ିକ କେଉଁ କାରଣରୁ ବିଳମ୍ବିତ ହେଉଛି, ଏହାର ନିର୍ମାଣ କାର୍ଯ୍ୟ କେବେ ସୁଦ୍ଧା ସମ୍ପୂର୍ଣ୍ଣ କରାଯିବାକୁ ଲକ୍ଷ୍ୟ ରଖିଛନ୍ତି, ଭଣ୍ଡାରିପୋଖରୀ ଅଞ୍ଚଳରେ ବନ୍ୟା ସମୟରେ ନଦୀବନ୍ଧ ଦୁର୍ବଳ ଥିବା କାରଣରୁ ଯେଉଁସବୁ ଗ୍ରାମ ଜଳମଗ୍ନ ହେବାର ଆଶଙ୍କା ରହିଛି, ସେହି ସ୍ଥାନଗୁଡ଼ିକୁ ଚିହ୍ନଟ କରି ନଦୀବନ୍ଧର ସ୍ଥାୟୀ ସୁଦୃଢ଼ୀକରଣ ପାଇଁ କି ପଦକ୍ଷେପ ନେଇଛନ୍ତି, ଉକ୍ତ ନଦୀବନ୍ଧ ଯୋଜନାଗୁଡ଼ିକ ପାଇଁ ଗତ ପାଞ୍ଚବର୍ଷରେ କେତେ ଅର୍ଥ ମଞ୍ଜୁର ହୋଇଛି, କେତେ ଖର୍ଚ୍ଚ ହୋଇଛି ଏବଂ କେତେ ଅର୍ଥ ଅବ୍ୟବହୃତ ରହିଛି, ଅବଶିଷ୍ଟ ନଦୀବନ୍ଧ କାର୍ଯ୍ୟଗୁଡ଼ିକୁ ଶୀଘ୍ର ସମ୍ପୂର୍ଣ୍ଣ କରିବା ସହିତ ଆଗାମୀ ବର୍ଷା ଓ ବନ୍ୟା ଋତୁ ପୂର୍ବରୁ ଦୁର୍ବଳ ନଦୀବନ୍ଧ ଗୁଡ଼ିକର ମରାମତି ଓ ସୁଦୃଢ଼ୀକରଣ ପାଇଁ କି ସମୟବଦ୍ଧ କାର୍ଯ୍ୟଯୋଜନା ଗ୍ରହଣ କରିଛନ୍ତି ?

ବନ୍ଦରର ସଖ୍ୟା

2419 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

ବାଣିଜ୍ୟ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଓଡ଼ିଶାରେ ବର୍ତ୍ତମାନ କେତୋଟି ପ୍ରମୁଖ ଓ ଅନ୍ୟାନ୍ୟ କାର୍ଯ୍ୟକ୍ଷମ ବନ୍ଦର ରହିଛି ଏବଂ ସେଗୁଡ଼ିକ କେଉଁ କେଉଁ ଜିଲ୍ଲାରେ ଅବସ୍ଥିତ, ପ୍ରତ୍ୟେକ ବନ୍ଦରର ପାର୍ଶ୍ୱବର୍ତ୍ତୀ ଗ୍ରାମ ଓ ପ୍ରଭାବିତ ଅଞ୍ଚଳର ସଂଖ୍ୟା କେତେ, (ଖ) ପ୍ରତ୍ୟେକ ବନ୍ଦର ପକ୍ଷରୁ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକରେ ପାନୀୟ ଜଳ, ରାସ୍ତା, ଆଲୋକୀକରଣ, ଡ୍ରେନେଜ୍, ଶିକ୍ଷା, ସ୍ୱାସ୍ଥ୍ୟ, ଶୌଚାଳୟ ଓ ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇବା ପାଇଁ କେଉଁ କେଉଁ କାର୍ଯ୍ୟ କରାଯାଇଛି, ଏହାର ବନ୍ଦର ଓ ଗ୍ରାମଭିତ୍ତିକ ସମ୍ପୂର୍ଣ୍ଣ ତଥ୍ୟ କ'ଣ, ଗତ ୫ ବର୍ଷ ମଧ୍ୟରେ ପ୍ରତ୍ୟେକ ବନ୍ଦର ପକ୍ଷରୁ CSR ଓ ଅନ୍ୟାନ୍ୟ ସାମାଜିକ ଦାୟିତ୍ୱ ଯୋଜନାରେ କେତେ ଅର୍ଥ ବ୍ୟୟ କରାଯାଇଛି, କେଉଁ ବର୍ଷରେ କେଉଁ କାର୍ଯ୍ୟ ପାଇଁ କେତେ ଅର୍ଥ ଖର୍ଚ୍ଚ ହୋଇଛି ଏବଂ କେତେ ଅର୍ଥ ଅବ୍ୟବହୃତ ରହିଛି, ବନ୍ଦର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବେକାର ଯୁବକ-ଯୁବତୀଙ୍କୁ ବନ୍ଦର, ଲଜିଷ୍ଟିକ୍ସ, ମାଲ ପରିବହନ, ଶିଳ୍ପ ଓ ଅନ୍ୟାନ୍ୟ କ୍ଷେତ୍ରରେ ନିଯୁକ୍ତି ଦେବା ପାଇଁ ପ୍ରତ୍ୟେକ ବନ୍ଦର ପକ୍ଷରୁ କେଉଁ ପ୍ରଶିକ୍ଷଣ ଓ ନିଯୁକ୍ତି ଯୋଜନା କାର୍ଯ୍ୟକାରୀ କରାଯାଇଛି, ଗତ ୫ ବର୍ଷରେ କେତେ ଜଣ ସ୍ଥାନୀୟ ଯୁବକ-ଯୁବତୀ ନିଯୁକ୍ତି ପାଇଛନ୍ତି ?

ପ୍ରସ୍ତୁତିମୂଳକ ବ୍ୟବସ୍ଥା ସମ୍ପର୍କରେ

2420 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀ ବନ୍ୟା ଓ ବାତ୍ୟା ପ୍ରବଣ ଅଞ୍ଚଳ ହୋଇଥିବାରୁ ଏହାର ମୁକାବିଲା ପାଇଁ ସରକାରଙ୍କ ପକ୍ଷରୁ କେଉଁ ସ୍ୱତନ୍ତ୍ର ବିପର୍ଯ୍ୟୟ ପ୍ରଶମନ ଓ ପ୍ରସ୍ତୁତିମୂଳକ ବ୍ୟବସ୍ଥା ଗ୍ରହଣ କରାଯାଇଛି, (ଖ) ଏହି ନିର୍ବାଚନମଣ୍ଡଳୀରେ ବର୍ତ୍ତମାନ କେତୋଟି ବାତ୍ୟା ଆଶ୍ରୟସ୍ଥଳୀ ଓ ବନ୍ୟା ଆଶ୍ରୟସ୍ଥଳୀ ରହିଛି, ସେଗୁଡ଼ିକ ମଧ୍ୟରୁ କେତୋଟି କାର୍ଯ୍ୟକ୍ଷମ ଅଛି ଏବଂ କେତୋଟିର ମରାମତି ଓ ନବୀକରଣ ଆବଶ୍ୟକ, ଜନସଂଖ୍ୟା, ବନ୍ୟା ଓ ବାତ୍ୟାର ବିପଦ ଏବଂ ଆଶ୍ରୟସ୍ଥଳୀର ଦୂରତାକୁ ବିଚାରକୁ ନେଇ ଭଣ୍ଡାରିପୋଖରୀରେ ନୂତନ ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ କିଛି ନୂତନ ପ୍ରକଳ୍ପ ଗ୍ରହଣ କରିଛନ୍ତି କି, ଯଦି ହଁ, କେଉଁ କେଉଁ ସ୍ଥାନରେ କେତୋଟି ଆଶ୍ରୟସ୍ଥଳୀ ନିର୍ମାଣ ହେବ, ଏଥିପାଇଁ କେତେ ଅର୍ଥ ମଞ୍ଜୁର ହୋଇଛି ଏବଂ କାର୍ଯ୍ୟ କେବେ ଆରମ୍ଭ ଓ କେବେ ସମାପ୍ତ ହେବ, ବନ୍ୟା ସମୟରେ ନିର୍ବାଚନମଣ୍ଡଳୀର କେଉଁ କେଉଁ ଗ୍ରାମ ଓ ପଞ୍ଚାୟତ ଅଧିକ ପ୍ରଭାବିତ ହେଉଛନ୍ତି, ସେହି ଗ୍ରାମଗୁଡ଼ିକର ବିପଦ ମାନଚିତ୍ର ପ୍ରସ୍ତୁତ କରି ଆଗୁଆ ସତର୍କତା, ଲୋକଙ୍କ ସ୍ଥାନାନ୍ତରଣ ଓ ଉଦ୍ଧାର କାର୍ଯ୍ୟ ପାଇଁ କି ବ୍ୟବସ୍ଥା କରାଯାଇଛି ?

Compensation paid under SDRF WDRF norms

2421 **ଶ୍ରୀ ରୋହିତ ଯୋଶେଫ ଟିର୍କି (ବୀରମିତ୍ରପୁର):**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) How many houses fully/partially/severally damage in Murudidi - as per damage assessment by

Tahasildar under Birmitrapur A/C and how much compensation paid under SDRF/NDRF norms @1.2 lakhs for fully damage pucca/katacha house in last 2 years; (b) how many hectares of paddly and non-paddy crop sub merged in marudidi due to incessant rainfall has croploss assesment done by Agriculture Dept/RI for input 2 years subsidy; whether maruididi farmers covered under PM fasal Bima Yojna- claim settled for rainfall damage in last 2 years ?

ମୋରମ ଉତ୍ତୋଳନ କାର୍ଯ୍ୟ

2422 ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବଲାଙ୍ଗିର ଜିଲ୍ଲାରେ ଗତ ତିନି ବର୍ଷ ମଧ୍ୟରେ କେତୋଟି ସୀକୃତିପ୍ରାପ୍ତ / ନିଲାମ ଆବଣ୍ଟିତ ବାଲିଘାଟ, ପଥର ଖୋଦାନ (Quarry) ଏବଂ ମୋରମ ଉତ୍ତୋଳନ କାର୍ଯ୍ୟ ଚାଲୁଅଛି ଓ ସେଗୁଡିକରୁ କେତେ ଜିଲ୍ଲା ରାଜସ୍ୱ ଆକାରରେ ଅର୍ଥ ଆଦୟ ହୋଇଛି, (ଖ) କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅଂଚଳର କେଉଁ କେଉଁ ବାଲି, ପଥର ଓ ମୋରମ ଖୋଦାନରୁ କେତେ କ୍ୟୁବିକ୍ ମିଟର/ ମେଟ୍ରିକ ଟନ ବାଲି, ପଥର ଓ ମୋରମ ଉତ୍ତୋଳନ ପାଇଁ କେଉଁ ସଂସ୍ଥା ବା ବ୍ୟକ୍ତିଙ୍କୁ ଆବଣ୍ଟନ ହୋଇଛି ଏବଂ ତୁରେକେଲା ବ୍ଲକର ଚଟୁଅନକା -୨ ଓ ଟିକ୍ରାପଡା ପଥର ଖାଦାନ ତଥା ଭରୁଆକାନୀ ବାଲିଖୋଦାନ, ମୁରିବାହାଲ ବ୍ଲକର ଅଣ୍ଡାଲକୋର ପଥର ଖାଦାନ ତଥା ଗୁଡିଘାଟ ଓ ଯାମପଦର ବାଲିଘାଟ ଏବଂ ବଙ୍ଗୋମୁଣ୍ଡା ବ୍ଲକର ଭିକାପଡା, ସାନଗମଡା-ବି ଓ ସି, ସିନ୍ଧିଭାଡି-୧ ଓ ୨, ସାଲେମୁଗା-ବି ପଥର ଖୋଦାନ ତଥା ତୁରେକେଲା, ଭତାସର, ସାନମୁଲା, ଅଶୁର୍ଲା, ଶ୍ରୀରାମ, ଚାନ୍ଦୋତରା-ବି, ଭୁଷଲାଡ-ଏ ଓ ବି, ତେଲସରେଇ, ପଲାସଖଣ୍ଡ ଓ ପରୁଆଭାଡି ବାଲିଘାଟ ର ବର୍ତମାନ ସ୍ଥିତି କଣ ?

ପାଣ୍ଡି ପୁନଃବିନିଯୋଗ ପ୍ରସ୍ତାବ

2423 ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ବିଧାୟକ ଆଂଚଳିକ ଉନ୍ନୟନ ପାଣ୍ଠି (MLA LAD Funds) ଅଧୀନରେ ବିଧାୟକ ମାନଙ୍କ ଦ୍ୱାରା ସୁପାରିଶ ହୋଇଥିବା କୌଣସି ପ୍ରକଳ୍ପ ସୁପାରିଶ ଓ ମଂଜୁରି ଅବଧି ମଧ୍ୟରେ ଅନ୍ୟ କୌଣସି ଯୋଜନାରେ ମଂଜୁର ହୋଇ କାର୍ଯ୍ୟକାରୀ ହୋଇଥିବା କିମ୍ବା ସମାନ ପ୍ରକଳ୍ପ ପାଇଁ ଅନ୍ୟ ଯୋଜନାରେ ମଂଜୁରି ହୋଇଥିବା ପରିସ୍ଥିତିରେ, ପୁର୍ବ ସୁପାରିଶକୃତ ପ୍ରକଳ୍ପକୁ ବାତିଲ କରି ସେହି ଅର୍ଥରାଶିକୁ ବିଧାୟକଙ୍କ ସୁପାରିଶ କ୍ରମେ ଅନ୍ୟ ଏକ ଜନହିତକର ପ୍ରକଳ୍ପ ପରିବର୍ତ୍ତନ ଓ ପାଣ୍ଠି ପୁନଃବିନିଯୋଗ (Diversion/ Substitution) ପ୍ରସ୍ତାବର ଅନୁମୋଦନ ଜିଲ୍ଲା ସ୍ତରରେ ନହୋଇ ରାଜ୍ୟସରକାରଙ୍କ ସ୍ତରରେ ହେଉଛି କି, (ଖ) ଯଦି ହଁ, ତେବେ ଏଭଳି ପ୍ରକଳ୍ପ ପରିର୍ବତ୍ତନ ପ୍ରସ୍ତାବ ଗୁଡିକୁ ଜିଲ୍ଲାସ୍ତରରୁ ରାଜ୍ୟସ୍ତରକୁ ପଠାଯାଇ ପୁନଃ ଅନୁମୋଦନ ଅପେକ୍ଷାରେ ରହୁଥିବାରୁ ପ୍ରକଳ୍ପ ଗୁଡିକର କାର୍ଯ୍ୟକାରିତାରେ ଅହେତୁକ ବିଳମ୍ବ ହେଉଥବା ଦୃଷ୍ଟିରୁ, ଏଭଳି ପରିସ୍ଥିତିରେ ଜିଲ୍ଲା ସ୍ତରୀୟ ଯାଞ୍ଚ ଓ ନିର୍ବାଚିତ ଆର୍ଥିକ ସୀମା ଆଧାରରେ ଜିଲ୍ଲାପାଳଙ୍କୁ ପ୍ରକଳ୍ପ ପରିବର୍ତ୍ତନ ଓ ପାଣ୍ଠିର ପୁନଃବିନିଯୋଗ ପ୍ରସ୍ତାବ ଅନୁମୋଦନ କରିବାର କ୍ଷମତା ପ୍ରଦାନ କରିବା ସହ ଏଥିପାଇଁ ଏକ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶନାମା ଜାରି କରିବାକୁ ପଦକ୍ଷେପ ଗ୍ରହଣ କରିବେ କି ?

ପ୍ରସ୍ତାବ ଗୁଡିକର ସ୍ଥିତି

2424 ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ୨୦୨୪-୨୫ ଆର୍ଥିକ ବର୍ଷଠାରୁ ବର୍ତମାନ ସୁଦ୍ଧା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ତୁରେକେଲା, ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକରେ କେଉଁ କେଉଁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଚେକ୍ ଡ୍ୟାମ୍ ଓ ଡାଇଭର୍ସନ୍ ୱେର୍ ନିର୍ମାଣ ପାଇଁ ପ୍ରସ୍ତାବ ହସ୍ତଗତ ହୋଇଛି, ଉକ୍ତ ପ୍ରସ୍ତାବଗୁଡିକ ବର୍ତ୍ତମାନ କେଉଁ ସ୍ତରରେ ବିଚାରାଧିନ ଅଛି ବା ଅନୁମୋଦନ କରାଯାଇଛି, (ଖ) ବଙ୍ଗୋମୁଣ୍ଡା- ୧ ଓ ୨ (Bangomunda MIP-I and II), ଗାଡ଼ିଆଯୋର କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପନୁରୁଦ୍ଧାର ଓ ଉନ୍ନତିକରଣ ପାଇଁ ବର୍ତ୍ତମାନ ସୁଦ୍ଧା କେଉଁ ସବୁ ପଦକ୍ଷେପ ଗ୍ରହଣ କରିଛନ୍ତି, ପ୍ରକଳ୍ପ ୱାରୀ କେତେ ଅର୍ଥ ମଞ୍ଜୁର ହୋଇଛି ଏବଂ ସମ୍ପାଦନ କାର୍ଯ୍ୟ କେବେ ଆରମ୍ଭ ହେବ, ଏଥିପାଇଁ କୌଣସି ସଂସ୍ଥା ବା ଠିକାଦାରଙ୍କୁ ଚୟନ କରାଯାଇଛି କି, ଯଦି ହଁ, ତେବେ ଚୟନୀତ ବା କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିବା ସଂସ୍ଥା ବା ଠିକାଦାର ନାମ ସହ ହୋଇଥିବା ଚୁକ୍ତିନାମାର ସମ୍ପୁର୍ଣ୍ଣ ବିବରଣୀ ପ୍ରଦାନ କରିବେ କି ?

ରାହୁଲ - ଉତେଇ ନଦୀ ଜଳ ସେଚନ ପ୍ରକଳ୍ପର ସ୍ଥିତି

2425 ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଳାହାଣ୍ଡି ଜିଲ୍ଲାର ରାହୁଲ - ଉତେଇ ନଦୀ ଜଳସେଚନ ପ୍ରକଳ୍ପର ସ୍ଥିତି କ'ଣ, ଏହି ପ୍ରକଳ୍ପ ଗୁଡିକର ନିର୍ମାଣ କାର୍ଯ୍ୟ କେବେ ଠାରୁ ଆରମ୍ଭ ହେବ ?

ଗଚ୍ଛିତ ଥିବା ଖଣିଜ ସମ୍ପଦ ସମ୍ପର୍କରେ

2426 ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶାର ଭୂତଳରେ କେତେ ପରିମାଣରେ ଲୁହାପଥର / କୋଇଲା / ମାଙ୍ଗାନିଜ୍ ଇତ୍ୟାଦି ଖଣିଜ ସମ୍ପଦ ଗଚ୍ଛିତ ହୋଇ ରହିଅଛି ଏବଂ ସମଗ୍ର ଦେଶର ଭୂତଳ ଖଣିଜ ପଦାର୍ଥର ଏହା କେତେ ଶତାଂଶ ଅଟେ, ବର୍ତ୍ତମାନ ରାଜ୍ୟରେ ବାର୍ଷିକ ଖଣିଜ ପଦାର୍ଥ ବିଭିନ୍ନ ସଂସ୍ଥା ଦ୍ୱାରା କେତେ ପରିମାଣରେ ଉତ୍ତୋଳିତ ହେଉଅଛି ଏବଂ ସେହି ହାରରେ ଗଚ୍ଛିତ ଖଣିଜ ପଦାର୍ଥ କେତେ ବର୍ଷ ମଧ୍ୟରେ ସମାପ୍ତ ହେବ, ଭବିଷ୍ୟତ ପାଇଁ ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ଲୁହାପଥର / କୋଇଲା ଇତ୍ୟାଦି ଉତ୍ତୋଳନ ଉପରେ କୌଣସି ନିୟନ୍ତ୍ରଣ ରଖିବା ପାଇଁ ଯୋଜନା କରିଛନ୍ତି କି, ଯଦି 'ହଁ' ତାହାର ତଥ୍ୟ ପ୍ରଦାନ କରିବେ କି, ଯଦି ନାଁ, ତା'ର କାରଣ କ'ଣ ?

ପଶ୍ଚିମ ଓଡିଶା ବିକାଶ ପରିଷଦ ପାଇଁ ବଜେଟରେ ଅର୍ଥ ପ୍ରାବଧାନ

2427 ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ୨୦୨୪ -୨୫, ୨୦୨୫-୨୬ ଓ ୨୦୨୬-୨୭ ଆର୍ଥିକ ବର୍ଷରେ ପଶ୍ଚିମ ଓଡିଶା ବିକାଶ ପରିଷଦ ପାଇଁ ରାଜ୍ୟ ସରକାର କେତେ ଅର୍ଥ ବଜେଟ୍ ରେ ପ୍ରାବଧାନ କରିଥିଲେ ଏବଂ ସେଥିରୁ ଏପର୍ଯ୍ୟନ୍ତ କେତେ ଅର୍ଥ ବିକାଶ ପରିଷଦ ପାଣ୍ଠିକୁ ପ୍ରଦାନ କରିଛନ୍ତି, ତାହାର ଏକ ବର୍ଷୱାରି ହିସାବ ଦେବେ କି, ଏହି ସମୟ ମଧ୍ୟରେ ବିକାଶ ପରିଷଦ ଅନ୍ତର୍ଗତ କେଉଁ କେଉଁ ନିର୍ବାଚନ ମଣ୍ଡଳୀରୁ କେତେ କେତେ ଟଙ୍କାର କେତେ ଗୋଟି ପ୍ରସ୍ତାବ ଆସିଥିଲା, ସେଥିରୁ କେତେ ଟଙ୍କାର କେତେ ପ୍ରସ୍ତାବ ମଂଜୁର ହୋଇ ଟଙ୍କା ଦିଆଯାଇ ଅଛି ଏବଂ ସେଇ ଅର୍ଥ ଖର୍ଚ୍ଚର ବିସ୍ତୃତ ତଥ୍ୟ ଦେବେ କି, ସମ୍ବଲପୁର ଜିଲ୍ଲାର ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀ ପାଇଁ ଗତ ତିନୋଟି ଆର୍ଥିକ ବର୍ଷରେ କେତେ ଟଙ୍କାର କେତୋଟି ପ୍ରସ୍ତାବ ଆସିଅଛି ଏବଂ ସେଥିରୁ କେତୋଟି ପ୍ରକଳ୍ପ ମଞ୍ଜୁର ହୋଇ ପାଣ୍ଠି ଯୋଗାଇ ଦିଆଯାଇଛି ଏବଂ କେତୋଟି ପ୍ରକଳ୍ପ ସମ୍ପୂର୍ଣ ହୋଇଅଛି ?

ନୂତନ କାରଖାନା ନିର୍ମାଣର ସ୍ଥିତି

2428 ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):

ଇସ୍ପାତ ଓ ଖଣି ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଏବେ ସୁଦ୍ଧା କେଉଁ କେଉଁ ଠାରେ କେତୋଟି ଇସ୍ପାତ କାରଖାନା ଅଛି, ଓ ଏଥିରୁ ବାର୍ଷିକ କେତେ ପରିମାଣର ଇସ୍ପାତ ଉତ୍ପାଦନ ହେଉଛି, ଏହିସବୁ କାରଖାନାରେ କେତେ ସଂଖ୍ୟକ କର୍ମଚାରୀ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବରେ କାର୍ଯ୍ୟ କରୁଛନ୍ତି, ଏହାର ଏକ କାରଖାନାୱାରୀ ତାଲିକା ପ୍ରଦାନ କରିବେ କି, ନୂତନ କାରଖାନା ନିର୍ମାଣ ପାଇଁ ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାରଙ୍କ ସହିତ କେଉଁ କେଉଁ ସଂସ୍ଥା ରାଜିନାମା କରିଛନ୍ତି ଏବଂ ବର୍ତ୍ତମାନ ରାଜିନାମା ଅନୁଯାୟୀ ସେହି ସବୁ କାରଖାନା ନିର୍ମାଣର ସ୍ଥିତି କ'ଣ ?

MIP ମରାମତି

2429 ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସିମୁଳିଆ ନିର୍ବାଚନ ମଣ୍ଡଳୀର ଦୁଇଟି ବ୍ଲକରେ ଥିବା MIP ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାବେଳେ ତାର ମରାମତି ପାଇଁ ସରକାର ଚଳିତ ବର୍ଷ କି ପ୍ରସ୍ତାବ ରଖିଛନ୍ତି, ଏବଂ ସରକାର ଏହାର ପୁନରୁଦ୍ଧାର କରି ଚାଷ ଜମିକୁ ପାଣି ଯୋଗାଇ ଦେବାପାଇଁ କି ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି ?

ପ୍ରକଳ୍ପୱାରୀ ଅର୍ଥ ମଞ୍ଜୁର ଓ ବ୍ୟୟର ପରିମାଣ

2430 ଶ୍ରୀ ଦିବ୍ୟ ଶଙ୍କର ମିଶ୍ର (ଜୁନାଗଡ଼):

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗତ ୩ ବର୍ଷରେ କଳାହାଣ୍ଡି ଜିଲ୍ଲା ଖଣିଜ ପ୍ରତିଷ୍ଠାନ (DMF) ପାଣ୍ଠିରୁ ଜୁନାଗଡ଼ ଓ ଗୋଲାମୁଣ୍ଡା ବ୍ଲକ୍ ପାଇଁ ପ୍ରକଳ୍ପୱାରୀ କେତେ ଅର୍ଥ ମଞ୍ଜୁର ଓ ବ୍ୟୟ ହୋଇଛି, କେତୋଟି ପ୍ରକଳ୍ପ ଅସମ୍ପୂର୍ଣ୍ଣ ରହିଛି ଏବଂ ବିଳମ୍ବ ଓ ଅର୍ଥ ବିନିଯୋଗର ଅନିୟମିତତା ସମ୍ପର୍କରେ କ'ଣ ଯାଞ୍ଚ ଓ କାର୍ଯ୍ୟାନୁଷ୍ଠାନ ହୋଇଛି ?

ଜନସଚେତନତା କାର୍ଯ୍ୟକ୍ରମ ପାଇଁ ଅର୍ଥ ମଞ୍ଜୁର

2431 ଶ୍ରୀ ଦିବ୍ୟ ଶଙ୍କର ମିଶ୍ର (ଜୁନାଗଡ଼):

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗତ ୩ ବର୍ଷରେ କଳାହାଣ୍ଡି ଜିଲ୍ଲାରେ ସରକାରୀ ଯୋଜନାର ପ୍ରଚାର, ବିଜ୍ଞାପନ ଓ ଜନସଚେତନତା କାର୍ଯ୍ୟକ୍ରମ ପାଇଁ କେତେ ଅର୍ଥ ମଞ୍ଜୁର ଓ ବ୍ୟୟ ହୋଇଛି ସେଥିରୁ ଜୁନାଗଡ଼ ନିର୍ବାଚନ ମଣ୍ଡଳୀରେ କେଉଁ କେଉଁ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି ଏବଂ ବ୍ୟୟର ଯାଞ୍ଚ ଓ ଫଳାଫଳ ମୂଲ୍ୟାୟନ କରାଯାଇଛି କି ?

ଯୋଜନାୱାରୀ ବ୍ୟୟର ପରିମାଣ

2432 ଶ୍ରୀ ଦିବ୍ୟ ଶଙ୍କର ମିଶ୍ର (ଜୁନାଗଡ଼):

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗତ ୩ ବର୍ଷରେ KBK, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଓ ଅନ୍ୟାନ୍ୟ ସ୍ୱତନ୍ତ୍ର ଉନ୍ନୟନ ଯୋଜନା ଅଧୀନରେ ଜୁନାଗଡ଼ ନିର୍ବାଚନ ମଣ୍ଡଳୀ ପାଇଁ ଯୋଜନାୱାରୀ କେତେ ଅର୍ଥ ମଞ୍ଜୁର ଓ ବ୍ୟୟ ହୋଇଛି, କେତୋଟି ପ୍ରକଳ୍ପ ଅସମ୍ପୂର୍ଣ୍ଣ ରହିଛି ଏବଂ ଅବ୍ୟବହୃତ ପାଣ୍ଠି ଓ ପ୍ରକଳ୍ପ ବିଳମ୍ବ ପାଇଁ କଣ ପଦକ୍ଷେପ ନିଆଯାଉଛି ?

କୋରାପୁଟ କଫିକୁ ଅନ୍ୟ ବ୍ରାଣ୍ଡରେ ବିକ୍ରି

2433 ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):

ବାଣିଜ୍ୟ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର, ଦଶମନ୍ତପୁର ଓ ଅନ୍ୟାନ୍ୟ ଆଦିବାସୀ ବ୍ଲକରେ ଉତ୍ପାଦିତ କଫି, ହଳଦୀ, ଅଦା ଓ ଅନ୍ୟାନ୍ୟ କୃଷିଜାତ ଦ୍ରବ୍ୟର ଉପଯୁକ୍ତ ବଜାରୀକରଣ ଓ ସରକାରୀ କ୍ରୟ ବ୍ୟବସ୍ଥାର ଅଭାବରୁ ଚାଷୀମାନେ ମଧ୍ୟସ୍ଥି ବ୍ୟବସାୟୀଙ୍କ ଉପରେ ନିର୍ଭରଶୀଳ ହେବା ସହ ଅନ୍ୟ ରାଜ୍ୟର ବ୍ୟବସାୟୀଙ୍କ ଦ୍ୱାରା ସେମାନଙ୍କ ଉତ୍ପାଦ କମ୍ ମୂଲ୍ୟରେ କ୍ରୟ କରାଯାଉଥିବା ଏବଂ କୋରାପୁଟର କଫିକୁ ଅନ୍ୟ ବ୍ରାଣ୍ଡରେ ବିକ୍ରି କରାଯାଉଥିବା ଅଭିଯୋଗ ଦୃଷ୍ଟିଗୋଚର ଅଛି କି, ଯଦି ହଁ, ତେବେ ଚାଷୀଙ୍କୁ ଉଚିତ୍ ମୂଲ୍ୟ, ସ୍ଥାନୀୟ ପ୍ରକ୍ରିୟାକରଣ କେନ୍ଦ୍ର, ସଂରକ୍ଷଣ ବ୍ୟବସ୍ଥା ଓ ସିଧାସଳଖ ଜାତୀୟ ବଜାର ସହ ସଂଯୋଗ କରିବା ପାଇଁ କି ପଦକ୍ଷେପ ନେଉଛନ୍ତି ?

କ୍ଷୟକ୍ଷତି ଆକଳନ

2434 ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର, ନାରାୟଣପାଟଣା, ବନ୍ଧୁଗାଁ ଓ ଦଶମନ୍ତପୁର ବ୍ଲକର ଦୁର୍ଗମ ଆଦିବାସୀ ଗ୍ରାମଗୁଡ଼ିକରେ ପ୍ରତିବର୍ଷ ଅତିବୃଷ୍ଟି, ବନ୍ୟା, ଭୂସ୍ଖଳନ ଓ ବାତ୍ୟା ଯୋଗୁଁ ବହୁ ଘର, ଚାଷଜମି, ଫସଲ ଓ ଗ୍ରାମୀଣ ଭିତ୍ତିଭୂମି କ୍ଷତିଗ୍ରସ୍ତ ହେଉଥିବା ସତ୍ତ୍ୱେ ଦୁର୍ଗମ ଅଞ୍ଚଳରେ ଠିକ୍ ସମୟରେ କ୍ଷୟକ୍ଷତି ଆକଳନ ନହେବା ଏବଂ ଅନେକ ପ୍ରଭାବିତ ପରିବାର SDRF/NDRF ସହାୟତାରୁ ବଞ୍ଚିତ ରହୁଥିବା ଅଭିଯୋଗ ଦୃଷ୍ଟିଗୋଚର ଅଛି କି, ଯଦି ହଁ, ଗତ ୩ ବର୍ଷରେ ଉକ୍ତ ୪ଟି ବ୍ଲକରେ କେତେ ଘର, କେତେ ହେକ୍ଟର ଚାଷଜମି ଓ କେତେ ଗ୍ରାମୀଣ ରାସ୍ତା କ୍ଷତିଗ୍ରସ୍ତ ହୋଇଛି, କେତେ ପରିବାରଙ୍କୁ କ୍ଷତିପୂରଣ ମିଳିଛି ଏବଂ କେତେ ଆବେଦନ ବିଚାରାଧୀନ ରହିଛି, ଏହି ଦୁର୍ଗମ ଅଞ୍ଚଳଗୁଡ଼ିକରେ ସ୍ୱତନ୍ତ୍ର କ୍ଷୟକ୍ଷତି ସର୍ଭେ ଓ ସମୟବଦ୍ଧ କ୍ଷତିପୂରଣ ବ୍ୟବସ୍ଥା ପାଇଁ କ'ଣ ପଦକ୍ଷେପ ଗ୍ରହଣ କରିବେ ?

ଜମି ଆବଣ୍ଟନରେ ବିଳମ୍ବ

2435 ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର, ନାରାୟଣପାଟଣା, ବନ୍ଧୁଗାଁ ଓ ଦଶମନ୍ତପୁର ବ୍ଲକର ବହୁ ଜମିହୀନ ଆଦିବାସୀ ପରିବାର ଦୀର୍ଘବର୍ଷ ଧରି ନିଜସ୍ୱ ଘରଡିହ ଜମି ଓ ସରକାରୀ ପଟ୍ଟାରୁ ବଞ୍ଚିତ ରହିଥିବା ସତ୍ତ୍ୱେ Vasundhara Scheme ଅଧୀନରେ ଯୋଗ୍ୟ ହିତାଧିକାରୀଙ୍କୁ ଜମି ଆବଣ୍ଟନରେ ବିଳମ୍ବ ହେଉଥିବା ଅଭିଯୋଗ ଦୃଷ୍ଟିଗୋଚର ଅଛି କି, ଯଦି ହଁ, ଉକ୍ତ ୪ଟି ବ୍ଲକରେ ଗତ ୫ ବର୍ଷରେ କେତେ ଜମିହୀନ ପରିବାର ଚିହ୍ନଟ ହୋଇଛନ୍ତି, କେତେ ପରିବାରଙ୍କୁ ୪ ଡେସିମିଲ୍ ଘରଡିହ ପଟ୍ଟା ମିଳିଛି ଏବଂ କେତେ ଯୋଗ୍ୟ ପରିବାର ଏବେ ବି ପଟ୍ଟା ଅପେକ୍ଷାରେ ଅଛନ୍ତି, ଅବଶିଷ୍ଟ ଯୋଗ୍ୟ ପରିବାରଙ୍କୁ ଜମି ପ୍ରଦାନ ପାଇଁ କ'ଣ ସମୟବଦ୍ଧ ପଦକ୍ଷେପ ନେବେ ?

ଟୋଲ ଟ୍ୟାକ୍ସ ଉଚ୍ଛେଦ

2436 ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):

ପରିବହନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରୋଡ଼ Tax ଦେବାପରେ ମଧ୍ୟ Toll Tax ଆଦାୟ କରାଯାଉଅଛି ଯାନବାହନ ପାଇଁ Toll Tax ଉଚ୍ଛେଦ କରିବେ କି ; ଟୋଲ ଟାକ୍ସ ଆଦାୟ କରିବା ଉଦ୍ଦେଶ୍ୟ କ'ଣ ; ଏଥିପାଇଁ କେଉଁ ନିୟମ ରହିଛି, ଏହି ସମସ୍ୟା ଉଚ୍ଛେଦ କରିବା ପାଇଁ କୋହଳ ନୀତି ଅବଲମ୍ବନ ଗ୍ରହଣ କରିବେ କି ?

ISS ର ପ୍ରକଳ୍ପ Cost ଏବଂ Tender ପ୍ରକ୍ରିୟା

2437 ଶ୍ରୀ ନଳିନୀ କାନ୍ତ ପ୍ରଧାନ (ଆଠମଲ୍ଲିକ):

ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବର୍ତ୍ତମାନ ସୁଦ୍ଧା କେତୋଟି ISS କାର୍ଯ୍ୟର Tender Finalise ହେଲାଣି ଏବଂ ତନ୍ମଧ୍ୟରୁ କେତୋଟିର କାର୍ଯ୍ୟ ଆରମ୍ଭ ହେଲାଣି; (ଖ) କିଆକଟାଠାରେ ନିର୍ମାଣ ହେବାକୁ ଥିବା ISS ର ବର୍ତ୍ତମାନ ସୁଦ୍ଧା ସ୍ଥିତି କଣ ଏବଂ ତାର ପ୍ରକଳ୍ପ Cost କେତେ ଏବଂ କେବେସୁଦ୍ଧା ତାର Tender ପ୍ରକ୍ରିୟା ଆରମ୍ଭ ହେବ ?

ମୁଖ୍ୟମନ୍ତ୍ରୀ ବସ ସେବାର ଅଧିକ ସମ୍ପ୍ରସାରଣ

2438 ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):

ପରିବହନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ମୁଖ୍ୟମନ୍ତ୍ରୀ ବସ୍ ସେବାର ଅଧିକ ସମ୍ପ୍ରସାରଣ ପାଇଁ ସରକାରଙ୍କ ନିକଟରେ କି ପ୍ରସ୍ତାବ ବା ଯୋଜନା ରହିଛି; ଏହି ସେବାରେ ଆଗାମୀ ଦିନରେ ଆଉ କେତୋଟି ବସ୍ ଯୋଗ କରିବାକୁ ଯୋଜନା ରହିଛି ଏବଂ ଜିଲ୍ଲାୱାରୀ କେତୋଟି ନୂତନ ବସ୍ ଚଳାଚଳ କରିବାକୁ ଲକ୍ଷ୍ୟ ରଖାଯାଇଛି ଗ୍ରାମାଞ୍ଚଳ, ଦୁର୍ଗମ ଓ ପାହାଡ଼ିଆ ଅଞ୍ଚଳର ଅଧିକ ଲୋକଙ୍କୁ ଏହି ସେବାରେ ସାମିଲ କରିବା ପାଇଁ ନୂତନ ବସ୍ ରୁଟ୍ ଚିହ୍ନଟ, ବସ୍ ସଂଖ୍ୟା ବୃଦ୍ଧି ଓ ସେବାର ସମ୍ପ୍ରସାରଣ ନିମନ୍ତେ ସରକାରଙ୍କ ବିସ୍ତୃତ କାର୍ଯ୍ୟଯୋଜନା ଓ ସମୟସୀମା କ'ଣ ?

Number of Cases relating to illegal transfer of ST Land

2439 ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) the number of cases relating to illegal transfer and unauthorised occupation of Scheduled Tribe land detected during the last three years, district-wise; (b) the number of cases in which land has been restored to the original ST landholders; and the reasons for pendency of restoration cases and the steps taken for their early disposal?

Construction of Permanent Cyclone Shelter

2440 ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Whether the Government is aware that Gumma Block of Gajapati District is a hilly, tribal dominated and disaster prone region, with several areas identified as highly vulnerable to landslides and cyclones 2. Whether it is a fact that no permanent cyclone shelter or multi purpose disaster shelter has been constructed or made functional in Gumma Block till date, despite its vulnerability to recurring natural disasters If so, what are the reasons for the non construction of such critical disaster management infrastructure, and what steps are being taken to address the safety concerns of the local tribal population and Whether the Government has any proposal or budgetary provision for constructing multi purpose cyclone/landslide shelters in Gumma Block if so, what are the details, sanctioned funds, and timeline for completion?

Discontinuation of the Bus Service

2441 ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):

ପରିବହନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Whether the Government is aware that the daily OSRTC bus service between Bhawanipatna and Visakhapatnam has been discontinued for the past several months, causing hardship to passengers, including patients, students, employees, and the general public what is the actual reason for discontinuation of the Bhawanipatna-Visakhapatnam bus service, whether the Government has any proposal to restore the daily bus service on this route and if so, by what timeline is the service expected to resume?

ଜିଲ୍ଲାୱାରୀ କ୍ଷୟକ୍ଷତିର ଆକଳନ ରିପୋର୍ଟ

2442 ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତ ଆର୍ଥିକ ବର୍ଷରେ ବନ୍ୟା ଯୋଗୁଁ ରାଜ୍ୟର କେତୋଟି ଜିଲ୍ଲାର କେତେ ହେକ୍ଟର ଧାନ ଓ ଅଣଧାନ ଫସଲ ଆଂଶିକ ଓ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି ଏହାର ଜିଲ୍ଲାୱାରୀ କ୍ଷୟକ୍ଷତି ଆକଳନ ତଥ୍ୟ ଦେବେ କି, ଫସଲ କ୍ଷୟକ୍ଷତି ଆକଳନରେ ପ୍ରକୃତ କ୍ଷତିଗ୍ରସ୍ତ ଚାଷୀଙ୍କୁ ବାଦ୍ ଦେବା ଓ ଅନିୟମିତତା ଅଭିଯୋଗର ନିରପେକ୍ଷ ଯାଞ୍ଚ ପାଇଁ ସରକାର କି ସ୍ୱତନ୍ତ୍ର ତଦନ୍ତ ଓ ଅଭିଯୋଗ ସମାଧାନ ବ୍ୟବସ୍ଥା କରିଛନ୍ତି, SDRF/NDRF ନିୟମ ଅନୁଯାୟୀ କେତେ ଟଙ୍କାର Input Subsidy ମଞ୍ଜୁର ହୋଇଛି ଏବଂ କେତେ ପ୍ରକୃତ କ୍ଷତିଗ୍ରସ୍ତ ଚାଷୀଙ୍କୁ କେତେ ପ୍ରତିଶତ ସହାୟତା DBT ମାଧ୍ୟମରେ ମିଳିଛି, ଏହାର ଜିଲ୍ଲାୱାରୀ ହିସାବ ଦେବେ କି ?
